ବର୍ଷ-୨୬, ସଂଖ୍ୟା-୮୫
ଭୁବନେଶ୍ୱର
୨୯, ମାର୍ଚ୍ଚ, ୨୦୨୬ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 85
Bhubaneswar
29 March, 2026 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

## ସରକାରୀ କର୍ମଚାରୀ ପଢ଼ିବେ ଏଆଇ ପାଠ୍ୟକ୍ରମ

**ଭୁବନେଶ୍ୱର, ୨୮।୩ (ମହାଭାରତ):** ସରକାରୀ କର୍ମଚାରୀ ପଢ଼ିବେ ଏଆଇ ଓ ସାଇବର ସୁରକ୍ଷା ପାଠ୍ୟକ୍ରମ। ଏଆଇ ଓ ସାଇବର ସୁରକ୍ଷା ପାଠ୍ୟକ୍ରମ ଶେଷ କରୁଥିବା କର୍ମଚାରୀଙ୍କ ବଢ଼ିବ ରାଜ୍ୟର ରାଙ୍କିଂ। ପ୍ରତି ମାସରେ ଅତିକମରେ ଗୋଟିଏ ପାଠ୍ୟକ୍ରମ ପଢ଼ିବେ। ରାଜ୍ୟର ରାଙ୍କିଂକୁ ଉନ୍ନତ କରିବା ପାଇଁ, ତିନୋଟି ପ୍ରମୁଖ କ୍ଷେତ୍ରରେ କାର୍ଯ୍ୟଦକ୍ଷତାକୁ ସୁଦୃଢ଼ କରିବାକୁ ପଡ଼ିବ। ସକ୍ରିୟ ଉପଭୋକ୍ତାଙ୍କ ବିଭାଗୀୟ କଭରେଜ୍ ବୃଦ୍ଧି କରିବା । ଗୋଟିଏରୁ ଅଧିକ ପାଠ୍ୟକ୍ରମ ସମାପ୍ତ କରୁଥିବା କର୍ମଚାରୀଙ୍କ ରାଙ୍କିଂକୁ ବୃଦ୍ଧି କରାଯିବ। ସରକାରୀ ତଥ୍ୟ ଅନୁଯାୟୀ ମାର୍ଚ୍ଚ ୨୨୬ ସୁଦ୍ଧା ୩ ଲକ୍ଷ ୮୮ ହଜାର ୮୫୪ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ୧୮ ଲକ୍ଷ ୮୦ ହଜାର ୩୩୨ ଜଣ କର୍ମଚାରୀ ପଞ୍ଜିକୃତ ହୋଇଛନ୍ତି। ଯେଉଁମାନଙ୍କ ମଧ୍ୟରୁ ୧୨ ଲକ୍ଷ ୪୫ ହଜାର ୯୫୬ ଜଣ ଏଆଇ ସମ୍ପର୍କିତ ପାଠ୍ୟକ୍ରମ ଶେଷ କରିସାରିଛନ୍ତି।

## ଶେଷ ହେଲା ଯୁକ୍ତ ୨ ପରୀକ୍ଷା

**ଭୁବନେଶ୍ୱର, ୨୮।୩ (ମହାଭାରତ):** ସିଏଚଏସଇ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଶନିବାର ଶେଷ ହୋଇଛି। ଯୁକ୍ତ ୨ ର କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ବିଷୟରେ ୪ ଲକ୍ଷ ୧୬୨୩ ପରୀକ୍ଷାର୍ଥୀ ଫର୍ମ ଫିଲ୍ ଅପ୍ କରିଥିଲେ । ପରୀକ୍ଷାରେ ୫୦୩୧ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ବେଳେ ୩ ଲକ୍ଷ ୯୬ ହଜାର ୫୯୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ଅନ୍ୟପକ୍ଷରେ ଏପ୍ରିଲ ୨ ତାରିଖରୁ ଖାତା ଦେଖା ପ୍ରକ୍ରିୟା ଆରମ୍ଭ ହେବ। ୨ ଟି ପର୍ଯ୍ୟାୟରେ ମୂଲ୍ୟାଙ୍କନ ସରିବ। ଏପ୍ରିଲ ୨ ରୁ ୧୩ ତାରିଖ ଯାଏ ପ୍ରଥମ ପର୍ଯ୍ୟାୟରେ ଖାତା ଦେଖାଯିବ ଏବଂ ଦ୍ୱିତୀୟ ପର୍ଯ୍ୟାୟ ରେ ୧୫ ଏପ୍ରିଲ ରୁ ୨୬ ଏପ୍ରିଲ ମଧ୍ୟରେ ଖାତା ଦେଖା ସରିବ। ୪୫ ଦିନ ଭିତରେ ରେଜଲ୍ଟ ପ୍ରକାଶ କରିବାକୁ ସିଏଚଏସଇ ପ୍ରସ୍ତୁତି କରୁଛି ବୋଲି କହିଛନ୍ତି ପରୀକ୍ଷା ନିୟନ୍ତ୍ରକ।

## ପରକ୍ରିୟା ପ୍ରୀତିକୁ ନେଇ ହତ୍ୟା

**ହରିଚନ୍ଦନପୁର, ୨୮।୩ (ମହାଭାରତ):** ପରକ୍ରିୟା ପ୍ରିତିକୁ ନେଇ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଯାଇଛି । କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ପିଟାପିଟି ଗ୍ରାମର ଭାଗିରଥି ପଲେଇ (୪୫)ଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଥିବା ହରିଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଶୁକ୍ରବାର ରାମ ନବମୀ ଅବସରରେ ସନ୍ଧ୍ୟା ସମୟରେ କିସାନ ସାହିର ଜୈନିକ ମହିଳାଙ୍କ ଘରକୁ ନିଜ ଘରେ ସ୍ତ୍ରୀଙ୍କୁ ଏକ ଲକ୍ଷ ଟଙ୍କା ଆଣିବି କହି ଘରୁ ବାହାରିଥିଲେ ଭାଗିରଥି କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ । ପରିବାର ଲୋକ ରାତିରେ ଅନେକ ଖୋଜା ଖୋଜି କରିବା ପରେ ତାଙ୍କୁ ପାଇ ନଥିଲେ । ଆଜି ଭୋର ସମୟରେ ଗାଁ ପାଖରେ ଥିବା ଜମିରେ ତାଙ୍କର ମୃତ ଶରୀର ଠାବ କରାଯାଇଥିଲା । ତେବେ ମୃତ ବ୍ୟକ୍ତିଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିବା ଦେଖିବାକୁ ମିଳିଥିଲା ।

ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ଜନୈକା ମହିଳାଙ୍କ ସହିତ ପ୍ରେମ ସମ୍ପର୍କକୁ ନେଇ ଥାନାରେ ଅଭିଯୋଗ ହୋଇଥଲା । ଘଟଣାର ଲିଖିତ ଅଭିଯୋଗ ପାଇ ହରିଚନ୍ଦନପୁର ପୋଲିସ ଟିମ, ଘଟଗାଁର ଏସଡିପିଓ ବିଜୟ ମହାପାତ୍ର, ଥାନାଧିକାରିଣୀ ମିତାଲି ମଧୁମିତା ବିଶ୍ୱାଳ, ଜିଲ୍ଲା ସାଇଂଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

## ଗାଁ ଦାଣ୍ଡରେ ଯୁବକଙ୍କୁ ନିର୍ମମ ହତ୍ୟା

**ଭୁବନ, ୨୮।୩ (ମହାଭାରତ):** ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ କୃଷ୍ଣପୁର ଗ୍ରାମରେ ପବିତ୍ର ରାମ ନବମୀ ସନ୍ଧ୍ୟାରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି । ହତ୍ୟା କରିସାରିବା ପରେ ମୃତ ଶରୀରକୁ ପାଳନଡ଼ା ସାହାଯ୍ୟରେ ନିଆଁ ଲଗାଇ ଦେଇଥିବା ବେଳେ ଗ୍ରାମବାସୀ ଶବ ଜବତ କରି ଅଭିଯୁକ୍ତ ଆସାମୀକୁ ନିସ୍ତୁକ ମାଡ଼ ମାରି ପୋଲିସ ଜିମା ଦେଇଥିଲେ । ପ୍ରାପ୍ତ ସୂଚନାନୁଯାୟୀ ଭୁବନ ଥାନା ଅନ୍ତର୍ଗତ ବାରୁଆଁ ପଂଚାୟତ କୃଷ୍ଣପୁର ଗ୍ରାମର ତ୍ରିଲୋଚନ ମହାନ୍ତ (୪୨) ଓ ମିହିର ଓରଫ ମଂଟୁ ମହାନ୍ତ (୩୧) ପେସାରେ ଉଭୟେ ଡ୍ରାଇଭର । ମଂଟୁ ମହାନ୍ତ ଅବିବାହିତ ଓ ତ୍ରିଲୋଚନ ମହାନ୍ତ ବିବାହିତ। ଗତକାଲି ରାମ ନବମୀ ଅପରାହ୍ନ ସମୟରେ ତ୍ରିଲୋଚନ ଫୋନ୍ କରି ମଂଟୁକୁ ତାଙ୍କ ଘରକୁ ଡକାଇଥିଲା । ମଂଟୁ ପହଂଚିବାର ପ୍ରାୟ ୨ ଘଂଟା ପରେ ସନ୍ଧ୍ୟା ସମୟରେ ମଂଟୁର ମୃତ ଦେହକୁ ତ୍ରିଲୋଚନ ଘୋସାରି ଘୋସାରି ନେଇ ଘରଠାରୁ ପ୍ରାୟ ଶହେ ମିଟର ଦୂରରେ ପକାଇ ଦେବା ସହ ମଂଟୁର ମୃତଦେହ ଉପରେ ପାଳ ନଡ଼ା ପକାଇ ନିଆଁ ଲଗାଇ ପୋଡ଼ି ଦେବାକୁ ଉଦ୍ୟମ କରୁଥିବା ସମୟରେ ଗ୍ରାମବାସୀ ନିଆଁ ଲିଭାଇ ତ୍ରିଲୋଚନକୁ ନିସ୍ତୁକ ମାଡ ମାରି ଗଛରେ ବାନ୍ଧି ଦେଇଥିଲେ ।

### ଅଧାରେ ରହିଗଲା ହରିଶଙ୍କରଙ୍କ ଦର୍ଶନ

## ବସ୍ ଦୁର୍ଘଟଣାଗ୍ରସ୍ତ : ୫ ମୃତ

**ବ୍ରହ୍ମପୁର, ୨୮।୩ (ମହାଭାରତ):** ତୀର୍ଥଯାତ୍ରା ଶେଷଯାତ୍ରା ପାଲଟିବା ପରେ ବ୍ରହ୍ମପୁର ଅଞ୍ଚଳରେ ଖେଳିଯାଇଛି ଶୋକର ଛାୟା । ସାମ୍ନାକୁ ଆସୁଛି ହୃଦୟ ବିଦାରକ ଖବର । ସଞ୍ଜବେଳେ ଦିଅଁ ଦର୍ଶନ ପାଇଁ ଘରୁ ବାହାରିଥିବା ମାଆ ରାତି ପାହିବା ଆଗରୁ ଆଖି ବୁଜିବା ପରେ, ଅବେଳରେ ଅନାଥ ହୋଇଯାଇଛନ୍ତି ୨ କୁନି କୁନି ଛୁଆ । ଚିର ଦିନ ଲାଗି ସରିଯାଇଛି ସେମାନଙ୍କ ମାଆ ଡାକ । ଉଜୁଡ଼ି ଯାଇଛି ଚାରି ପରିବାର।




ନୟାଗଡ ଟାକରା ଘାଟିରେ ମର୍ମନ୍ତୁଦ ବସ୍ ଦୁର୍ଘଟଣାରେ ୫ ଜଣଙ୍କ ଜୀବନ ଯାଇଛି । ତୀର୍ଥଯାତ୍ରା ଶେଷଯାତ୍ରା ପାଲଟିବା ପରେ ବ୍ରହ୍ମପୁର ଅଞ୍ଚଳରେ ଖେଳିଯାଇଛି ଶୋକର ଛାୟା । ସାମ୍ନାକୁ ଆସୁଛି ହୃଦୟ ବିଦାରକ ଖବର । ସଞ୍ଜବେଳେ ଦିଅଁ ଦର୍ଶନ ପାଇଁ ଘରୁ ବାହାରିଥିବା ମାଆ ରାତି ପାହିବା ଆଗରୁ ଆଖି ବୁଜିବା ପରେ, ଅବେଳରେ ଅନାଥ ହୋଇଯାଇଛନ୍ତି ୨ କୁନି କୁନି ଛୁଆ । ଚିର ଦିନ ଲାଗି ସରିଯାଇଛି ସେମାନଙ୍କ ମାଆ ଡାକ । ଉଜୁଡ଼ି ଯାଇଛି ଚାରି ପରିବାର।

ଧାର ଧାର ଲୁହରେ ଭାସୁଛି, ମାଆର ଫେରିବା ବାଟକୁ ଚାହିଁ ରହିଥିବା ନିରୀହ ଆଖି । ମାଆ ଆଉ ଫେରିବନି ଜାଣି, ଥୟ ଧରୁନି ୨ଟି କଅଁଳ ମନ । ଦୁଇ ଛୁଆଙ୍କୁ ଆଇ ପାଖରେ ଛାଡି ବୁଲି ଯାଇଥିଲା ମାଆ । କହିଥିଲା ୨-୩ ଦିନ ପରେ ଫେରିଆସିବ । ହେଲେ କିଏ ଜାଣିଥିଲା, କେଇ ଘଡି ଭିତରେ ଦଇବ ଲେଖିଦେବ ଦାରୁଣ ଦୁଃଖ । ମାଆ ତ ଫେରିଲାନି, ରାତି ପାହିବା ବେଳକୁ.. ଘରେ ପହଞ୍ଚିଲା ତା ମୃତ୍ୟୁ ଖବର । ନୟାଗଡ ବସ୍ ? ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ବ୍ରହ୍ମପୁର ଧୋବାବନ୍ଧ ହୁଡାସାହିର ସୁମତି ସାହୁ । ଅନାଥ ହୋଇଯାଇଛନ୍ତି ତାଙ୍କ ୧୨ ବର୍ଷୀୟ ପୁଅ ଓ ୧୦ ବର୍ଷୀୟା ଝିଅ । ୮ ବର୍ଷ ତଳେ ମାଆ ଛୁଆଙ୍କୁ ଛାଡି ପଳାଇଥିଲେ ସୁମତିଙ୍କ ସ୍ୱାମୀ । ଏବେ ଏମାନଙ୍କ ସାହାରା କହିଲେ କେବଳ ମାମୁ ଘର । ଆଇ ଜଣେ କ୍ୟାନସର ରୋଗୀ ହୋଇଥିବା ବେଳେ, ଭଣଜା ଭାଣିଜୀର ଭବିଷ୍ୟତକୁ ନେଇ ଚିନ୍ତିତ ହୋଇପଡିଛନ୍ତି ମାମୁ ।

ପ୍ରାୟ ୬୦ ଜଣଙ୍କୁ ଧରି ବାହାରିଥିଲା ତୀର୍ଥଯାତ୍ରୀ ବସ୍ । ହରିଶଙ୍କର, ନୃସିଂହନାଥ, ଘଟଗାଁ, ଛତିଆବଟ ଓ ପୁରୀ ଯାଇ ୩ ଦିନ ପରେ ବ୍ରହ୍ମପୁର ଫେରିଥାନ୍ତା । ହେଲେ କାଳ ଜଗିଥିଲା ଘାଟି ରାସ୍ତାରେ । ୫୭ ନମ୍ବର ଜାତୀୟ ରାଜପଥରେ ଯିବା ବେଳେ ରାତି ପ୍ରାୟ ଗୋଟାଏ ବେଳକୁ ନୟାଗଡ ଟାକରା ଘାଟିରେ ଘଟିଲା ଦୁର୍ଘଟଣା । ଦ୍ରୁତଗାମୀ ବସ୍ ?ଟି ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତାକଡର ଏକ ବଡ ପଥର ଓ ଗଛକୁ ଜୋର୍ ?ରେ ଧକ୍କା ଦେବା ଫଳରେ, ବାମପଟକୁ ଓଲଟିପଡିଥିଲା । ଏଥିରେ ବସ୍ ଚାଳକଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ହୋଇଛି । ମୃତକମାନେ ହେଲେ ହରି ପାତ୍ର, ଲକ୍ଷ୍ମୀ ପାତ୍ର, ସୁପ୍ରଭା ସାହୁ, ସୁମତି ସାହୁ ଓ ଡ୍ରାଇଭର ପ୍ରବୀଣ ସାହୁ । ୩୦ରୁ ଅଧିକ ଯାତ୍ରୀ ଆହତ ହୋଇଥିବା ବେଳେ, ୧୦ ଗୁରୁତରଙ୍କୁ ନୟାଗଡ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦଶପଲ୍ଲା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି । ଦୁର୍ଘଟଣାକୁ ନେଇ ଶୋକପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

## ଏପ୍ରିଲ ୧ରୁ ନୂଆ ସୁଭଦ୍ରା ପଞ୍ଜୀକରଣ



**ଭୁବନେଶ୍ୱର, ୨୮।୩ (ମହାଭାରତ):** ରାଜ୍ୟର ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ତଥା ସ୍ୱାବଲମ୍ବନ ପାଇଁ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ 'ସୁଭଦ୍ରା ଯୋଜନା' ଅଧୀନରେ ଅଧିକ ସଂଖ୍ୟକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ସରକାରଙ୍କ ଅନୁମୋଦନ କ୍ରମେ, ଆସନ୍ତା ୦୧ ଏପ୍ରିଲ ୨୦୨୬ ରୁ ୩୦ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଏକ ମାସ ପାଇଁ 'ସୁଭଦ୍ରା ପୋର୍ଟାଲ' ମାଧ୍ୟମରେ ନୂତନ ଆବେଦନ ଗ୍ରହଣ କରାଯିବ।

୦୧ ଏପ୍ରିଲ ୨୦୨୬ ରୁ ୩୦ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଆବେଦନ ଅବଧି ରହିବ। ୦୧.୦୪.୨୦୨୬ ସୁଦ୍ଧା ଆବେଦନକାରୀଙ୍କ ବୟସ ୨୧ ବର୍ଷରୁ ୬୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଯୋଗ୍ୟ ବିବେଚିତ ହିତାଧିକାରୀମାନେ ୨୦୨୬-୨୭ ଆର୍ଥିକ ବର୍ଷରୁ ଯୋଜନାର ଅବଧି ପର୍ଯ୍ୟନ୍ତ ବାର୍ଷିକ ଦୁଇଟି କିସ୍ତିରେ ମୋଟ ୧୦,୦୦୦ ଟଙ୍କାର ସହାୟତା ରାଶି ପାଇବେ।

ଯେଉଁ ମହିଳାମାନେ ପୂର୍ବରୁ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିନାହାଁନ୍ତି, କେବଳ ସେହିମାନେ ହିଁ ଏହି ସମୟସୀମା ମଧ୍ୟରେ ନୂତନ ଭାବେ ଆବେଦନ କରିପାରିବେ। ପୂର୍ବରୁ ଆବେଦନ କରିଥିବା ମହିଳାଙ୍କ ଆବେଦନ ଗ୍ରହଣୀୟ ହେବ ନାହିଁ। ନୂତନ ଆବେଦନଗୁଡ଼ିକ ସାଧାରଣ ସେବା କେନ୍ଦ୍ର ଏବଂ ଆମ ସେବା କେନ୍ଦ୍ର ମାଧ୍ୟମରେ ସୁଭଦ୍ରା ପୋର୍ଟାଲ ଜରିଆରେ ପଞ୍ଜୀକୃତ କରାଯିବ।

ଆବେଦନ ପାଇଁ ଫର୍ମଗୁଡ଼ିକ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର (ଇଡଉ) ଏବଂ ସିଡିପିଓ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ନିଶୁଳ୍କ ଭାବେ ଉପଲବ୍ଧ ଅଛି।

ସୁଭଦ୍ରା ଯୋଜନାରୁ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ବାଦ୍ ନପଡ଼ନ୍ତି, ସେଥିପାଇଁ ସରକାର ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରିଛନ୍ତି।

## ଆକ୍ସନରେ ପୋଲିସ୍ : ପିଏସ୍ଓ ନିଲମ୍ବିତ

**ବଲାଙ୍ଗୀର, ୨୮।୩ (ମହାଭାରତ):** ପବିତ୍ର ରାମ ନବମୀ ଶୋଭାଯାତ୍ରାରେ ସର୍ବସାଧାରଣରେ ଏକାଧିକ ଥର ଗୁଳି ଫୁଟାଇ ବିବାଦୀୟ ହୋଇଛନ୍ତି ବଲାଙ୍ଗୀରଜିଲ୍ଲା ଟିଟିଲାଗଡ ବିଧାୟକ ନବୀନ ଜେନ। ପ୍ରଥମେ ନକଲି ପିସ୍ତଲ କହି କଥା ବାଆଁରାଉଥିବା ବିଧାୟକଙ୍କ ନିକଟରୁ ଅସଲି ପିସ୍ତଲ ପୁଲିସ ଜବତ କରିଛି। ଫାଙ୍କା ଗୁଳି ଚାଳନାରେ ବିଧାୟକଙ୍କ ପାଖେ ପାଖେ ରହି ସହଯୋଗ କରୁଥିବା ବ୍ୟକ୍ତିଗତ ସୁରକ୍ଷା କର୍ମୀଙ୍କୁ ନିଲମ୍ବିତ କରାଯାଇଛି। ଟିଟିଲାଗଡ ଥାନାରେ ସମସ୍ତ ପକ୍ଷଙ୍କ ନାମରେ ମାମଲା ରୁଜୁ ହୋଇଛି।

### ବିଧାୟକଙ୍କ ଫାଙ୍କା ଗୁଳି ଚାଳନା

ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ସହର ଠିକାଦାରପଡା ସ୍ଥିତ ରାଧାକୃଷ୍ଣ ମନ୍ଦିରରୁ ଶୁକ୍ରବାର ଭବ୍ୟ ଆଧାତ୍ମିକ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାକାରୀ ନଗର ପରିଭ୍ରମଣ କରୁଥିଲେ। କୁନି କୁନି ପିଲାମାନେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ଭୂମିକାରେ ସଜେଇ ହୋଇ ଏକ ସୁସଜ୍ଜିତ ରଥରେ ବସିଥିଲେ। ରାମ ନାମରେ ସମଗ୍ର ସହର ପ୍ରକମ୍ପିତ ହେଉଥିଲା। ଶତାଧିକ ପୁରୁଷ, ମହିଳା ଶୋଭାଯାତ୍ରାରେ ସାମିଲ ହୋଇ ଡିଜେ ଧୁନ୍‌ରେ ମତୁଆଲା ହୋଇ ରାସ୍ତା ସାରା ନାଚ ଗୀତରେ ମସଗୁଲ ଥିଲେ। ଶାସ୍ତ୍ରୀ ଛକରେ ଶୋଭାଯାତ୍ରା ପହଞ୍ଚିବା ପରେ ଟିଟିଲାଗଡ଼ ବିଧାୟକ ନବୀନ ଜେନା ସାମିଲ ହୋଇଥିଲେ। ବ୍ୟକ୍ତିଗତ ସୁରକ୍ଷା କର୍ମୀଙ୍କୁ ପାଖକୁ ଡାକିଥିଲେ। ଟିକେ ପଛକୁ ବୁଲି ହାତରେ କଳା ରଙ୍ଗର ପିସ୍ତଲ ଧରି ଉପରକୁ ଉଠାଇଥିଲେ।ଗୋଟିଏ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିଥିଲେ। ପରେ ପିସ୍ତଲକୁ ସର୍ବ ସମ୍ମୁଖରେ ସିନେମା ଷ୍ଟାଇଲରେ ପିସ୍ତଲକୁ ନିଜ ଅଣ୍ଟାରେ ଖୋସିଥିଲେ। କେବଳ ଶାସ୍ତ୍ରୀ ଛକ ନୁହେଁ, ପୁରୁଣା ବ୍ୟାଙ୍କ ଛକରେ ମଧ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା କ୍ଷ ବିଧାୟକ ଶ୍ରୀ ଜେ ?ନ ଉପରକୁ ଗୁଳି ଚାଳନା କରିଥିବା ବେଳେ ତାଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀ ପ୍ରେମଚନ୍ଦ ନାଗ ଗୁଳି ଚାଳନା ସମୟରେ ହାତ ଉପରକୁ କରି ଧରୁଥିବା ବି ଦେଖିବାକୁ ମିଳିଥିଲା। ସର୍ବସାଧାରଣ ଓ ଟିଟିଲାଗଡ଼ ପୁଲିସ ଉପସ୍ଥିତିରେ ବିଧାୟକ ବାରମ୍ବାର ନିଜ ପିସ୍ତଲରୁ ଗୁଳି ଚାଳନା କରୁଥିଲେ ତାହା ସମସ୍ତଙ୍କୁ ଚକିତ କରିଛି। ଉପସ୍ଥିତ ପୁଲିସ କର୍ମଚାରୀ କ'ଣ ପାଇଁ ବିଧାୟକଙ୍କୁ ଗୁଳି ଚାଳନା ନେଇ ବାରଣ କରି ନଥିଲେ ବୋଲି ପ୍ରଶ୍ନ ହେଉଛି।

ପ୍ରଥମ ଥର ପାଇଁ ଏକ ପିସ୍ତଲ ଲାଇସେନ୍ସ ନେଇ ରଖିଥିବା ବିଧାୟକ ଶ୍ରୀ ଜେନାଙ୍କୁ ଏଭଳି ଅନୁମତି ଦେଲା କିଏ ? ପୁଣି ସବୁ ସ୍ଥାନରେ ତାଙ୍କ ହାତକୁ ତାଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀ ଉପରକୁ ଟେକି ରଖୁଥିବା ଦେଖା ଯାଇଥିଲା। ଏସଂପର୍କରେ ଟିଟିଲାଗଡ଼ ବିଧାୟକ ଶ୍ରୀ ଜୈନଙ୍କ ପ୍ରତିକ୍ରିୟା ଫୋନ ଯୋଗେ ନେବାରୁ ଏହା ନକଲି ପିସ୍ତଲ ଥିଲା। ରାମ ନବମୀ ଶୋଭାଯାତ୍ରାରେ ଲୋକଙ୍କୁ ଉତ୍ସାହିତ କରିବା ପାଇଁ ଏଭଳି ଗୁଳି ଫୁଟାଇଥିବା ସେ କହିଥିଲେ। ଖବର ସଂପର୍କରେ ଖୋଳତାଡ ଓ ମାମଲା ସମ୍ବେଦନଶୀଳ ହେଉଥିବାରୁ ଜିଲ୍ଲା ପୁଲିସ ଏହାକୁ ଗୁରୁତର ସହ ନେଇଛି। ମିଳିଥିବା ସୂଚନା ଅନୁସାରେ, ବିଧାୟକ ବ୍ୟବହାର କରିଥିବା .୩୨ ବୋର୍ ପିସ୍ତଲ ପୁଲିସ ଜବତ କରିଛି।

### ଥାନା ହାଜତରୁ ଚମ୍ପଟ୍ ମାରିଲା ଅଭିଯୁକ୍ତ

## ୩ ପୋଲିସ୍ କର୍ମଚାରୀ ନିଲମ୍ବିତ

**ଯାଜପୁର, ୨୮।୩ (ମହାଭାରତ):** ଯାଜପୁର ଜିଲା ବ୍ରହ୍ମବରଦା ଥାନା ହାଜତ ପରିସରରୁ ଆଜି ଭୋର ସମୟରେ ଜଣେ ଅଭିଯୁକ୍ତ ଚମ୍ପଟ ମାରିଛି । ଯାହାକି ଜିଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଏକ ଚୋରି ମାମଲାରେ ଧର୍ମଶାଳା ଥାନା ଅନ୍ତର୍ଗତ ଉତରପ୍ରତାପ ପଂଚାୟତ ଚାନ୍ଦମୋହିନୀ ଗ୍ରାମର ଅଶୋକ ବେହେରାଙ୍କ ପୁଅ ଆଶିଷ (୨୩)ଙ୍କୁ ବ୍ରହ୍ମବରଦା ପୁଲିସ ଶୁକ୍ରବାର ବିଳମ୍ବିତ ରାତିରେ ଗିରଫ କରି ଥାନା ହାଜତରେ ରଖିଥିଲା । ତେବେ ଆଜି ଭୋର ସମୟରେ ପୁଲିସ କର୍ମଚାରୀ ଶୋଇ ପଡିବା ପରେ ଆଶିଷ କୌଶଳ କ୍ରମେ ହାଜତ ଲକର ଓ ଗେଟର ତାଲା ଖୋଲି ଫେରାର ହୋଇଯାଇଥିଲା । ଆଶିଷ ପରେ ବ୍ରହ୍ମବରଦା ଗ୍ରାମ ଭିତରକୁ ଚାଲି ଯାଇ ରାଜୀବ ରାଉତଙ୍କ ଏକ ହିରୋ ବାଇକ ନମ୍ବର (ଓଡି୦୪ଏସ ୦୭୭୯)ର ତାଲା ଭାଙ୍ଗି ଗାଡିକୁ ଷ୍ଟାର୍ଟ କରି ନେଇ ପଳାଇ ଯାଇଥିଲେ । ତେବେ ଆଶିଷ ସାମନ୍ତରାପୁର ବ୍ରାହ୍ମଣୀ ନଦୀ ବନ୍ଧ ଉପରେ ଯାଉଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ସେଠାରେ ୧୦୮ ଆମ୍ବୁଲାନ୍ସରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁତର ଅବସ୍ଥାରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ତାଙ୍କ ପିତା ଅଶୋକ କଟକ ମେଡିକାଲକୁ ପୁଅକୁ ନେବାକୁ କହି ଅଟୋରେ ବସାଇ ନେଇ ପଳାଇ ଥିଲେ । ଖବର ପାଇ ବ୍ରହ୍ମବରଦା ପୁଲିସ ପ୍ରଥମେ ଦୁର୍ଘଟଣାସ୍ଥଳ ଓ ପରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଂହଚିବା ପୂର୍ବରୁ ଅଭିଯୁକ୍ତ ସେଠାରୁ ପଳାଇ ଯାଇଥିଲା । ପୁଲିସ ଚୋରି ବାଇକକୁ ଜବତ କରିଥିଲା । ସେପଟେ ବ୍ରହ୍ମବରଦା ଗ୍ରାମର ରାଜୀବ ରାଉତ ତାଙ୍କ ବାଇକ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଖବର ପାଇ ଯାଜପୁର ରୋଡ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ବ୍ରହ୍ମବରଦା ଥାନାରେ ପଂହଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ସିସି କ୍ୟାମେରା ଫୁଟେଜ୍ ଆଧାରରେ ତଦନ୍ତ କରାଯାଇ ଯାଜପୁର ଆରକ୍ଷୀ ଅଧିକ୍ଷକ ୟସ୍ ପ୍ରତାପ ଶ୍ରୀମଲଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ତେବେ ଶ୍ରୀ ପାତ୍ରଙ୍କ ତଦନ୍ତ ରିପୋର୍ଟକୁ ଆଧାର କରି ଆରକ୍ଷୀ ଅଧିକ୍ଷକ ୟସ୍ ପ୍ରତାପ ଶ୍ରୀମଲ ଏହି ଘଟଣାରେ କର୍ତବ୍ୟରେ ଅବହେଳା ପାଇଁ ଏଏସ୍ଆଇ ଅଚ୍ୟୁତାନନ୍ଦ ଦାସ, କନେଷ୍ଟବଳ ବିଦ୍ୟାପତି ପଲେଇ ଓ ସନ୍ତୋଷ କୁମାର ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି ।




## ୭ ଦିନ କାଳବୈଶାଖୀ ଚେତାବନୀ

**ଭୁବନେଶ୍ୱର, ୨୮।୩ (ମହାଭାରତ):** କୁଆପଥର ଝଡ଼, ବଜ୍ରପାତ ଏବଂ ପବନର ସମ୍ଭାବନା ନେଇ ଅଗାମୀ ୨୪ ଘଂଟା ପାଇଁ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ ଜାରି ହୋଇଥିବା ବେଳେ ଏହାର ପରବର୍ତୀ ୬ ଦିନ ଝଡ଼, ବଜ୍ରପାତ ଏବଂ ପବନର ସମ୍ଭାବନା ନେଇ କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ ।



କୁଆପଥରଝଡ଼, ବଜ୍ରପାତ ଏବଂ ପବନର ସମ୍ଭାବନା ନେଇ ଆଗାମୀ ୨୪ ଘଂଟା ପାଇଁ ୪ ଜିଲ୍ଲା( କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ)କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଝଡ଼, ବଜ୍ରପାତ ଏବଂ ପବନର ସମ୍ଭାବନା ନେଇ ୨୩ ଜିଲ୍ଲା (ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ସୋନପୁର, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକରେ ପବନର ବେଗ ଘଂଟା ପ୍ରତି ୫୦ରୁ ୬୦ କି.ମି. ଏବଂ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ମଧ୍ୟରୁ କେତେକ ସ୍ଥାନରେ ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କି.ମି. ଏବଂ ଅତ୍ୟ କେତେକ ସ୍ଥାନରେ ପବନର ବେଗ ଘଂଟା ପ୍ରତି ୩୦ରୁ ୪୦ କି.ମି. ରହିପାରେ। ଅନୁରୂପ ଭାବେ ଝଡ଼, ବଜ୍ରପାତ ଏବଂ ପବନର ସମ୍ଭାବନା ନେଇ ୨୯ ତାରିଖ ସକାଳ ଠାରୁ ୩୦ ତାରିଖ ସକାଳ ସୁଦ୍ଧା ୧୬ ଜିଲ୍ଲା, ୩୦ ତାରିଖ ସକାଳ ଠାରୁ ୩୧ ତାରିଖ ସକାଳ ସୁଦ୍ଧା ୨୩ ଜିଲ୍ଲା, ୩୧ ତାରିଖ ସକାଳ ଠାରୁ ଅପ୍ରେଲ ୧ ତାରିଖ ସକାଳ ସୁଦ୍ଧା ୨୫ ଜିଲ୍ଲା, ଅପ୍ରେଲ ୧ ତାରିଖ ସକାଳ ଠାରୁ ୨ ତାରିଖ ସକାଳ ସୁଦ୍ଧା ୨ ଜିଲ୍ଲା, ୨ ତାରିଖ ସକାଳ ଠାରୁ ୩ ତାରିଖ ସକାଳ ସୁଦ୍ଧା ୨ ଜିଲ୍ଲା ଏବଂ ୩ ତାରିଖ ସକାଳ ଠାରୁ ୪ ତାରିଖ ସକାଳ ସୁଦ୍ଧା ୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶନିବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

## କଳକାରଖାନା ପ୍ରତିଷ୍ଠା ପାଇଁ ଜଙ୍ଗଲ ପଦା

**ଭୁବନେଶ୍ୱର, ୨୮।୩ (ମହାଭାରତ):** ରାଜ୍ୟରେ କଳ କାରଖାନା ପ୍ରତିଷ୍ଠା ପାଇଁ ବିଗତ ୫ବର୍ଷ ମଧ୍ୟରେ ୧୭୭୨ ହେକ୍ଟର ଜଙ୍ଗଲ ପଦା ହୋଇଛି । ସେହିସବୁ ସ୍ଥାନରୁ ଗଛ କାଟି ସେଠାରେ କାରଖାନା ବସାଇବାକୁ ଖୋଦ୍ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି ।

ନିକଟରେ ଜଙ୍ଗଲ ଜମିରେ କଳକାରଖାନା ସ୍ଥାପନ ନେଇ ବିଧାନସଭାରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ ଦର୍ଶାଇଛନ୍ତି ଯେ ୧୭୭୨ ହେକ୍ଟର ଜମିରୁ ଜଙ୍ଗଲ ସଫା ହୋଇଥିବାବେଳେ ଏହା ବଦଳରେ କ୍ଷତିପୂରକ ବନୀକରଣ ପାଇଁ ଜଙ୍ଗଲ ବିଭାଗକୁ ୩୬୫୦ ହେକ୍ଟର ଜମି ଯୋଗାଇ ଦିଆଯାଇଛି । ଏଥି ମଧ୍ୟରୁ ୧୮୭୩ ହେକ୍ଟର ପରିମିତ ଜମିରେ କ୍ଷତିପୂରକ ବନୀକରଣ କରାଯାଇଛି ।

ଏହି ସୂଚନା ଅନୁଯାୟୀ ଅନୁଗୁଳ, କଟକ, ଯାଜପୁର ଓ ଢେଙ୍କାନାଳ ବନଖଣ୍ଡ ଅଞ୍ଚଳରେ ୫୦ ହେକ୍ଟର ଜଙ୍ଗଲ ଜମି ଅପସାରିତ ହୋଇଥିବାବେଳେଏଠାରେ ୩୦୨୯ଟି ଗଛ କଟାଯାଇଛି । ଏହି ଅଞ୍ଚଳରେ ରେଳ ପ୍ରକଳ୍ପ ସହିତ ଗ୍ୟାସ ପାଇପ୍ ଲାଇନ ବିଛାଇବା, ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା ସହିତ ଅନ୍ୟ ଶିଳ୍ପସଂସ୍ଥା ପ୍ରତିଷ୍ଠାର ଯୋଜନା ରହିଛି।

ସେହିଭଳି ରାଉରକେଲା ସର୍କଲରେ ପାଖାପାଖି ୬୦୦ ହେକ୍ଟର ଜଙ୍ଗଲ ଜମି କଳକାରଖାନା, ଖଣି ଖାଦାନ କାମରେ ଲାଗିଛି । ଏଥିପାଇଁ ୬୦ହଜାରରୁ ଅଧିକ ଗଛ କଟାଯାଇଛି। ଭବାନୀପାଟଣା ସର୍କଲରେ ୧୫ ହେକ୍ଟର ଜଙ୍ଗଲ ଜମି ଦଖଲ ହୋଇଥିବାବେଳେଏଠାରେ ୧୨୩୩ ଟି ଗଛ କଟାଯାଇଛି। ଭୁବନେଶ୍ୱର ସର୍କଲରେ ୮୬ ହେକ୍ଟର ଜଙ୍ଗଲ ଜମି ଅପସାରିତ ହୋଇଥିବାବେଳେ ଏଠାରେ ୩୪୬୫ ଗଛ କଟାଯାଇଛି । କୋରାପୁଟ ସର୍କଲରେ ୩୮ ହେକ୍ଟର ଜଙ୍ଗଲ ଜମିରେ ୧୩୨୨ ଗଛ କଟାଯାଇଥିବାବେଳେ ବ୍ରହ୍ମପୁର ସର୍କଲରେ ୯୮୫ ହେକ୍ଟର ଜଙ୍ଗଲ ଜମିରୁ ୧୭୯୧ଟି ଗଛ କଟାଯାଇଛି। ବାରିପଦା ସର୍କଲରେ କଳ କାରଖାନା ପାଇଁ ୧୭୭୨ ହେକ୍ଟର ଜଙ୍ଗଲ ଜମି ଅଧିଗ୍ରହଣ ହୋଇଥିବାବେଳେ ଏଠାରେ ପାଖପାଖି ୭୨ହଜାର ଗଛ କଟାଯାଇଥିବା ସରକାରୀ ଭାବେ ଦର୍ଶାଯାଇଛି ।



ଜଙ୍ଗଲ ଜମିକୁ ଅନ୍ୟ କାର୍ଯ୍ୟରେ ବ୍ୟବହାର ପାଇଁ ଅନୁମତି ପାଇବାକୁହେଲେ ପ୍ରସ୍ତାବିତ ପ୍ରକଳ୍ପ ସନ୍ଦର୍ଭରେ ସ୍ଥାନୀୟ ବନ୍ୟପ୍ରାଣୀ ପରିଚାଳନା ଯୋଜନା ପ୍ରସ୍ତୁତ କରାଯାଇ କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପାଇଁ ପଠାଯାଇଥାଏ । ଉକ୍ତ ଯୋଜନାରେ ବନ୍ୟପ୍ରାଣୀ ଗତିପଥ ସୁରକ୍ଷା, ମାନବ-ବନ୍ୟପ୍ରାଣୀ ସଂଘର୍ଷ ହ୍ରାସ, ନିର୍ମାଣ ଆବଶ୍ୟକ ପ୍ରତିକାରମୂଳକ ବ୍ୟବସ୍ଥା ଓ ନିୟମିତ ନିରୀକ୍ଷଣ ବ୍ୟବସ୍ଥା ରହିଛି ଯାହା ପ୍ରକଳ୍ପ ପ୍ରତିଷ୍ଠା ସମୟରେ କଡାକଡି ଭାବେ କାର୍ଯ୍ୟକାରୀ ହୋଇଥାଏ ।

ସେହିପରି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ପରିବେଶ ଅନୁମୋଦନ ସର୍ତ୍ତାବଳୀ ଭାବେ ବନସ୍ଥାପନ, ପ୍ରଦୂଷଣ ନିୟନ୍ତ୍ରଣ, ଜଳ ଓ ଅବଶିଷ୍ଟ ବ୍ୟବସ୍ଥାପନ, ବନ୍ୟପ୍ରାଣୀ ସୁରକ୍ଷା ଓ ନିୟମିତ ନିରୀକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥାଏ। ଯାହାକୁ ପ୍ରକଳ୍ପ ପ୍ରତିଷ୍ଠା କରୁଥିବା ସଂସ୍ଥାମାନେ ମାନିବାକୁ ବାଧ୍ୟ।

## ମାଣ୍ଡିଆ ରସାବଳି



**ଆବଶ୍ୟକ ସାମଗ୍ରୀ:** ରାବିଡି ପାଇଁ ନିଅନ୍ତୁ ଗୋଟିଏ ଲିଟର କ୍ଷୀର, ମାଣ୍ଡିଆ ୩ ଚାମଚ, ସୁଜି ଗୋଟେ ଚାମଚ, ଚିନି ଗୋଟେ ଚାମଚ, ତିନୋଟି ଗୁଜୁରାତ

**ପ୍ରସ୍ତୁତି ପ୍ରଣାଳୀ:** ମାଣ୍ଡିଆ, ସୁଜି, ଚିନିକୁ ପକାଇ ମିଶାନ୍ତୁ । ଏବେ ଏଥିରେ ପାଣି ଦେଇ ଗୋଳାନ୍ତୁ । ଏବେ ସେଥିରେ ଗୁଜୁରାତି ୩ଟି ଗୁଣ୍ଡ କରି ପକାଇ ଦିଅନ୍ତୁ । ଏବେ ଏଥିରେ ଟିକେ ଲୁଣ ପକାଇ ମିଶାନ୍ତୁ ।

ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ଏବେ ଏଥିରେ ଦୁଇ ଚାମଚ ତେଲ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଛୋଟ ଛୋଟ ପିଠା ଭଳି ପ୍ୟାନରେ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଗୋଟେ ପ୍ଲେଟ ଉପରେ କାଢି ଦିଅନ୍ତୁ। ଏହା ଉପରେ ରାବିଡିକୁ ଢାଳି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମାଣ୍ଡିଆ ରସାବଳି ।

### ଖବର

## ବିରକ୍ତ କରୁଛି ଡେଟିଂ ଗୁଜବ



ଅଭିନେତ୍ରୀ ତଥା ଉଦ୍ୟୋଗୀ ମଲାଇକା ଅରୋଡ଼ାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ନିୟମିତ ବ୍ୟବଧାନରେ ଚର୍ଚ୍ଚା ଶୁଣିବାକୁ ମିଳେ। ସେ ପୂର୍ବତନ ପ୍ରେମିକ ଅର୍ଜୁନ କପୁର ହୁଅନ୍ତୁ ବା ନିକଟରେ ଅନ୍ୟ ଜଣେ ରହସ୍ୟମୟ ଯୁବକଙ୍କ ସହିତ ତାଙ୍କ ସମ୍ପର୍କ ହେଉ, ପ୍ରଶଂସକମାନେ ତାଙ୍କ ପ୍ରେମ ଜୀବନ ବିଷୟରେ ଜାଣିବାକୁ ସବୁବେଳେ ଉତ୍ସୁକ। କିଛି ଦିନ ତଳେ 'ସ୍ପ୍ଲିଟ୍ସଭିଲ୍ଲା' ତାରକା ସୋରବ ବେଦୀଙ୍କ ସହିତ ସେ ଡେଟିଂ କରୁଛନ୍ତି ବୋଲି ଗୁଜବ ଉଡୁଥିଲା। ମଲାଇକା ନିଜେ ଏ ସମ୍ପର୍କରେ କ୍ୱଚିତ୍ ନିଜର ପ୍ରତିକ୍ରିୟା ପ୍ରକାଶ କରନ୍ତି। ଏବେ କିନ୍ତୁ ସେ ଏକ ସାକ୍ଷାତ୍କାରରେ ମନ କଥା ଖୋଲି କହିଛନ୍ତି ଯେ ଏସବୁ ଗୁଜବ ବିରକ୍ତିକର। ଏଭଳି ଚର୍ଚ୍ଚାକୁ ସେ ଥଟ୍ଟାମଜା ଭାବେ ଗ୍ରହଣ କରିବା ଶିଖିଯାଇଛନ୍ତି । ଏଭଳି ଆଲୋଚନାକୁ ନେଇ ପୁଅ ଅରହାନଙ୍କ ସହିତ ମଜା କରନ୍ତି । ବାସ୍ତବରେ ମଲାଇକା ଆଜିକାଲି ଅନ୍ୟ ଜିନିଷରେ ବ୍ୟସ୍ତ ରହୁଛନ୍ତି। ଜଣେ ସ୍ୱାଧୀନ ମହିଳା ଭାବେ ନିଜ ଜୀବନକୁ ସଜାଡ଼ିବାରେ ତାଙ୍କୁ ଆତ୍ମସନ୍ତୋଷ ମିଳୁଛି। ସେ ସ୍ୱୀକାର କରିଛନ୍ତି ଯେ ଜଣେ ସାଥୀ ଥିଲେ ଜୀବନ ସୁନ୍ଦର ଲାଗେ, କିନ୍ତୁ ସେ ଏବେ ସାଥୀ ସନ୍ଧାନରେ ନାହାନ୍ତି। ନିଜ ଗୋଡ଼ରେ ଛିଡ଼ା ହୋଇଥିବା ଜଣେ ମହିଳା ହୋଇଥିବାରୁ ଗର୍ବିତ ଏବଂ ସଂପୂର୍ଣ୍ଣତା ଅନୁଭବ କରିବା ପାଇଁ ଜଣେ ପୁରୁଷ ତାଙ୍କୁ ଦରକାର ନାହିଁ ବୋଲି ସେ କହିଛନ୍ତି। ମଲାଇକା ୨୦୧୭ରେ ଅଭିନେତା ଅରବାଜ ଖାଁଙ୍କୁ ଛାଡ଼ପତ୍ର ଦେବା ପରେ ଅର୍ଜୁନ କପୁରଙ୍କ ସହିତ ଦୀର୍ଘ କାଳ ସମ୍ପର୍କରେ ଥିଲେ। ୨୦୨୪ରେ ଅର୍ଜୁନଙ୍କ ସହ ମଧ ତାଙ୍କର ସମ୍ପର୍କ ଛିଡ଼ ହୋଇଗଲା।

## ସୂର୍ଯ୍ୟଙ୍କ କିରଣରେ ରହିଛି ଏହିସବୁ ବାସ୍ତୁ ଟିପ୍ସ



ଆମ ସଂସ୍କୃତି,ପରମ୍ପରାରେ ସୂର୍ଯ୍ୟଙ୍କୁ ସକଳ ଶକ୍ତିର ଆଧାର କୁହାଯାଇଥାଏ। ତେଣୁ ସକାଳେ ଉଠିବା ମାତ୍ରେ ସମସ୍ତେ ପ୍ରାୟତଃ ସୂର୍ଯ୍ୟ ପୂଜା କରିଥାନ୍ତି । ସୂର୍ଯ୍ୟ ଦେବତା ମନସ୍କାମନା ପୂର୍ଣ୍ଣ କରିଥାନ୍ତି ବୋଲି ଶାସ୍ତ୍ରରେ ମାନ୍ୟତା ରହିଛି । ତେବେ ଶାସ୍ତ୍ର ପରି ଜ୍ୟୋତିଷ ଓ ବାସ୍ତୁ ଶାସ୍ତ୍ରରେ ମଧ୍ୟ ସୂର୍ଯ୍ୟଙ୍କର ମହତ୍ତ୍ୱ ରହିଛି। ବାସ୍ତୁ ଅନୁସାରେ ,ଗୃହରେ ସୂର୍ଯ୍ୟ କିରଣ ପଡିବା ଦ୍ୱାରା ନକାରାତ୍ମକ ଶକ୍ତିର ବିନାଶ ହୋଇଥାଏ । ଏହା ସ୍ୱାସ୍ଥ୍ୟ ଲାଗି ମଧ୍ୟ ଭଲ ହୋଇଥାଏ । ସୂର୍ଯ୍ୟ କିରଣକୁ ନେଇଥିବା କିଛି ବାସ୍ତୁ ଟିପ୍ସ ସମ୍ପର୍କରେ ଆସନ୍ତୁ ଜାଣିବା ।

ସୂର୍ଯ୍ୟଙ୍କ କିରଣକୁ ଶକ୍ତିର ଉତ୍ସ ବୋଲି କୁହାଯାଏ । ଯେଉଁ ଘରେ ସୂର୍ଯ୍ୟ କିରଣ ପଡେନାହିଁ,ସେଠାରେ ବାସ୍ତୁ ଦୋଷ ଉତ୍ପନ୍ନ ହୋଇଥାଏ । ଭୋର ୪ଟାରୁ ୬ଟା ପର୍ଯ୍ୟନ୍ତ ସମୟକୁ ବ୍ରାହ୍ମ ମୁହୂର୍ତ୍ତ କୁହାଯାଇଥାଏ । ଏହି ସମୟରେ ସୂର୍ଯ୍ୟ ଅସୀମ ଉର୍ଜାର ଭଣ୍ଡାର ହୋଇଥାନ୍ତି । ଏହି ସମୟରେ ସୂର୍ଯ୍ୟ ଦେବତା ଐଶାନ୍ୟ କୋଣରେ ଅବସ୍ଥାପିତ ହୋଇଥାନ୍ତି । ତେଣୁ ଘରର ଐଶାନ୍ୟ କୋଣରେ ଠାକୁର ଘର କମ୍ବା ଅଧ୍ୟୟନ କକ୍ଷ ରହିବା ଉଚିତ୍ । ରାତି ୯ଟାରୁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ କୋଣରେ ରହିଥାନ୍ତି । ତେଣୁ ଏଦିଗରେ ଗ୍ୟାରେଜ,ଗୋଶାଳା ଆଦି ରହିବା ଉଚିତ ।

ବାସ୍ତୁରେ ଏହା ମଧ୍ୟ କୁହାଯାଇଛି ଯେ ଆପଣଙ୍କ ବାଥରୁମ୍ ଓ ରୋଷେଇ ଘରେ ମଧ୍ୟ ସୂର୍ଯ୍ୟଙ୍କର କିରଣ ଯେପରି ପଡେ,ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଏହାଦ୍ୱାରା ଆପଣଙ୍କ ଜୀବନରୁ ଅଶୁଭ ଗ୍ରହ ଦୋଷ ଦୂର ହୋଇଥାଏ ।

## କୋଲେଷ୍ଟର କମ୍ କରେ ନାସପାତି

ଆପଣମାନେ ହୁଏତ ପ୍ରତିଦିନ ସେଓ ଖାଉଥିବେ। କିନ୍ତୁ ପ୍ରତିଦିନ ନାସପାତି ଖାଉଥିବା ଲୋକ ଖୁବ୍ କମ୍। ସେଓ ଭଳି ଆଉ ଏକ ଫଳ ହେଉଛି ନାସପାତି । ଏଥିରେ ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ରହିଥାଏ । କିନ୍ତୁ କ'ଣ ଆପଣ ଜାଣନ୍ତି କି, ନାସପାତି ଖାଇବା ଅନ୍ୟ ଫଳ ତୁଳନାରେ ଅଧିକ ଫାଇଦା ରହିଥାଏ । ଆସନ୍ତୁ ଜାଣିବା କ'ଣ ରହିଛି ନାସପାତିର ଫାଇଦା...

ନାସପାତିର ଭରପୂର ମାତ୍ରାରେ ଫାଇବର ରହିଥାଏ । ଫାଇବର ଯୋଗୁଁ ପାଚନ ତନ୍ତ୍ର ମଜବୁତ ହୋଇଥାଏ । ନାସପାତିରେ ଥିବା ପୋକଟିନ ନାମକ ତତ୍ତ୍ୱ କୋଷ୍ଠକାଠିନ୍ୟ ସମସ୍ୟା ପାଇଁ ରାମବାଣ ହୋଇଥାଏ ।



ନାସପାତି ଚୋପାର ମଧ୍ୟ ଅନେକ ଫାଇଦା ରହିଥାଏ । ଏହାର ଚୋପାରେ ୩-୪ ଗୁଣା ଅଧିକ ଫାଇଟୋନ୍ୟୁଟ୍ରିଏଣ୍ଟନ୍ସ ରହିଥାଏ । ଯାହା ଶରୀରର ଇମ୍ୟୁନିଟ୍ ବଢାଇଥାଏ । ଏହାକୁ ଖାଇବା ଦ୍ୱାରା କ୍ୟାନସର ଏବଂ ହୃଦ ସମ୍ବନ୍ଧୀୟ ରୋଗ ଆଶଙ୍କା କମ୍ ହୋଇଥାଏ ।

ନାସ ପାତିରେ ପ୍ରଚୁର ମାତ୍ରାରେ ଆଇରନ ରହିଥାଏ । ଯାହା ହିମୋଗ୍ଲୋବିନର ସ୍ତର ବଢାଇଥାଏ । ଏନିମିୟା ଗ୍ରସ୍ତ ରୋଗୀଙ୍କୁ ସୁରକ୍ଷା ଦେଇଥାଏ ନାସପାତି ।

ନାସପାତିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନର ଉଚିତ ମାତ୍ରା ରହିଛି, ଯାହା ରୋଗ ପ୍ରତିରକ୍ଷା ପ୍ରଣାଳୀକୁ ସୁଧାରିଥାଏ ଏବଂ ବିଭିନ୍ନ ରୋଗ ସହିତ ଲଢିବା ପାଇଁ ଶକ୍ତି ଯୋଗାଇଥାଏ ।

ନାସପାତିରେ ପୋକଟିନ୍ ରହିଛି, ଯାହା କୋଲେଷ୍ଟ୍ରଲକୁ କମ୍ କରିବାରେ ସହାୟକ ହୋଇଥାଏ । ଯଦି ଆପଣଙ୍କୁ ଭୋକ ବାରମ୍ବାର ଲାଗୁଛି, ତେବେ ନାସପାତି ଖାଆନ୍ତୁ । ଏଥିରେ ଥିବା ଫାଇବର ଆପଣଙ୍କ ପେଟକୁ ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ । ଫାଇବର ଛଡା ଏଥିରେ ଭିଟାମିନ ସି, ଆଇରନ ଏବଂ ମ୍ୟାଗ୍ନେସିୟମ ଭରପୂର ମାତ୍ରାରେ ରହିଥାଏ ।

## ମହାଦେବଙ୍କ ତୃତୀୟ ନେତ୍ର ଖୋଲିଲେ କ'ଣ ହେବ ?



ମହାଦେବଙ୍କ ତୃତୀୟ ନେତ୍ର କାହାକୁ ଦର୍ଶାଏ ? ଯଦି ଏହା ଖୋଲିଯିବ ତେବେ କ'ଣ ହେବ ? ଆଜି ଜାଣନ୍ତୁ ଏହାକୁ ନେଇ କ'ଣ କହୁଛି ବେଦଶାସ୍ତ୍ର ତ୍ରିଦେବଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛନ୍ତି ଭୋଳାଶଙ୍କର। ଯିଏ ନିଜ ଭକ୍ତଙ୍କୁ ବହୁତ ଭଲ ପାଆନ୍ତି। ସେମାନଙ୍କ କଷ୍ଟକୁ ହରଣ କରନ୍ତି। ଭୋଳା ବାବା ଅଧର୍ମକୁ ସହି ପାରନ୍ତି ନାହିଁ। ଧର୍ମର ପ୍ରତିଷ୍ଠାରେ ସବୁ ଦେବତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଥିବା ବେଳେ ଶିବଙ୍କର ସ୍ଥାନ ଖୁବ ଉଚ୍ଚରେ ରହିଛି। ସତୀ ଏବଂ ପାର୍ବତୀଙ୍କ ପତି ଭଗବାନ ଶଙ୍କରଙ୍କୁ ସଦାଶିବଙ୍କ କାରଣରୁ ଶିବ ମଧ କୁହାଯାଇଥାଏ। ସନତାନ ଧର୍ମର ପ୍ରମୁଖ ଆଦି ପଞ୍ଚ ଦେବତାଙ୍କ ମଧରେ ଭଗବାନ ଶଙ୍କରଙ୍କ ସ୍ଥାନ ରହିଛି। ସେହିଭଳି ଶଙ୍କରଙ୍କୁ ଦେବାଧି ଦେବ ମହାଦେବ ମଧ କୁହାଯାଇଥାଏ। ଭଗବାନ ଶିବ ଯେତିକି ଶୀଘ୍ର ପ୍ରସନ୍ନ ହୁଅନ୍ତି ସେତିକି ଶୀଘ୍ର କ୍ରୋଧିତ ମଧ ହୋଇଥାନ୍ତି। ସବୁ ଦେବତାଙ୍କ ମଧରୁ ମହାଦେବ ପ୍ରଚଣ୍ଡ ରାଗି । ସବୁ ଦେବତାଙ୍କୁ ପ୍ରସନ୍ନ କରିବା ପାଇଁ ବଡ ବଡ ପୂଜା କରାଯାଇଥାଏ । କିନ୍ତୁ ଭାଗବାନ ଶିବ କେବଳ ଶିବଲିଙ୍ଗରେ ଶ୍ରଦ୍ଧାର ସହ ଜଳ ଅର୍ପଣ କଲେ ମଧ ପ୍ରସନ୍ନ ହୋଇ ନିଜ ଭକ୍ତଙ୍କ କଲ୍ୟାଣ କରିଥାନ୍ତି । ଭଗବାନ ଶିବଙ୍କ ମଥାରେ ତୃତୀୟ ନୟନ ଥିବା କଥା ପୁରାଣରେ ଅଛି । ସେ ତୃତୀୟ ନୟନରେ ସବୁକିଛି ଦେଖିପାରନ୍ତି । ଯେତେବେଳେ ଶିବ ନିଜ ତୃତୀୟ ନୟନ ଖୋଲନ୍ତି ସେଥିରୁ ବହୁତ ତୀକ୍ଷ୍ଣ ଆଲୋକ ବାହାରିଥାଏ । ସେହି ଆଲୋକରେ ସବୁ ଭସ୍ମ ହୋଇଯାଏ ।ଏଭଳି ସ୍ଥିତିରେ ଶିବ ଯେକୌଣସି ଜାଗାକୁ ଦେଖିପାରନ୍ତି ଏବଂ କାହା ସହ ମଧ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନା କରିପାରିଥାନ୍ତି । ଭଗବାନ ଶିବଙ୍କ ତୃତୀୟ ନୟନକୁ ପ୍ରଳୟ ବୋଲି କୁହାଯାଏ। ଭଗବାନ ଶିବଙ୍କ ତୃତୀୟ ନୟନରୁ ବାହାରୁଥିବା କ୍ରୋଧ ଅଗ୍ନିରେ ପୃଥିବୀ ଧ୍ୱଂସ ହୋଇଯିବ । ଶିବଙ୍କ ୩ଟି ଆଖିର ଗୁଣ ଅଲଗା ଅଲଗା । ଭଗବାନ ଶିବଙ୍କ ତୃତୀୟ ନୟନ ତାଙ୍କ ମଥାରେ ଥାଏ ଯେଉଁଥିପାଇଁ ତାଙ୍କୁ ତ୍ରିନେତ୍ର କୁହାଯାଇଥାଏ । ଗୋଟିଏ ନୟନକୁ ଚନ୍ଦ୍ର, ଦ୍ୱିତୀୟକୁ ସୂର୍ଯ୍ୟ ଏବଂ ଶିବଙ୍କ ତୃତୀୟ ଚକ୍ଷୁ ଆଜ୍ଞାଚକ୍ର ବୋଲି କୁହାଯାଏ ।ବେଦ ଶାସ୍ତ୍ର ଅନୁସାରେ ଧରାପୃଷ୍ଠରେ ରହୁଥିବା ସମସ୍ତ ଜୀବଙ୍କ ୩ଟି ଚକ୍ଷୁ ରହିଛି । ୨ ଚକ୍ଷୁରେ ସମସ୍ତ ଜୀବ ଭୌତିକ ବସ୍ତୁ ଦେଖିଥାନ୍ତି ଏବଂ ତୃତୀୟ ଚକ୍ଷୁକୁ ବିବେକ ବୋଲି ବିଚାର କରାଯାଏ । କିନ୍ତୁ ତୃତୀୟ ଚକ୍ଷୁ ଦେଖାଯାଏନାହିଁ । ମହାଭାରତର ଷଷ୍ଠ ଖଣ୍ଡ ଅନୁଶାସନ ପର୍ବ ଅନୁସାରେ ଏକଦା ଭଗବାନ ଶିବ ହିମାଳୟ ପର୍ବତ ରେ ସଭା କରୁଥିଲେ। ଏଥିରେ ସମସ୍ତ ଦେବତା, ଋଷି ମୁନି ଥିଲେ। ସେହି ସମୟରେ ମାତା ପାର୍ବତୀ ସେଠାକୁ ଆସିଲେ ଓ ଭୋଳାନାଥଙ୍କ ଆଖିରେ ଦୁଇ ହାତ ରଖିଦେଲେ। ଭଗବାନ ଶିବଙ୍କ ଆଖି ଲୁଚିଯିବା କାରଣରୁ ସୃଷ୍ଟିରେ ଅନ୍ଧାର ହୋଇଗଲା। ଏମିତି ଲାଗିଲା ଯେମିତି ଭଗବାନଙ୍କ ଗୁରୁତ୍ୱ କିଛି ଆଉ ସତେ ନାହିଁ।

## ଈଶ୍ୱରଙ୍କ ନାମ ବଜ୍ର ସଦୃଶ

ସବୁ ସମୟରେ ଓ ସବୁ ଅବସ୍ଥାରେ ଶ୍ରଦ୍ଧା ତଥା ଭକ୍ତିରେ ଈଶ୍ୱରଙ୍କ ନାମ ସ୍ମରଣ କରିବା ଉଚିତ। ଈଶ୍ୱରନାମ ବଜ୍ର ସଦୃଶ, ଯାହାପର୍ବତ ପ୍ରମାଣ ପାପକୁ ମଧ୍ୟ ତରଳାଇ ଦେଇପାରେ। ଦୂରନ୍ତ ଭବରୋଗର ଏହା ଅବ୍ୟର୍ଥ ମହୌଷଧ। ସେଇ ନାମ ତୁମକୁ



ନିଶ୍ଚୟ ଶାନ୍ତି ପ୍ରଦାନ କରିବ। ମାୟାର ଅନ୍ଧକାରକୁ ବିତାଡ଼ିତ କରୁଥିବା ଜ୍ଞାନର ଉଦୟମାନ ସୂର୍ଯ୍ୟର ଆଲୋକ ପରି ହରିନାମ ଜ୍ୟୋତିର୍ମୟ, ଏହା ଯେପରି ଦୀପ୍ତିମାନ ସେହିପରି ବିଶ୍ୱମୟ ଓ ପବିତ୍ର। ପବିତ୍ର ହରିନାମକୁ ମୁହୂର୍ତ୍ତେ ମାତ୍ର ଅପବ୍ୟବହାର କରନାହିଁ। ସେହି ନାମ ସ୍ମରଣ ନ କରି ମୁହୂର୍ତ୍ତେ ମାତ୍ର ସମୟ କାଟ ନାହିଁ। ମନେରଖ ଯେ, ଏହି ହରିନାମ ଏପରି ମିଠା ଯେ, ପ୍ରହ୍ଲାଦ ଉଚ୍ଚାରଣ କଲାମାତ୍ରେ ତାହା ଶୁଣୁଥିବା ଅସୁରମାନଙ୍କର ହୃଦୟ ମଧ୍ୟ ପରିବର୍ତ୍ତିତ ହୋଇ ଯାଉଥିଲା। ହରିନାମର ଏପରି ମାଧୁରୀ ଯେ, ପ୍ରହ୍ଲାଦ ସହ ହରିନାମ ଗାଇ ଗାଇ ଅସୁର ସନ୍ତାନମାନେ ଆନନ୍ଦ ଉଲ୍ଲାସରେ ନୃତ୍ୟ କରୁଥିଲେ ।

# ଭିଏସ୍‌ଏସ୍ ନଗର ହାଟ ହେବ ପ୍ଲାଷ୍ଟିକ୍ ମୁକ୍ତ ମାର୍କେଟ୍

ଭୁବନେଶ୍ୱର,୨୮।୩ (ମହାଭାରତ): ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ ସି)ର ଆଉ ଏକ ଅଭିଯାନ । ରସୁଲଗଡ଼ ନିକଟ ମା' କୋଟିଲେଇ ହାଟକୁ ସଂପୂର୍ଣ୍ଣ ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ ମାର୍କେଟ ଭାବେ ଘୋଷଣା କରାଯିବା ପରେ ଏବେ ଭିଏସ୍ ଏସ୍ ନଗର ଓ ଡମଣା ହାଟକୁ ମଧ୍ୟ ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ ମାର୍କେଟ ଭାବେ ଘୋଷଣା କରିବାକୁ ଆରମ୍ଭ ହୋଇଛି ଉଦ୍ୟମ । ଏନେଇ ଆଜି ଭିଏସ୍‌ଏସ୍ ନଗର ହାଟ କମିଟିର ସଭାପତି ଲକ୍ଷ୍ମଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ପ୍ରଭାସିନୀ ମହାନ୍ତି, ସଂପଦାକ କୃଷ୍ଣଚନ୍ଦ୍ର ସାହୁ, ବିଏମ୍ ସି ସହକାରୀ କମିଶନର ଶ୍ରୀ ଲୋକନାଥ ବେଜ୍ ପ୍ରମୁଖ ଉପସ୍ଥିତ ଥିଲେ ।

ହାଟ କମିଟି ସଭାକକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ ମାର୍କେଟ କରିବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ମୁଖ୍ୟତଃ ଏକକ ବ୍ୟବହାର ପ୍ଲାଷ୍ଟିକ ବ୍ୟାଗର ବିକଳ୍ପ ଭାବେ କାହାକୁ ଗ୍ରହଣ କରାଯିବ ଏବଂ ଏହାର ଦାମ୍ କେତେ ରହିବ, ଛୋଟ ଛୋଟ ବ୍ୟବସାୟୀମାନେ ବିଘଟନ ଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟାଗ୍ କ୍ରୟ କରିବାକୁ କେତେଦୂର ସମର୍ଥ ହେବେ, କେଉଁଟା ବିଘଟନ ଯୋଗ୍ୟ ଏବଂ କେଉଁଟା ବିଘଟନ ଯୋଗ୍ୟ ପ୍ଲାଷ୍ଟିକ୍ ନୁହେଁ, ତାହା କିପରି ଜାଣିବେ ଇତ୍ୟାଦି ଇତ୍ୟାଦିକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଥିଲା ।



ଏକକ ବ୍ୟବହାର ପ୍ଲାଷ୍ଟିକ୍ ବଦଳରେ ବିଘଟନ ଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟାଗ୍ ବଜାରେ ବହୁଳ ପରିମାଣରେ ଉପଲବ୍ଧ ହେଉଛି । ହାଟରେ ଯେଉଁମାନେ ଏକକ ବ୍ୟବହାର ପ୍ଲାଷ୍ଟିକ ବିକ୍ରି କରୁଛନ୍ତି, ସେମାନଙ୍କୁ ସୁଲଭ ମୂଲ୍ୟରେ ତଥା ଏକକ ବ୍ୟବହାର ପ୍ଲାଷ୍ଟିକ୍ ସହିତ ପ୍ରାୟ ସମାନ ଦରରେ ପ୍ରଚୁର ପରିମାଣରେ ବିଘଟନ ଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟାଗ୍ ଯୋଗାଇ ଦିଆଯିବ ବୋଲି ବିଏମ୍ ସି ପକ୍ଷରୁ କୁହାଯାଇଛି । ସମଗ୍ର ଦେଶରେ ଏକକ ବ୍ୟବହାର ପ୍ଲାଷ୍ଟିକ୍ ବ୍ୟାନ୍ ହେବାପରେ ବିଘଟନ ଯୋଗ୍ୟ ପ୍ଲାଷ୍ଟିକ ବ୍ୟାପକ ପରିମାଣରେ ମିଳୁଛି ବୋଲି କୁହାଯାଇଛି । ତେବେ କେଉଁଟା ଅସଲି ଓ କେଉଁଟା ନକଲି ଏକକ ବ୍ୟବହାର ପ୍ଲାଷ୍ଟିକ, ତାହା ଜାଣିବା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ୱିଲ୍ ଆକ୍ସନ ଭିଜନ ଫର୍ ଏନଭାଇରନମେଣ୍ଟ ପକ୍ଷରୁ ସାର୍ଥକ ଶଙ୍କର ଭଗତ, ବିଏମ୍ ସିର ସାଇନ୍ ଟିମ୍, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଭିଏସ୍‌ଏସ୍ ନଗର ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କୁ ଅବଗତ କରାଇଥିଲେ । ଏପରିକି ପରୀକ୍ଷା କରି ମଧ୍ୟ ଦେଖାଇ ଦେଇଥିଲେ । ପରେ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ପ୍ରଭାସିନୀ ମହାନ୍ତିଙ୍କ ସହ ବିଏମ୍ ସି ସାଇନ୍ ଟିମ୍, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଭିଏସ୍‌ଏସ୍ ନଗର ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନେ ମିଳିତ ଭାବେ ହାଟ ଭିତରେ ବୁଲି ସମସ୍ତ ବ୍ୟବସାୟୀଙ୍କୁ ଏକକ ବ୍ୟବହାର ପ୍ଲାଷ୍ଟିକ୍ ବ୍ୟବହାର ନ କରିବା ପାଇଁ ବୁଝାଇଥିଲେ ।

ବିଏମ୍ ସିର ଏହି କାର୍ଯ୍ୟକ୍ରମକୁ ବିଏସ୍‌ଏସ୍ ନଗର ବ୍ୟବସାୟୀ ସଂଘ ସ୍ୱାଗତ କରିଛି । ଏଥିପାଇଁ ସେମାନେ ସମସ୍ତ ପ୍ରକାର ସହଯୋଗ କରିବା ସହ ଆଗାମୀ ଦିନରେ ଏକକ ବ୍ୟବହାର ପଲିଥିନକୁ ସଂପୂର୍ଣ୍ଣ ରୂପେ ନିଷେଧ କରାଯିବ ବୋଲି କହିଛନ୍ତି । ତେବେ ହାଟକୁ ସଂପୂର୍ଣ୍ଣ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ୧୫ ଦିନ ସମୟ ଦେବାକୁ ଅନୁରୋଧ କରିଛି କମିଟି । ଏହି ୧୫ ଦିନ ମାର୍କେଟରେ ଆଇଇସି କାର୍ଯ୍ୟ ଜାରି ରହିବ ବୋଲି ନିଷ୍ପତ୍ତି ହୋଇଛି ।

## ବିଜୁଙ୍କୁ ପ୍ରଧାନମନ୍ତ୍ରୀ କରାଇଦେଇନଥିବା ନେତା ବିଜୁ ଲିଗାସୀର କଥା କହୁଛନ୍ତି

ଭୁବନେଶ୍ୱର,୨୮।୩ (ମହାଭାରତ): ରାଜ୍ୟସଭା ନିର୍ବାଚନରେ ବିଜେପି ସମର୍ଥିତ ପ୍ରାର୍ଥୀ ଦିଲୀପ ରାୟଙ୍କ ବିଜୟ ପରେ, ରାଜ୍ୟର ଦୁଇ ପୁରୁଖା ନେତା ବିଜୟ ମହାପାତ୍ର ଓ ଶ୍ରୀ ପ୍ରଭାତ ତ୍ରିପାଠୀ ଉଲ୍ଲସିତ ହୋଇ ପଡ଼ିଥିବା ବେଳେ ବିଜୁ ଜନତା ଦଳ ଆଜି ଏଇ ଦୁଇ ନେତାଙ୍କ ବିଜୁ ବିରୋଧୀ କାର୍ଯ୍ୟ ଗୁଡିକୁ ମନେ ପକାଇ ଦେଇଛି । ୧୯୯୫ ମସିହାରେ, ଲଗାତାର ଭାବେ ବିଜୁ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଓ ୧୯୯୬ ମସିହାରେ ଦେଶର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବାର ସୁଯୋଗକୁ ଭଣ୍ଡୁର କରିବାରେ ଯେଉଁ ଚକ୍ରାନ୍ତ ହୋଇଥିଲା, ସେଥିରେ ଏଇ ଦୁଇ ନେତାଙ୍କ ସମ୍ପୃକ୍ତି ଥିଲା ବୋଲି ବିଜେଡି କହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବିଜେଡି ବିଧାୟକ ଦଳର ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ, ବିଧାୟକ ଶ୍ରୀ ବ୍ୟୋମକେଶ ରାୟ ଓ ଶ୍ରୀ ଧ୍ରୁବ ଚରଣ ସାହୁ, କୁଚକ୍ରୀ ଶ୍ରୀ ବିଜୟ ମହାପାତ୍ର ଓ ଶ୍ରୀ ପ୍ରଭାତ ତ୍ରିପାଠୀଙ୍କ ପୂର୍ବ କାର୍ଯ୍ୟକଳାପକୁ ସ୍ମରଣ କରାଇ ସେମାନଙ୍କ ଉପରେ ବର୍ଷିଥିଲେ। ଶ୍ରୀ ବ୍ୟୋମକେଶ ରାୟ କହିଥିଲେ, ୧୯୯୫ ମସିହାରେ, ବିଜୁ ପଟ୍ଟନାୟକଙ୍କ ସପକ୍ଷରେ ହାୱା ଥିବାବେଳେ ଓ ସେ ଲଗାତର ଭାବେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ ବୋଲି ବିଚାର କରାଯାଉଥିବା ବେଳେ ଏଇ ଦୁଇ ନେତା ଅନେକ ସ୍ଥାନରେ ସମାନ୍ତରାଳ ପ୍ରାର୍ଥୀ ଦେଇ ଏକ ଅପ୍ରତ୍ୟାଶିତ ପରାଜୟ କରାଇଥିଲେ । ସେହିପରି, ୧୯୯୬ ମସିହାରେ ବିଜୁ ବାବୁ ଦେଶର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ସୃଷ୍ଟି ହୋଇଥିଲା । କିନ୍ତୁ, ଓଡ଼ିଶାର କିଛି ନେତା ତାଙ୍କୁ ପ୍ରଧାନମନ୍ତ୍ରୀ କରାଇ ନଦେବା ପାଇଁ ଏକ ଚକ୍ରାନ୍ତ ରଚିଥିଲେ, ସେମାନଙ୍କ ମଧ୍ୟରେ ଏଇ ଦୁଇ ନେତା ଥିଲେ । ଶ୍ରୀ ଧ୍ରୁବ ଚରଣ ସାହୁ କହିଥିଲେ, ବିଜୁ ବାବୁଙ୍କ ବିରୋଧରେ ଚକ୍ରାନ୍ତ ରଚୁଥିବା ନେତା ମାନେ ଆଜି ବିଜୁ ଲିଗାସୀ କଥା କହୁଛନ୍ତି ।

## ଯୁଦ୍ଧ ନୁହେଁ- ଶାନ୍ତି ଚାହୁଁ ଆଲୋଚନାଚକ୍ର

ଭୁବନେଶ୍ୱର,୨୮।୩ (ମହାଭାରତ): ମାର୍ଚ୍ଚ ୨୩ ଶହୀଦ ଇ ଆଜମ୍ ଭଗତ ସିଂହଙ୍କ ଶହୀଦ ଦିବସକୁ ଦେଶବ୍ୟାପୀ ସାମ୍ରାଜ୍ୟବାଦ ବିରୋଧୀ ଦିବସ ଭାବେ ପାଳନ କରିବା ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜାତୀୟ ପରିଷଦର ଆହ୍ୱାନକ୍ରମେ ଆଜି ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରେ ବିଶ୍ୱର ପ୍ରାକୃତିକ ସମ୍ପଦ ଉପରେ ସାମ୍ରାଜ୍ୟବାଦୀ ଆମେରିକାର ଜବରଦଖଲ ଓ ଯୁଦ୍ଧ ନାମରେ ନରସଂହାର ବନ୍ଦ କରିବା ଦାବିରେ "ଯୁଦ୍ଧ ନୁହେଁ- ଶାନ୍ତି ଚାହୁଁ" ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।

ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଯୋଗଦେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜାତୀୟ ସମ୍ପାଦକମଣ୍ଡଳୀ ସଭ୍ୟ କମ୍ରେଡ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ଆମେରିକାର ଏକଛତ୍ରବାଦୀ ଯୁଦ୍ଧଖୋର ମନୋବୃତ୍ତି ସମଗ୍ର ବିଶ୍ୱକୁ ଧ୍ୱଂସ ଆଡ଼କୁ ଠେଲି ଦେଉଛି ବୋଲି ମତବ୍ୟକ୍ତ କରିଥିଲେ। ଯୁଦ୍ଧ ଅବିଳମ୍ବେ ବନ୍ଦ କରିବା ପାଇଁ ମିଳିତ ଜାତିସଂଘ ଦୃଢ଼ ପଦକ୍ଷେପ ନେବା ସହ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା କରିବା, ଇରାନ, ଭେନେଜୁଏଲା ଭଳି ରାଷ୍ଟ୍ରର ସାର୍ବଭୌମତ୍ୱ ଉପରେ ହସ୍ତକ୍ଷେପ ବନ୍ଦ କରିବା, ଜନବିରୋଧୀ ଭାରତ ଆମେରିକା ବାଣିଜ୍ୟ ଚୁକ୍ତି ବାତିଲ କରିବା ସହ ଭାରତର ବୈଦେଶିକ ନୀତିକୁ ବନ୍ଧା ପକାଇବା ଉଦ୍ୟମରୁ ଭାରତର ବିଜେପି ସରକାର ନିବୃତ ରହିବାକୁ ବକ୍ତାମାନେ ନିଜ ନିଜ ବକ୍ତବ୍ୟରେ ଦାବି କରିଥିଲେ। ଏହି ସାମରିକ ଆକ୍ରମଣ ଆନ୍ତର୍ଜାତୀୟ ଆଇନ ଓ ଜାତିସଂଘର ମୌଳିକ ନୀତିର ଗୁରୁତର ଉଲ୍ଲଙ୍ଘନ କରୁଛି। ପ୍ରଚୁର ତୈଳ ସମ୍ପଦକୁ ଆମେରିକା ଲୁଣ୍ଠନ କରିବା ପାଇଁ ଏକ ଘୃଣ୍ୟ ଏବଂ ବିପଦଜନକ ଷଡ଼ଯନ୍ତ୍ର ରଚନା କରିଛି ଓ ସମଗ୍ର ମାନବ ସଭ୍ୟତାକୁ ପରମାଣୁ ଯୁଦ୍ଧର ଭୟାବହତା ମଧ୍ୟକୁ ଠେଲିଦେବା ପାଇଁ ଉଦ୍ୟମ କରୁଛି ବୋଲି ସିପିଆଇ ପକ୍ଷରୁ ଅଭିଯୋଗ କରାଯାଇଛି।

# ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ନିରାପତା ନିମନ୍ତେ ସମୀକ୍ଷା

ଭୁବନେଶ୍ୱର,୨୮।୩ (ମହାଭାରତ): ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଗୁଡିକରେ ଅଗ୍ନି ନିରାପତା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଲୋକସେବା ଭବନ ଠାରେ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାପାଳଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରି ବିସ୍ତୃତ ଆଲୋଚନା କରିଛନ୍ତି । ମନ୍ତ୍ରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡିକର ଅଗ୍ନି ନିରାପତା ଭିତିଭୂମି ନିମନ୍ତେ ନିରୀକ୍ଷଣ, ଆବଶ୍ୟକ ଏଷ୍ଟିମେଟ ଏବଂ ସମୟସୀମା ମଧ୍ୟରେ ଶେଷ କରିବାକୁ ସମସ୍ତ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ହସ୍ପିଟାଲରେ ଅଗ୍ନି ନିରୋଧ ଓ ନିର୍ବାପନ ବ୍ୟବସ୍ଥାକୁ କଡାକଡି ଭାବେ ପାଳନ କରାଯାଉଛି । ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ, ମକ୍ ଡ୍ରିଲ, ନିୟମିତ ଯାଂଚ, ଅଗ୍ନି ନିର୍ବାପକ ବ୍ୟବସ୍ଥା ସହ ଚାଲୁ ରହିଥିବା ପ୍ରକଳ୍ପ ଶୀଘ୍ର ଶେଷ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ମାନଙ୍କରେ ଏସବୁକୁ ଗୁରୁତ୍ୱର ସହ ପାଳନ ନିମନ୍ତେ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମୀକ୍ଷା ବେଳେ ମନ୍ତ୍ରୀ ମହୋଦୟ ରୋଗୀଙ୍କ ସୁରକ୍ଷାକୁ ଧ୍ୟାନ ଦେଇ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ସମସ୍ତ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟମିତ ଭାବେ ଅଗ୍ନି ସୁରକ୍ଷା ଯାଂଚ କରାଯିବ । ସମସ୍ତ ଅଗ୍ନି ନିରାପତା ଉପକରଣ ବ୍ୟବହାର ଯୋଗ୍ୟ ରହିବା ଆବଶ୍ୟକ, ନିୟମିତ ଭାବେ ଫାୟାର ସେଫ୍ଟି ଅଡିଟ ଓ ମକ୍ ଡ୍ରିଲ୍ ଆୟୋଜନ କରାଯିବ । ଏହାସହ ଫାୟାର ସର୍ଭିସ ଓ ପୂର୍ତ୍ତ ବିଭାଗ ସହ ସମନ୍ୱୟ ରଖି ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ଶ୍ରୀ ସଞ୍ଜୟ କୁମାର ସିଂ , ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ , ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ. , କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଜାଧବ, ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ମୁଖ୍ୟ ଚିକିତ୍ସା ଅଧିକାରୀ, ଅଗ୍ନିଶମ ଅଧିକାରୀ, ମେଡିକାଲ କଲେଜର ଅଧକ୍ଷ, ସୁପରିଟେଣ୍ଡେଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ।



## ସାଇବର ଅପରାଧ ସୁରକ୍ଷା କର୍ମଶାଳା

ଭୁବନେଶ୍ୱର,୨୮।୩ (ମହାଭାରତ): ଭୁବନେଶ୍ୱର ଲକ୍ଷ୍ମୀସାଗର ସ୍ଥିତ ମହିଳା ଓ ଶିଶୁ ପ୍ରତିଷ୍ଠାନ ସମ୍ମିଳିନୀ କକ୍ଷରେ ମଙ୍ଗଳବାର ପୂର୍ବାହ୍ନରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଆନୁକୁଲ୍ୟରେ ସାଇବର ଅପରାଧରୁ ମହିଳା ମାନଙ୍କ ସୁରକ୍ଷା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ମଶାଳାକୁ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ଏହି କର୍ମଶାଳାରେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ଶ୍ରୀମତୀ ସ୍ୱୟଂପ୍ରଭା ମହାନ୍ତି, ଆଇଏଏସ, ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହିଳା ଆୟୋଗର ସଦସ୍ୟା ଶ୍ରୀମତୀ ଉର୍ମିଳା ମହାପାତ୍ର, ଶ୍ରୀମତୀ ପ୍ରତିଭା ଶତପଥି ଏବଂ ଡକ୍ଟର କଳ୍ପନା ମଲ୍ଲିକ ଉପସ୍ଥିତ ଥିଲେ।

# ବିଏମ୍‌ସିକୁ ଗ୍ଲୋବାଲ ସଷ୍ଟେନେବିଲିଟି ଆଣ୍ଡ ଇନୋଭେସନ୍ ପୁରସ୍କାର

ଭୁବନେଶ୍ୱର,୨୮।୩ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)କୁ ମିଳିଲା ଗ୍ଲୋବାଲ ସଷ୍ଟେନବିଲିଟି ଆଣ୍ଡ ଇନୋଭେସନ ପୁରସ୍କାର-୨୦୨୬ । ଜଳବାୟୁ ଅନୁକୂଳ ନବୀକରଣଯୋଗ୍ୟ ଜଳ ଭିତିଭୂମି କ୍ଷେତ୍ରରେ ଉତ୍କର୍ଷତା ଏବଂ ମଳପଙ୍କ ପ୍ରକ୍ରିୟାକରଣରୁ ସମ୍ବଳ ପୁନଃଉଦ୍ଧାର କରିବା କ୍ଷେତ୍ରରେ ଅଭିନବ ପଦକ୍ଷେପ ପାଇଁ ଏହି ପୁରସ୍କାର ମିଳିଛି । ସ୍ୱୀକୃତିପ୍ରାପ୍ତ ସ୍ଥାୟୀ ଭିତିଭୂମି ଏବଂ ଦକ୍ଷ ବର୍ଜ୍ୟ ଜଳ ପରିଚାଳନାରେ ବିଏମ୍ ସିର ପ୍ରଗତିଶୀଳ ଆଭିମୁଖ୍ୟ ପାଇଁ ଏହି ସମ୍ମାନ ଜନକ ପୁରସ୍କାର ମିଳିଛି । ନୂଆଦିଲ୍ଲୀ ଶାମଭେଟ୍ ଅଡିଟୋରିୟମଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିଏମ୍ ସିକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ଭବ୍ୟ ଉତ୍ସବରେ ପ୍ରଦତ୍ତ ଏହି ପୁରସ୍କାରକୁ ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର,ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ, ସହକାରୀ କମିଶନର ଲୋକନାଥ ବେଜ୍, ଓରେଡା ର ଉପ ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ତରାଇ ପ୍ରମୁଖ ଯୋଗଦେଇ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ବିଶ୍ୱସ୍ତରରେ ଏହି ପୁରସ୍କାର ମିଳୁଥିବାରୁ ମେୟର ଓ କମିଶନର ଖୁସି ବ୍ୟକ୍ତ କରିବା ସହ ଏହା ବିଏମ୍ ସିବାସୀଙ୍କର ବିଜୟ ଓ ଶ୍ରେୟ ସେହିମାନଙ୍କୁ ଯାଉଛି ବୋଲି କହିଛନ୍ତି । ଟିମ୍ ବିଏମ୍ ସି ସହ ସମସ୍ତ ଅଧିକାରୀ, କର୍ମଚାରୀ, କର୍ପୋରେଟର, ସ୍ୱଚ୍ଛକର୍ମୀ ଓ ସ୍ୱଚ୍ଛସାଥୀଙ୍କ ସହ ଏହି ଶ୍ରେୟ ଭୁବନେଶ୍ୱରବାସୀଙ୍କ ପାଇଁ ସମ୍ଭବ ହୋଇପାରିଛି ବୋଲି ପୁରସ୍କାର ଗ୍ରହଣ କରିବା ଅବସରରେ ସେମାନେ ମତବ୍ୟକ୍ତ କରିଛନ୍ତି। ଭୁବନେଶ୍ୱର ବାସୀଙ୍କ ସହଯୋଗ ଆମ ବିକାଶ ପ୍ରକ୍ରିୟାକୁ ଆଗେଇ ନେଉଛି , ଏହିଭଳି ସମ୍ମାନ ଆମ ଭୁବନେଶ୍ୱରର ବାସଯୋଗ୍ୟତା ମୂଲ୍ୟ ବୃଦ୍ଧି କରୁଛି ବୋଲି କହିଛନ୍ତି ମେୟର ଶ୍ରୀମତୀ ସୁଲୋଚନା ଦାସ ଏବଂ କମିଶନର ଚଞ୍ଚଳ ରାଣା ।



## ପିଏନଜି ସଂଯୋଗ ତ୍ୱରାନ୍ୱିତ ପାଇଁ ଗ୍ୟାସ୍ ଭିତିଭୂମି ଅନୁମୋଦନ ପ୍ରକ୍ରିୟା ସରଳୀକୃତ

ଭୁବନେଶ୍ୱର,୨୮।୩ (ମହାଭାରତ): ଓଡ଼ିଶାର ସହରାଂଚଳରେ ସ୍ୱଚ୍ଛ ଶକ୍ତି ଭିତିଭୂମିର ସମ୍ପ୍ରସାରଣକୁ ଶୀଘ୍ର ଶେଷ କରିବା ପାଇଁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ସିଟି ଗ୍ୟାସ୍ ବିତରଣ ପ୍ରକଳ୍ପଗୁଡ଼ିକର ଅନୁମୋଦନ ପ୍ରକ୍ରିୟାକୁ ସରଳ ଏବଂ ତ୍ୱରାନ୍ୱିତ କରିବା ପାଇଁ ବିଭାଗ ପକ୍ଷରୁ ଏକ ବିସ୍ତୃତ ନିର୍ଦ୍ଦେଶନାମା ଜାରି କରାଯାଇଛି। ରାଜ୍ୟ ସରକାରଙ୍କ ଗ୍ୟାସ୍-ଭିତିକ ଅର୍ଥନୀତିକୁ ପ୍ରୋତ୍ସାହନ ଦେବା ଏବଂ ସହରାଂଚଳରେ ସ୍ୱଚ୍ଛ ତଥା ଦକ୍ଷ ଜାଳେଣିର ଉପଲବ୍ଧତା ବୃଦ୍ଧି କରିବା ସଂକଳ୍ପକୁ ଦୋହରାଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ନୂତନ ନିର୍ଦ୍ଦେଶ ମୁତାବକ, ଭୂତଳ ପାଇପଲାଇନ ବିଛାଇବା ଏବଂ ଅନ୍ୟାନ୍ୟ ସିଜିଡି ଭିତିଭୂମି ନିର୍ମାଣ ପାଇଁ ସହରାଂଚଳ ସ୍ଥାନୀୟ ସଂସ୍ଥା ବା ୟୁଏଲବି ଗୁଡ଼ିକ କୌଣସି ଅନୁମତି ଶୁଳ୍କ ବା ପରମିଶନ ଫି ଆଦାୟ କରିବେ ନାହିଁ। ଏଥିସହିତ ଚାଲୁ ରହିଥିବା କିମ୍ବା ପୂର୍ବରୁ ମଞ୍ଜୁର ହୋଇଥିବା କାର୍ଯ୍ୟ ପାଇଁ କୌଣସି ନୂତନ ଅନୁମତିର ଆବଶ୍ୟକତା ପଡ଼ିବ ନାହିଁ, ଯାହାଦ୍ୱାରା ପ୍ରଶାସନିକ ବିଳମ୍ବ ଦୂର ହେବ ଏବଂ ପ୍ରକଳ୍ପ କାର୍ଯ୍ୟ ନିରନ୍ତର ଭାବେ ଜାରି ରହିବ। ପ୍ରକଳ୍ପର ଅଗ୍ରଗତିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ସମୟବଦ୍ଧ ଅନୁମୋଦନ ଉପରେ ଗୁରୁତ୍ୱ ଦେଇଛନ୍ତି ଏବଂ ସମସ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଆବେଦନଗୁଡ଼ିକର ତୁରନ୍ତ ଫଏସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ସିଜିଡି ପ୍ରକଳ୍ପ କାର୍ଯ୍ୟକୁ ବାଧାମୁକ୍ତ କରିବା ପାଇଁ ନିର୍ଦ୍ଦିଷ୍ଟ ସମୟରେ ରାଜପଥ ବା ରାସ୍ତା ଖୋଳିବା ଉପରେ ଥିବା କଟକଣାକୁ ମଧ୍ୟ କୋହଳ କରାଯାଇଛି। କାର୍ଯ୍ୟକାରିତାକୁ ସହଜ କରିବା ସହିତ ଏହି ପ୍ରକ୍ରିୟାରେ ଉତରଦାୟିତ୍ୱକୁ ମଧ୍ୟ ନିଶ୍ଚିତ କରାଯାଇଛି। ସମ୍ପୃକ୍ତ ସିଜିଡି ସଂସ୍ଥାଗୁଡ଼ିକ ନିଜ ଖର୍ଚ୍ଚରେ ଏବଂ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ରାସ୍ତା ଓ ଅନ୍ୟାନ୍ୟ ଭିତିଭୂମିର ପୁନରୁଦ୍ଧାର ବା ରେଷ୍ଟୋରେସନ କରିବାକୁ ବାଧ୍ୟ ରହିବେ। ରାଜ୍ୟରେ ସିଜିଡି ସମ୍ପର୍କିତ କାର୍ଯ୍ୟର ସମନ୍ୱୟ ଏବଂ ଅନୁଧ୍ୟାନ ପାଇଁ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ନୋଡାଲ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ପାଇଁ ପୂର୍ତ୍ତ ବିଭାଗ, ଜଳସମ୍ପଦ, ଶକ୍ତି ଏବଂ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ପୂର୍ଣ୍ଣ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏହି ସମସ୍ତ ପଦକ୍ଷେପ ଆଗାମୀ ଜୁନ୍ ୩୦, ୨୦୨୬ ପର୍ଯ୍ୟନ୍ତ କିମ୍ବା ପରବର୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତର ରହିବ। ଏହି ପଦକ୍ଷେପ ଓଡ଼ିଶାରେ ପିଏନଜି ସଂଯୋଗକୁ ବଢ଼ାଇବା ସହ ଏକ ସ୍ଥାୟୀ ଏବଂ ଶକ୍ତି-ଦକ୍ଷ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ।

# ୩ ନିଲମ୍ବିତ କଂଗ୍ରେସ ବିଧାୟକଙ୍କ କୁଶପୁତଳିକା ଦାହ

ଭୁବନେଶ୍ୱର,୨୮।୩ (ମହାଭାରତ): ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ମଙ୍ଗଳବାର ମାଷ୍ଟରକ୍ୟାଂଟିନ ଛକରେ ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରି ନିଲମ୍ବିତ ହୋଇଥିବା କଂଗ୍ରେସ ବିଧାୟକ ରମେଶ ଜେନା, ଦାଶରଥି ଗମାଙ୍ଗୋ ଓ ସୋଫିଆ ଫିର୍ଦ୍ଦୋଶଙ୍କର କୁଶପୁତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଧ୍ୟ ଘୋଡ଼ା ବେପାର କରିଥିବା ସାଂସଦ ଦିଲ୍ଲୀପ ରାୟଙ୍କ କୁଶପୁତଳିକାକୁ ଦାହ କରାଯାଇଥିଲା। ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର କହିଲେ ଯେ ଦିଲ୍ଲୀପ ରାୟ କେବେ ବିଜେପିରେ ନଥିଲେ କେହି ଜାଣନ୍ତି ନାହିଁ, ସେ ସ୍ୱାଧୀନ ପ୍ରାର୍ଥୀ ନୁହନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଦଳର ନୀତି, ନିଷ୍ପତି, ନିର୍ଦ୍ଦେଶ ଓ ଶୃଙ୍ଖଳାକୁ ଭଙ୍ଗକରି ଯେଉଁ ୩ ଜଣ କଂଗ୍ରେସ ବିଧାୟକ ଦିଲ୍ଲୀପ ରାୟଙ୍କୁ ରାଜ୍ୟସଭା ଭୋଟ ଦେଲେ ସେଥିରେ ଜନନାୟକ ରାହୁଲ ଗାନ୍ଧୀଜୀ, ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଜୀ ଏବଂ ପୂର୍ବତନ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଜୀଙ୍କ ପ୍ରତି ବିଶ୍ୱାସଘାତକତା ହୋଇଛି। ସ୍ୱାଧୀନ ପ୍ରାର୍ଥୀ ଦତେଶ୍ୱର ହୋତାଙ୍କୁ ଭୋଟ ଦେବାପାଇଁ ଏଆଇସିସିର ସଂପୂର୍ଣ୍ଣ ନିର୍ଦ୍ଦେଶ ରହିଥିଲା। ତେଣୁ କଂଗ୍ରେସ ଦଳର ନିର୍ଦ୍ଦେଶକୁ ଅମାନ୍ୟକରି ଯେଉଁ ବିଧାୟକମାନେ ବିଜେପି ସମର୍ଥିତ ବା ବିଜେପି ଦଳର ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇଛନ୍ତି ସେମାନେ କଂଗ୍ରେସ ଦଳର ବିରୋଧି ଏବଂ ଦଳପ୍ରତି ବିଶ୍ୱାସଘାତକତା କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ବିଜେପି ଦଳ ଏବଂ ବିଜେପି ସରକାର ସବୁବେଳେ ଗଣତନ୍ତ୍ର ବିରୋଧି କାର୍ଯ୍ୟ କରିଥାନ୍ତି। ଓଡ଼ିଶାର ଜନସାଧାରଣ ଘୋଡ଼ାବେପାରୀ ସାଂସଦ ଶ୍ରୀ ରାୟ ଏବଂ ଘୋଡ଼ା ବେପାରରେ ସାମିଲ କଂଗ୍ରେସର ନିଲମ୍ବିତ ୩ ବିଧାୟକଙ୍କ କାର୍ଯ୍ୟକୁ ଘୃଣା କରୁଛନ୍ତି। ଗଣତନ୍ତ୍ରର ସୁରକ୍ଷା ପାଇଁ ଯୁବ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ଶ୍ରୀ ପାତ୍ର କହିଛନ୍ତି।

# ବିଜେଡିରେ ଯୋଗଦେଲେ ରଘୁନାଥ ଓ ଜୀବନ ପ୍ରଦୀପ

ଭୁବନେଶ୍ୱର,୨୮।୩ (ମହାଭାରତ): ନବୀନ ନିବାସରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବାଲେଶ୍ୱରର ଦୁଇ ବରିଷ୍ଠ ନେତା ଯୋଗ ଦେଇଛନ୍ତି। ବାଲେଶ୍ୱର ଜିଲ୍ଲାର ଦୁଇ ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ଶ୍ରୀ ରଘୁନାଥ ମହାନ୍ତି ଓ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ବିଜୁ ଜନତା ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି ।ଉଭୟ ଶ୍ରୀ ମହାନ୍ତି ଓ ଶ୍ରୀ ଦାସଙ୍କୁ ବିଜୁ ଜନତା ଦଳକୁ ସ୍ୱାଗତ କରି ନବୀନ ପଟ୍ଟନାୟକ କହିଥିଲେ ଯେ ଏ ଦୁଇ ନେତାଙ୍କ ଯୋଗଦାନ ଦ୍ୱାରା ବିଜେଡି ବାଲେଶ୍ୱର ଜିଲ୍ଲାରେ ଆହୁରି ମଜଭୁତ ହେବ। ଜିଲ୍ଲାରେ ଦଳର ସାଂଗଠନିକ କାର୍ଯ୍ୟକୁ ଆହୁରି ବ୍ୟାପକ କରିବା ପାଇଁ ଶ୍ରୀ ପଟ୍ଟନାୟକ ଉଭୟଙ୍କୁ ପରାମର୍ଶ ଦେଇଥିଲେ। ବିଜେଡିରେ ସେମାନଙ୍କୁ ଗ୍ରହଣ କରିଥିବାରୁ ଶ୍ରୀ ମହାନ୍ତି ଓ ଶ୍ରୀ ଦାସ ଦଳ ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ଜିଲ୍ଲାର ଆଠ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ସହ ବଡ଼ସାହି ନିର୍ବାଚନ ମଣ୍ଡଳୀରେ ବିଜେଡିକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ସେମାନେ କାମ କରିବେ ବୋଲି ଘୋଷଣା କରିଥିଲେ। ବାଲେଶ୍ୱର ଜିଲ୍ଲାର ସମସ୍ତ ବିଜୁ ଜନତା ଦଳର ବିଧାୟକ ଓ ଅନ୍ୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ଦୁଇ ନେତା ବିଜୁ ଜନତା ଦଳରେ ଯୋଗ ଦେଇଥିବାରୁ ନିଜର ଖୁସି ବ୍ୟକ୍ତ କରିଥିଲେ। ରଘୁନାଥ ମହାନ୍ତି କହିଥିଲେ, ଦଳର ଶୃଙ୍ଖଳିତ କର୍ମୀ ଭାବେ କାମ କରିବୁ । ବିଜୁ ଜନତା ଦଳ ବାଲେଶ୍ୱର ଜିଲ୍ଲାରେ କିପରି ସୁସଂଗଠିତ ହୋଇ ପାରିବ ସେଥିପାଇଁ କାର୍ଯ୍ୟ କରିବି । ବିଜୁ ବାବୁଙ୍କ ସମୟରୁ ତାଙ୍କ ସହିତ କାର୍ଯ୍ୟ କରିବାର ସୁଯୋଗ ପାଇଛି । ପରେ ବିଜୁ ଜନତା ଦଳର ଗଠନ ବେଳେ ଜଣେ ପ୍ରତିଷ୍ଠିତ ସଭ୍ୟ ଭାବେ କାର୍ଯ୍ୟ କରିଥିଲି। ଜୀବନ ପ୍ରଦୀପ ଦାସ କହିଥିଲେ, ପାଞ୍ଚ ବର୍ଷ ବିଜେଡି ବାହାରେ ରହିବା ପରେ ଦଳକୁ ପୁନର୍ବାର ପ୍ରତ୍ୟାବର୍ତ୍ତନ କରି ଅତ୍ୟନ୍ତ ଆନନ୍ଦିତ । ବାଲେଶ୍ୱର ଜିଲ୍ଲାରେ ବିଜୁ ଜନତା ଦଳ କିପରି ସୁସଂଗଠିତ ହୋଇ ପାରିବ, ସେଥିପାଇଁ ନବୀନ ବାବୁଙ୍କ ନିଦ୍ରେଦଶକ୍ରମେ ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ କାର୍ଯ୍ୟ କରିବି। ଏହି ମିଶ୍ରଣ ପର୍ବରେ ବିଜେଡି ଉପ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକ, ବିଧାୟକ ଗଣ ସର୍ବଶ୍ରୀ ପ୍ରତାପ କେଶରୀ ଦେବ, ଅଶ୍ୱିନୀ ପାତ୍ର, ଅରୁଣ ସାହୁ, ମାଧବ ଧଡା, ଗୌତମ ବୁଦ୍ଧ ଦାସ, ପୂର୍ବତନ ମନ୍ତ୍ରୀ ସର୍ବଶ୍ରୀ ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ଜ୍ୟୋତିରଞ୍ଜନ ପାଣିଗ୍ରାହୀ, ପୂର୍ବତନ ବିଧାୟକ ଶ୍ରୀ ସ୍ୱରୂପ ଦାସ, ଶ୍ରୀ ସୁକାନ୍ତ ନାୟକ, ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଓ ଭୃଗୁ ବକ୍ସିପାତ୍ରଙ୍କ ସମେତ ଜିଲ୍ଲାର ବିଜେଡି ନେତୃବୃନ୍ଦ ଓ ଶହ ଶହ କର୍ମୀ ଉପସ୍ଥିତ ଥିଲେ।



## ବିଶ୍ୱବାସୀ ଆଶ୍ୱସ୍ତ

ବିଶ୍ୱବାସୀ ଏବେ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି ଏବଂ ସେମାନଙ୍କୁ ଯୁଦ୍ଧର ଭୟାବହ ପରିଣାମରୁ ତ୍ରାହି ମିଳିବ ବୋଲି ଆଶା ବାନ୍ଧିଛନ୍ତି। ଯୁଦ୍ଧ ଯୋଗୁ ଗତ ୨୪ ଦିନ ଭିତରେ ସାରା ବିଶ୍ୱରେ ହାହାକାର ପଡ଼ିଯାଇଛି। କେବଳ ଇରାନ ନୁହେଁ, ସମଗ୍ର ଉପସାଗରୀୟ ଅଞ୍ଚଳ, ଆମେରିକା ଓ ଇସ୍ରାଏଲ ମଧ୍ୟ ଏହା ଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି। ଶହ ଶହ ଲୋକ ପ୍ରାଣ ହରାଇଛନ୍ତି। ଅନେକ ଧନ ସମ୍ପତ୍ତି ନଷ୍ଟ ହୋଇଛି। ଆମେରିକା ଆକ୍ରମଣର ପ୍ରତିଶୋଧ ନେବାକୁ ଇରାନ ଏହାକୁ ଯୁଦ୍ଧରେ ସହଯୋଗ କରୁଥିବା ଉପସାଗରୀୟ ରାଷ୍ଟ୍ର ଏବଂ ଇରାକ, ଜୋର୍ଡାନ, ତୁର୍କୀ ଆଦ ଅନେକ ଦେଶ ଉପରେ ଆକ୍ରମଣ କରିଛି। ଯାହାର ଯୁଦ୍ଧ ସହିତ କୌଣସି ସମ୍ପର୍କ ନାହିଁ, ସେମାନେ ମଧ୍ୟ ଏଥିରେ କ୍ଷତିଗ୍ରସ୍ତ ହୋଇଛନ୍ତି। ସାଉଦୀ ଆରବ, ୟୁଏଇ, କୁଏତ, କାଟାର, ବାହାରିନ, ଓମାନ ଆଦି ଦେଶର ତୈଳ ସମ୍ପଦ ବା ଇନ୍ଧନ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଇରାନର ମଧ୍ୟ ଅନେକ ତୈଳ ଭଣ୍ଡାର ନଷ୍ଟ ହୋଇଛି। ଅନେକ ତୈଳ ଭଣ୍ଡାର ଏବଂ ଗ୍ୟାସ ଟର୍ମିନାଲରେ ନିଆଁ ଲାଗିଛି। ସାଉଦୀ ଆରବର ସବୁଠାରୁ ବଡ଼ ତୈଳ ରିଫାଇନାରୀ ଆରାମକୋରେ ନିଆଁ ଲାଗିଯିବା ଫଳରେ ସେଠାରୁ ଉତ୍ପାଦନ ବ୍ୟାହତ ହୋଇଛି। ବାହାରିନସ୍ଥିତ ବିଶ୍ୱର ସର୍ବ ବୃହତ ଏଲଏନଜି ଟର୍ମିନାଲର ବ୍ୟାପକ କ୍ଷୟକ୍ଷତି ହୋଇଛି ଯାହାକୁ ଭରଣା କରିବା ନିମନ୍ତେ ୫ ବର୍ଷ ସମୟ ଲାଗିଯିବ। ଇରାନର ଅଏଲ ଜଙ୍କସନ ଭାବେ ପରିଚିତ ଖାର୍ଗ ଦ୍ୱୀପ ଆମେରିକା ଆକ୍ରମଣରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏସବୁ ତୈଳ ସମ୍ପଦ ବା ଗ୍ୟାସ କୌଣସି ନିର୍ଦ୍ଦିଷ୍ଟ ଦେଶର ସମ୍ପତ୍ତି ନୁହେଁ, ଏହା ସମଗ୍ର ମାନବ ଜାତିର ସମ୍ପତ୍ତି ଏବଂ ସମଗ୍ର ବିଶ୍ୱ କଲ୍ୟାଣ ଲାଗି ଉଦ୍ଦିଷ୍ଟ। ଦୁର୍ଭାଗ୍ୟର ବିଷୟ ହେଲା ଯୁଦ୍ଧରେ ଉଭୟ ପକ୍ଷ ଏହି ମୌଳିକ ନୀତିକୁ ଉଲ୍ଲଘଂନ କରିଛନ୍ତି। ଯୁଦ୍ଧରେ ନିରୀହ, ନିରପରାଧ ବ୍ୟକ୍ତିଙ୍କ ଉପରେ ଆକ୍ରମଣ କରିବନି କିମ୍ବା ସର୍ବସାଧାରଣ ସ୍ଥାନକୁ ଟାର୍ଗେଟ କରିବ ନାହିଁ। ଭିତ୍ତିଭୂମି ଏବଂ ଏନର୍ଜି ସେକ୍ଟରକୁ ନଷ୍ଟ କରିବନି। କେବଳସାମରିକ କେନ୍ଦ୍ର ଉପରେ ଆକ୍ରମଣକୁ ସୀମିତ ରଖିବା ହେଉଛି ଅନ୍ତର୍ଜାତୀୟ ଯୁଦ୍ଧ ନିୟମ। କିନ୍ତୁ ଇସ୍ରାଏଲ ପ୍ରଥମେ ଏହି ନିୟମ ଉଲ୍ଲଘଂନ କଲା। ପରେ ସବୁ ପକ୍ଷ ଏହାକୁ ପରିହାର କଲେ। ଇରାନର ଏକ ସ୍କୁଲ ଉପରେ ବୋମା ମାଡ଼ ଯୋଗୁ ୧୮୦ରୁ ଅଧିକ ପ୍ରାଣ ହରାଇଲେ। ଇରାନରେ ମୃତକଙ୍କ ମଧ୍ୟରେ ଅନେକ ମହିଳା ଓ ଶିଶୁ ଅଛନ୍ତି । ସେମାନଙ୍କୁ ହତ୍ୟା ଅମାନବୀୟ। ଇରାନ ମଧ୍ୟ କିଛି କମ ନୁହେଁ। ଉପସାଗରୀୟ ଦେଶର ଅନେକ ଭିତ୍ତିଭୂମି, ଏନର୍ଜୀ ସେକ୍ଟରକୁ ଇରାନ ଧ୍ୱଂସ କରିଛି। ଅନେକ ସାଧାରଣ ଜନତା ନିହତ ହୋଇଛନ୍ତି। ଦୁବାଇ, ଆବୁଧାବି, ରିୟାଦ ଆଦି ବଡ଼ ବଡ଼ ସହରର ଅନେକ ବଡ଼ ବଡ଼ କୋଠା ଧ୍ୱଂସ ହେବା ସହିତ ସେଠାରେ ବାଣିଜ୍ୟ କାରବାର ବନ୍ଦ ହୋଇଯାଇଛି। ଆମେରିକା ମଧ୍ୟ ଏହି ୭ଯୁଦ୍ଧରେ ଅନ୍ତର୍ଜାତୀୟ ନିମକୁ ଉଲ୍ଲଘଂନ କରିଛି। ବିଶ୍ୱର ସବୁଠାରୁ ଶକ୍ତିଶାଳି ରାଷ୍ଟ୍ର ବୋଲଇ ଦାବି କରୁଥିବା ଆମେରିକା ନିକଟରେ ଏହା ଶୋଭା ପାଉନି। ଯାହା ବି ହେଉ ଇରାନ ଉପରେ ଆକ୍ରମଣ ଜାରି ରହିଥିବା ବେଳେ ହଠାତ ରାଷ୍ଟ୍ରପତି ଟ୍ରମ୍ପ ୫ ଦିନ ଲାଗି ଯୁଦ୍ଧ ବିରତି ଘୋଷଣା କଲେ। ଏବେ ସ୍ୱୀକାର କରିବାକୁ ପଡ଼ିବ ଯେ, ଯୁଦ୍ଧରେ ଆମେରିକା ମଧ୍ୟ ବିପୁଳ କ୍ଷତି ସହିଛି। ଏହାର ଅନେକ ଯୁଦ୍ଧ ବସିମାନ ନଷ୍ଟ ହୋଇଛି। ଏହି ଯୁଦ୍ଧ ଯୋଗୁ ଆମେରିକାର ଅର୍ଥନୀତି ମଧ୍ୟ ପ୍ରଭାବିତ ହୋଇଛି। ଫଳରେ ନିଜ ଦେଶରେ ଟ୍ରମ୍ପ ପ୍ରବଳ ସମାଲୋଚନାର ଶିକାର ହୋଇଛନ୍ତି। ତାଙ୍କ ଲୋକପ୍ରିୟତା ରସାତଳଗାମୀ ହୋଇଛି। ପୂର୍ବରୁ ବିଶ୍ୱର ଅନ୍ୟାନ୍ୟ ଦେଶ ଟ୍ରମ୍ପଙ୍କୁ ନିନ୍ଦା କରୁଥିଲେ, ଘୃଣା କରୁଥିଲେ।

## ଦେଖିବାକୁ ସୁନାପରି

॥ ଅଜୟ କୁମାର ବେହେରା ॥

"ଏବେ ଅନେକ ପ୍ରକାର ରଙ୍ଗର ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର ରଙ୍ଗିଲା। ବ୍ୟବହାର୍ଯ୍ୟ ଦ୍ରବ୍ୟ ରଙ୍ଗିଲା। ଆଖିକୁ ସୁନ୍ଦର ଦେଖାଗଲା ଏକ ଯାନ କିଣାଗଲା। ଆଣୁ ଆଣୁ ଅନେକ ଯତ୍ନ ପୋଛା ପୋଛି ହିଫାଜତ ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ ଠିକ ଥିଲେ ବି ଗାଡ଼ିର ଇଞ୍ଜିନ ଖରାପ ଚକା ଫାଟିବା ଆଦି ଘଟେ ଭିତର ସିଟ ଫାଟେ ଏପରି ଗାଡ଼ି ଦୂରରୁ ପୂର୍ବପରି ଦେଖାଗଲେ ବି ପ୍ରକୃତିରେ ପୂର୍ବପରି ମୂଲ୍ୟବାନ ଓ ସଚଳ ହୋଇନପାରେ ସେ ରଙ୍ଗ ତତ୍କାଳ ଦେଖିବାକୁ ସୁନାପରି।

ଗଙ୍ଗଠାରୁ ଅର୍ଥ ସୁନା, ସୁନା ପୁଅ ସୁନାର ସଦୃଶ। ଏହି ଶବ୍ଦର ବହୁ ପ୍ରଚଳନ ତେଲଗୁ ରାଜ୍ୟ ଆମେ ଜାଣିଛେ ମହୀଶୂର ରାଜ୍ୟରେ କୋଲାର ସୁନାଖଣି ଅଛି। ମହୀଶୂରର ରାଜଧାନୀ ବାଙ୍ଗାଲୋର ଏହା ସୁନା ଶବ୍ଦ ସହିତ ହୁଏତ ଜଡ଼ିତ। ଦକ୍ଷିଣରେ ସୁନାର ଲଙ୍କା ଥିଲା। ରାବଣ ଜଳ ବେଷ୍ଟିତ ଗଡ଼ରାଜ୍ୟ। ଯାହା ଏକ ସମୃଦ୍ଧ ସୁନ୍ଦର ରାଜ୍ୟ। ଶ୍ରୀରାମ ଦୂତ ଏହି ଗଡ଼ରେ ପଶି ଶିକ୍ଷା ଦେବାପାଇଁ ସୁନ୍ଦର ଦିଶିବା ସ୍ତର ଗୁଡ଼ିକ ଅଗ୍ନୀରେ ଦାହ କରିଥିଲେ। ଅଗ୍ନୀର ପ୍ରବଳ ଦାହିବା ଶକ୍ତି ଯେପରି ସବୁ ଧାତୁକୁ ତରଳାଏ ସେପରି ସୁନାକୁ ବି ତରଳାଏ। ସୁନା ତରଳି ଗଲେ ଜଳର ଧର୍ମରୁ ଏକ ରୂପ ଉଚ୍ଚରୁ ନିମ୍ନକୁ ଗଡ଼େ। ଅତଏବ ସୁନା ରୂପ ବଦଳିଯାଏ ସିନା ମୂଳ ଧର୍ମ କେବେ ହରାଏ ନାହିଁ। ପୁଣି ସୁନା ଠାରୁ ସୁନା ଭସ୍ମ ବହୁ ଗୁଣ ଦାମୀ। ହନୁମାନ ଲଙ୍କାର ଜନବାସ ହାନି ଫଳ ଜଙ୍ଗଲ ନଷ୍ଟହାନି କଲେ ବି ମହାବାତ୍ୟା ପରେ ପୁନଃ ଜନବାସ ନିର୍ମାଣ ହୋଇଗଲା ପରି ଲଙ୍କାର ପୁନଃ ନିର୍ମାଣ ହୋଇଥିଲା।

ହନୁମାନ କାଞ୍ଚନ ବରନ, ଅର୍ଥାତ୍ ସୁନାର ରଙ୍ଗ ଦୁର୍ଗାଙ୍କ ରଙ୍ଗ ସୁନାର ରଙ୍ଗ ମହାଲକ୍ଷ୍ମୀ ତ ଖୋଦ ସୁନା ଅଜରଣ ଭୂଷିତା, ସ୍ୱର୍ଣ୍ଣ ରଙ୍ଗ ସ୍ୱର୍ଣ୍ଣ ଦାନକାରିଣୀ। ହରିଣୀଟିଏ ସୁନାରେ କେବେ ହୋଇନପାରେ ମହାବିଦୁଷୀ ଜନକ ନନ୍ଦିନୀ ସୀତା ଠାକୁରାଣୀ ଏକଥା ଜାଣିଛନ୍ତି। ତାଙ୍କ ଘରକୁ କେବେ ସାଧୁ ସନ୍ନ୍ୟାସୀ ମୁନୀ ଋଷି ଆସୁନଥିବେ। ପ୍ରମାଣିକ ପୁସ୍ତକ ଏବେ ମିଳୁଛି। ଅଷ୍ଟବକ୍ରୀ ଗୀତା ସଂହିତା ଯେ ଜନକଙ୍କ ରାଜସଭାରେ ଖୋଦ ଅଷ୍ଟବକ୍ର ବୟାନ କରିଛନ୍ତି। ଏପରି ଜ୍ଞାନୀଙ୍କ ସହଚର୍ଯ୍ୟା ସତସଙ୍ଗରେ ରହି ପୁଣି ରାଜମହଲର ଝିଅ ରାଜମହଲର ବୋହୂ ହୋଇ ସୁନାର ଅଭାବ ଅନୁଭବ ନକରି ଶେଷରେ ସ୍ୱାମୀଙ୍କ ଜଙ୍ଗଲ ଯିବ ବେଳେ ତାକୁ ଚାହିଁ ନଥିଲେ ଲୋଭାସକ୍ତ ହୋଇନଥିଲେ ସେ ସ୍ୱାମୀଙ୍କୁ ହୀଟକକର ଶ୍ରେଷ୍ଠ ସ୍ୱର୍ଣ୍ଣ ପୁରୁଷ ଭାବି ତାଙ୍କ ସହିତ ଜଙ୍ଗଲକୁ ଯାଇ ରାଜମହଲର ରାଣୀ ହଂସପୁରର ଶୟନକକ୍ଷ ଛାଡ଼ି ପର୍ଣ୍ଣକୁଟୀରରେ ବାସ କଲେ ସେ ସୁନାକୁ ତୁଚ୍ଛ କରିଥିଲେ ପୁଣି ଏମିତି ହେଲା ସୁନା ହରିଣୀରେ ଭ୍ରମ ହେଲା ବାସ ସ୍ୱାମୀ ଦେବର ବିଚ୍ଛେଦ ପରେ ପରେ। ଏହି ଦେଖିବାକୁ ସୁନା ପରି ହରିଣୀ କଣ ନାଟ ନକଲା? ହିରଣ୍ୟ ଅର୍ଥ ସୁନା ହରିଣ୍ୟଗର୍ଭ ଅର୍ଥ ପୃଥିବୀ ପୁଣି ଭଗବାନ ଆଉ ହରିଣ୍ୟକସିପୁ, ହରିଣାକ୍ଷ ଦୁଇଟି ଅସୁର। ହରିଣ୍ୟରେ ସଦା ଆଖି ସଦା ହିରଣ୍ୟ ଓ କାମିନୀ ଏଇ ଦୁଇଟି ହାସଲ ଚିନ୍ତାରେ ଏହି ଦୁଇଜଣ ଥିଲେ। ହିରଣ୍ୟକସିପୁ ତାଙ୍କର ମତକୁ ଦୃଢ଼ ପାଇଁ ବିଦ୍ୱାନ ପୁତ୍ରକୁ ମଧ ହଠାଇ ତାଙ୍କ ପଥ ପରିଷ୍କାର ଚିନ୍ତା କରୁଥିଲେ। ଶେଷର ସେହି ବିଷ୍ଣୁଙ୍କର ନୃସିଂହ ଅବତାର ଆସିଲେ ସେ ହିରଣ୍ୟକସିପୁକୁ ଶେଷ କଲେ। ହିରଣ୍ୟାକ୍ଷଙ୍କର ବି ବିଷ୍ଣୁ ଶେଷ କରିଛନ୍ତି। ସୂର୍ଯ୍ୟ ଠାରୁ ବହୁ ମୂଲ୍ୟବାନ ଭଗବାନ ଏକଥା ସେମାନେ ଭୁଲି ଥିଲେ। ପାପ ପ୍ରଶାସନର ଧାରା ପ୍ରହ୍ଲାଦ ହିଁ ଭଗବାନଙ୍କର ରହସ୍ୟ ଜାଣି ବଦଳାଇଥିଲେ, ମାନବ (ପ୍ରଜା) ସେବା ମାଧବ ସେବା, ଏକଥା ହିରଣ୍ୟ କଶିପୁ ଜାଣି ନଥିଲେ। ଆହ୍ଲାଦିନୀ ଶକ୍ତିରେ ବିଶେଷ ପ୍ରଭାବିତ ପ୍ରହ୍ଲାଦ ଜାଣି ଶାସନ କରିବା ଆରମ୍ଭ କରିଥିଲେ। ସାତ୍ତ୍ୱିକ ପ୍ରେମାନନ୍ଦରେ ଦେବତା ଶାନ୍ତି ହୁଅନ୍ତି। ପ୍ରହ୍ଲାଦ ଭକ୍ତ ଶିରୋମଣୀ ତାଙ୍କ ପାଇଁ ଦଶ ଅବତାରରେ ଭକ୍ତରକ୍ଷକ ଭଗବାନ ହୁଅନ୍ତି ଏହା ପ୍ରଥମ ଉଦାହରଣ ଥିଲା। ଅନେକ ଭକ୍ତିର ଛଳନା କରି ରୋଜଗାରକ୍ଷମ ଅର୍ଜନକ୍ଷମ ହାସଲକ୍ଷମ ଏମାନେ ଦେଖିବାକୁ ସୁନାପରି।

ଏବେ ଅନେକ ପ୍ରକାର ରଙ୍ଗର ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର ରଙ୍ଗିଲା। ବ୍ୟବହାର୍ଯ୍ୟ ଦ୍ରବ୍ୟ ରଙ୍ଗିଲା। ଆଖିକୁ ସୁନ୍ଦର ଦେଖାଗଲା ଏକ ଯାନ କିଣାଗଲା। ଆଣୁ ଆଣୁ ଅନେକ ଯତ୍ନ ପୋଛା ପୋଛି ହିଫାଜତ ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ ଠିକ ଥିଲେ ବି ଗାଡ଼ିର ଇଞ୍ଜିନ ଖରାପ ଚକା ଫାଟିବା ଆଦି ଘଟେ ଭିତର ସିଟ ଫାଟେ ଏପରି ଗାଡ଼ି ଦୂରରୁ ପୂର୍ବପରି ଦେଖାଗଲେ ବି ପ୍ରକୃତିରେ ପୂର୍ବପରି ମୂଲ୍ୟବାନ ଓ ସଚଳ ହୋଇନପାରେ ସେ ରଙ୍ଗ ତତ୍କାଳ ଦେଖିବାକୁ ସୁନାପରି। ପରୀମାନେ ଭାରି ସୁନ୍ଦର କଳ୍ପନା କରି ଚିତ୍ରକର ବା ମୂର୍ତ୍ତିକାର ଏପରି ମୂର୍ତ୍ତି କରନ୍ତି। ସିନେମା ଷ୍ଟାରମାନେ ବଛାଇ ହୋଇ ନିଆଯାଇଥାନ୍ତି। ସେମାନେ ଯୁବତୀ କଳାରେ ଦର୍ଶକ ମୋହକ ହୋଇଥାନ୍ତି। ତାଙ୍କର ଜୀବ ଅସାନ ହେଲେ ତାଙ୍କର ସିନେମା ଅବସାନ ହୋଇନଥାଏ। ଲୋକେ ଯୁବାବସ୍ଥାରେ ସେ ଛବି ବି ଦେଖିଥିବେ ମାତ୍ର ସେହି ଦର୍ଶକ ବୃଦ୍ଧ ହୋଇ ଯଦି ସେ ଛବିମାନ ଦେଖିଲେ ବିରକ୍ତବୋଧ କରିଥାନ୍ତି। ହେଲେ ସବୁକାଳର ଯୁବକଙ୍କ ପାଇଁ ସେହିପରି ସୁନ୍ଦରୀଙ୍କ ସବୁ ଦେଖିବାକୁ ସୁନାପରି। ପାଠ ଠିକ ପଢ଼ିଲେ ବି ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ଡିଗ୍ରୀଧାରୀ ଅନେକ ନୁହଁନ୍ତି। ପୁଣି ଏଥିରେ ଠିକ କୋର୍ସ ସାରି ସମୟ ବିତାଇ ପରୀକ୍ଷା ଦେଇ ଭଲ ଡିଗ୍ରୀ ହାସଲ ସାର୍ଟିଫିକେଟ ହାସଲ କରିଛନ୍ତି ମାତ୍ର କୌଣସି କର୍ମ ମୁତୟନ ପାଇଁ କିଛି ସମସ୍ୟାରେ ଏମାନେ ପଡୁଛନ୍ତି କାରଣ ଏକାପରି ସାର୍ଟିଫିକେଟ ପାଠ ନଥାଏ କେହି ଜାଲପଥରେ ହାସଲ କରି କର୍ମ ମୁତୟନ କର୍ତ୍ତାଙ୍କର ପାଖଲୋକ ସୁପାରିଶରେ ହାସଲ କରିବା ଦେଖାଯାଉଛି। ସଠିକ ସାର୍ଟିଫିକେଟ ଓ ନକଲି ସାର୍ଟିଫିକେଟ ଠିକ ଏକାପରି ଏହା ବି ଦେଖିବାକୁ ସୁନାପରି ଧାରାରେ ଆସୁଛି। ପୋଲିସ ବାବୁମାନେ ସୁନା ବିସ୍କୁଟ ଜବତ କରୁଛନ୍ତି ଏହା ଲେଖା ଯାଉଛି ମାତ୍ର ଚୋର ଠାରୁ ଚୋରୀ ସୁନା ଅଳଙ୍କାର ଜବତ କଲେ ସେମାନେ ଲେଖିନ୍ତି ଦେଖିବାକୁ ସୁନାପରି କାରଣ ସୁନା ବିସ୍କୁଟରେ ଏପରି ଲେବଲ ଥାଏ ଯାହା ଅସଲି ପ୍ରମାଣିତ କରୁଥାଏ। ମାତ୍ର ସୁନା ଅଳଙ୍କାରରେ ଅନେକ ଭେଜାଲ ଅଛି ଏହା ସୁନା ଲେଖିଲେ ଜବତକାରୀ ଅଫିସର ପରେ ହଇରାଣରେ ପଡ଼ି ପାରନ୍ତି। ବୟସ ବଢ଼ିଲେ ବାର୍ଦ୍ଧକ୍ୟରେ ଅଜା ଆଇ, ଜେଜେମା, ମାଉସୀ, ଖୁଡ଼ି ମାଇଁ ପରି ଡାକକୁ ଆସିଥାନ୍ତି। ସମ୍ପର୍କ ଦୁଇ ପ୍ରକାର ଏକ ପ୍ରତ୍ୟକ୍ଷ ଆଉ ଏକ ଅପ୍ରତ୍ୟକ୍ଷ। ଅପ୍ରତ୍ୟକ୍ଷ ରିସ୍ତା ବୟସର ଚିହ୍ନରୁ ଧରାଯାଏ ଏବେ ସମସ୍ତେ କେଲ କଲର କରୁଛନ୍ତି ଚୁଟ ପାଚିଗଲାଣି ରଙ୍ଗ କରାଯାଉଛି। ଏଥିରେ କେମିତି ସେ ଯୁବକ ବା ଯୁବତୀ ଅବସ୍ଥାରେ ରହିବେ ଏ ଅବଚେଷ୍ଟା ଫଳରେ ଅଙ୍କଲ ଆଣ୍ଟି ନଶୁଣି ଭାଇ, ଭାଉଜ ଭାବରେ ସମୟ ବିତାଇବାକୁ ଚାହୁଁଛନ୍ତି। ଏଯୁଗ ଏପରି ମନୁଷ୍ୟ ବୟସ ଲୁଚାଉଛି ଓ ଭାଇ ଭାଉଜ ବା ଭାଇ ଭଉଣୀ ପଦକୁ ଦେଖିବାକୁ ସୁନାପରି କରୁଛି।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

## ସତ୍ସଙ୍ଗର ଆହ୍ୱାନ : ସତ୍ସଙ୍ଗୀ ସାବଧାନ

॥ ଉମେଶ ଚନ୍ଦ୍ର ପାତ୍ର ॥

ସତ୍ସଙ୍ଗର ପ୍ରାଣପୁରୁଷ ଭଗବାନ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ ଉଦ୍ଘୋଷଣା କଲେ - ସତ୍ରେ ସଂଯୁକ୍ତିର ସହିତ ତଦ୍ଗତି ସମ୍ପନ୍ନ ଯେଉଁମାନେ ସେହିମାନେ ହିଁ ହେଲେ ସତ୍ସଙ୍ଗୀ ଓ ସେମାନଙ୍କର ମିଳନ କ୍ଷେତ୍ର ହେଲା ସତ୍ସଙ୍ଗ। ସତ୍ସଙ୍ଗର ଗତି ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ପ୍ରେମାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତ କଲେ - ସତ୍ସଙ୍ଗ ଚାହେଁ ମଣିଷ, ଈଶ୍ୱର କୁହ, ଖୋଦା ହିଁ କୁହ, ଭଗବାନ ବା ଅସ୍ତିତ୍ୱ ହିଁ କୁହ, ଭୂତ ମହେଶ୍ୱର ଯିଏ ଏକ - ତାଙ୍କରି ନାମରେ, ସେ ବୁଝେନା ହିନ୍ଦୁ, ସେ ବୁଝେନା ଖ୍ରୀଷ୍ଟିୟାନ, ସେ ବୁଝେନା ମୁସଲମାନ, ସେ ବୁଝେନା ବୌଦ୍ଧ, ସେ ବୁଝେ ପ୍ରତି ପ୍ରତ୍ୟେକ ତାଙ୍କରି ସନ୍ତାନ, ସେ ଆନତ କରି ତୋଳିବାକୁ ଚାହେଁ ସମସ୍ତଙ୍କୁ ସେହି ଏକଙ୍କ ଠାରେ, ସେ ପାକିସ୍ତାନ ବୁଝେନା, ସେ ହିନ୍ଦୁସ୍ତାନ ବୁଝେନା, ଋଷିଆ ବୁଝେନା, ଚାଇନା ବୁଝେନା, ଇଉରୋପ ବା ଆମେରିକା ବୁଝେନା, ସେ ଚାହେଁ ମଣିଷ - ସେ ଚାହେଁ ପ୍ରତ୍ୟେକଟି ଲୋକ - ସେ ହିନ୍ଦୁ ହିଁ ହେଉ, ମୁସଲମାନ ବି ହେଉ, ଖ୍ରୀଷ୍ଟିୟାନ ବି ହେଉ, ବୌଦ୍ଧ ବି ହେଉ ବା ଯେ କେହି ହେଉନା କାହିଁକି ଯେପରି ସମବେତ ହୁଅନ୍ତି ତାଙ୍କରି ନାମରେ , ପଞ୍ଚବର୍ହିର ଉଦ୍ଦାମ ଆହ୍ୱାନରେ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଅଭୂତପୂର୍ବ ଐଶୀ ଶକ୍ତିର ପରିପ୍ରକାଶରେ ଭକ୍ତଜନ ବିମୋହିତ ପ୍ରେମାଶ୍ରୁ ବିସର୍ଜନ ପୂର୍ବକ ପ୍ରାର୍ଥନାରେ ଦୟାଲ ଦେଶରୁ ଲିପିବଦ୍ଧ ହେଲା ଅମୃତ ନିଷ୍ୟନ୍ଦୀ ସ୍ୱତଃ ଉତ୍ସାରିତ ବାଣୀ - ପୃଥିବୀ ପୃଷ୍ଠରେ ମନ୍ଦାକିନୀର ପୁଣ୍ୟଧାରା। ବଜ୍ର ଗମ୍ଭୀର କଣ୍ଠରେ ସ୍ୱହସ୍ତ ଲିଖିତ ସତ୍ୟାନୁସରଣରେ ଉଦ୍ଘୋଷିତ ହେଲା - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ପୁଣି ସେହି ସାବଧାନ ବାଣୀ - ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ - କାଞ୍ଚନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି, ବିଷ ଅମୃତ ହୋଇଗଲା। ଆଉ ମା' କେବଳ ମା' - କାମିନୀ ନୁହେଁ। ମା'ଶେଷରେ ଗୀ ଦେଇ ଭାବିଲେ ହିଁ ସର୍ବନାଶ। ସାବଧାନ! ମା'କୁ ମାଗୀ ଭାବି ମରନାହିଁ। ନିଜେ ଠିକ୍ ରହି ସମସ୍ତଙ୍କୁ ସତ୍ ଭାବରେ ଖୁସି କରିବାକୁ ଚେଷ୍ଟା କର, ଦେଖିବ ସମସ୍ତେ ତୁମକୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି। ସାବଧାନ! ନିଜତ୍ୱ ହରାଇ କାହାରିକୁ ଖୁସି କରିବାକୁ ଯାଅନାହିଁ, ତା'ହେଲେ ତୁମ ଦୁର୍ଗତିର ସୀମା ରହିବନାହିଁ। ଯେତେପାର ସେବା କର, କିନ୍ତୁ ସାବଧାନ! ସେବା ନେବାକୁ ଯେପରି ଇଚ୍ଛା ନହୁଏ। ସ୍ପଷ୍ଟବାଦୀ ହୁଅ, କିନ୍ତୁ ମିଷ୍ଟଭାଷୀ ହୁଅ, କହିବା ଆଗରୁ ବିବେଚନା କର, କିନ୍ତୁ କହି ବିମୁଖ ହୁଅନାହିଁ। ଯଦି ଭୁଲ କହିଥାଅ, ସାବଧାନ! ଭୁଲ କରନାହିଁ। ପୁଣି ସେହି ସତର୍କ ବାଣୀ - ଖବରଦାର୍, କାହାକୁ ହୁକୁମ କରି କିମ୍ବା ଚାକର-ବାକର ଦ୍ୱାରା ଗୁରୁଙ୍କ ସେବା ଶୁଶ୍ରୁଷା କରାଇବାକୁ ଯାଅନାହିଁ - ପ୍ରସାଦରୁ ବଞ୍ଚିତ ହୁଅନାହିଁ। ଯାହାଙ୍କୁ ତୁମେ ଚାଳକ ରୂପେ ମନୋନୀତ କରିନେଇଛ, ତାଙ୍କ ପାଖରେ ତୁମ ହୃଦୟର କୌଣସି କଥା ଗୋପନ ରଖନାହିଁ। ଆଉ ଗୋପନ କରିବାକୁ ଇଚ୍ଛା ହେଲେ ହିଁ ଜାଣିରଖ, ତୁମ ହୃଦୟରେ ଦୁର୍ବଳତା ଆସିଛି ଏବଂ ଅବିଶ୍ୱାସ ତୁମକୁ ଆକ୍ରାନ୍ତ କରିଛି, ସାବଧାନ ହୁଅ, ନଚେତ ଅନେକ ଦୂରକୁ ଗଡ଼ିଯିବ। ଯଦି ପାପ କରିଥାଅ ତେବେ କାତର କଣ୍ଠରେ ତାହା ପ୍ରକାଶ କର, ଶୀଘ୍ର ହିଁ ସାନ୍ତ୍ୱନା ପାଇବ। ସାବଧାନ! ସଂକୀର୍ଣ୍ଣତା ବା ପାପକୁ ଗୋପନ ରଖନାହିଁ, ଉତ୍ତରୋତ୍ତର ବର୍ଦ୍ଧିତ ହୋଇ ଅତି ସତ୍ୱର ତୁମକୁ ଅଧଃପତନର ଚରମକୁ ନେଇଯିବ। ଅନ୍ତରରେ ଯାହା ଗୋପନ କରିବ ତାହା ହିଁ ବୃଦ୍ଧି ପାଇବ। ଯେଉଁ ଭାବ ବିରୁଦ୍ଧ ଭାବ ଦ୍ୱାରା ଆହତ ବା ଅଭିଭୂତ ହୁଏନା ତାହା ହିଁ ବିଶ୍ୱାସ। ଗଭୀର ବିଶ୍ୱାସରେ ସବୁକିଛି ହୋଇପାରେ। ବିଶ୍ୱାସ କର, ସାବଧାନ! ଅହଂକାର, ଅଧୈର୍ଯ୍ୟ ଓ ବିରକ୍ତି ଯେପରି ନଆସେ - ଯାହା ଚାହଁ ତାହା ହିଁ ହେବ। ବିଶ୍ୱାସ କ୍ଷେତ୍ର ଅତ୍ୟନ୍ତ ଉର୍ବର। ସାବଧାନ! ଅବିଶ୍ୱାସ ରୂପକ ଅନାବନା ଗଛରେ ସନ୍ଦେହ ରୂପକ ଅଙ୍କୁର ଉଠିବା ଦେଖିଲେ ହିଁ ତତ୍କ୍ଷଣାତ ତାହା ଉତ୍ପାଟନ କର, ନତୁବା ଭକ୍ତି ରୂପକ ଅମୃତ ବୃକ୍ଷ ଗଜେଇ ପାରିବନାହିଁ। କ୍ଲୀବତ୍ୱ, ଦୁର୍ବଳତା ଅନେକ ସମୟରେ ଭକ୍ତିର ଖୋଳପା ପିନ୍ଧି ଛିଡ଼ା ହୁଏ, ତାହାଠାରୁ ସାବଧାନ ହୁଅ। ପ୍ରିୟତମଙ୍କ ପାଇଁ କିଛି କରିବାକୁ ଇଚ୍ଛା ହୁଏନାହିଁ - ଅଥଚ ଖୁବ୍ ଭଲ ପାଏ - ଏକଥା ବି ଯାହା, ଆଉ ସୁନାର ପିତଳ ଘୁଘୁ କହିବା ମଧ ତାହା। ସ୍ୱାର୍ଥବୁଦ୍ଧି ହିଁ ପ୍ରାୟ ଉକ୍ତ ପ୍ରକାର ଭଲପାଏ, ତେଣୁ ସେହି ପ୍ରକାର ନିଷ୍କାମ - ଧର୍ମାକ୍ରାନ୍ତ ଭଲପାଇବା ଦେଖି ସାବଧାନ ହେବା ଭଲ, ନତୁବା ବିପଦର ସମ୍ଭାବନା ହିଁ ଅଧିକ।

ଦ୍ୱାପର ଯୁଗରେ ଯୁଗାବତାର ଭଗବାନ ଶ୍ରୀକୃଷ୍ଣ ଭକ୍ତ କୁଳ ତିଳକ ଅର୍ଜୁନଙ୍କୁ କହିଥିଲେ - ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ। ଠିକ୍ ସେହିପରି କଳିଯୁଗରେ କଳ୍କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସତ୍ସଙ୍ଗୀ ଜନସମାଜଙ୍କୁ ସାବଧାନ ବାଣୀ ଶୁଣାଇ କହିଲେ - ସଦ୍ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍ନାମ ମନନ କର, ଆଉ ସତ୍ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ଶୁଣିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କ ହୁକୁମ ପାଇଲେ ଆନନ୍ଦ, ତାଙ୍କ ଆଦରରେ ଆନନ୍ଦ, ଅନାଦରରେ ମଧ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ - ମୁଁ ନିଶ୍ଚୟ କହୁଛି ତୁମର ଉନ୍ନୟନ ପାଇଁ ଆଉ ଭାବିବାକୁ ହେବନାହିଁ।

**ସହପ୍ରତିରତ୍ୱିକ ଓ ପ୍ରଫେସର,**
**ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ**
**ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**

## ଆମେ ଓ ଆମ ପରିବେଶର ପଶୁପକ୍ଷୀ

॥ ବିପିନ ବିହାରୀ ମହାନ୍ତି ॥

ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ । ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଦ୍ଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ । କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା । ଏ ପରିବେଶ ଉଦ୍ଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା । ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ ।ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତ୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ । ଏ ସବୁଥି ପାଇଁ ମଣିଷ ଦାୟୀ । ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା'ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ । ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ । ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି । ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି । ପୃଥିବୀ ତା'ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ'ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ'ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ । ଏକଥା ସେ ବୁଝିବା ଉଚିତ୍ । ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ'ଣ କରଣୀୟ ବା କଣ ବର୍ଜନୀୟ ।ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା' ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ଧାର୍ମିକ ମତରେ ବୃକ୍ଷଚ୍ଛେଦନ ଓ ଜୀବହତ୍ୟା ମହାପାପ । ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ । ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି । ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ । ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି । କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି । ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି ।ଜୀବେ ଦୟା ଧର୍ମ । ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ । ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ । ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି । ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି । ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ । ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ । ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ । ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ । ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ । ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି । ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । ଫ୍ରାନ୍ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା । ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି । ଏଥିପାଇଁ ୱାଇଲ୍ଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ । ଏତଦ୍ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି । ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଟପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି । ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା ।

**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ**
**ଗବେଷଣା ପ୍ରତିଷ୍ଠାନ,**
**ବିପିନ ବିହାରୀ ପାଠାଗାର,ଜଟଣୀ**



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଖୋର୍ଦ୍ଧା ଓକିଲ ସଂଘ ନିର୍ବାଚନ ଲୋତକବିନ୍ଦୁ ପଟ୍ଟନାୟକ ସଭାପତି ଓ ଲିଙ୍ଗରାଜ ସାହୁ ସମ୍ପାଦକ



ଖୋର୍ଦ୍ଧା, (ମହାଭାରତ) : ରାଜ୍ୟ ବାର କାଉନସିଲ୍ ନିଷ୍ପତି କ୍ରମେ ଆଜି ରାଜ୍ୟବ୍ୟାପୀ ସମସ୍ତ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିବା ବେଳେ ଏହି ଆଜି ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘର ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ଏଥିରେ ସଭାପତି ଭାବେ ଲୋତକବିନ୍ଦୁ ପଟ୍ଟନାୟକ ୧୫୧ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ନିକଟ ତମ ପ୍ରତିଦ୍ୱନ୍ଦୀ ଭାବେ ମାନସ ରଞ୍ଜନ ପଟ୍ଟନାୟକ ୧୨୧ଖଣ୍ଡ ଓ ଲିଙ୍ଗରାଜ ସାହୁ (ଟୁଟୁ) ୫୬ ଖଣ୍ଡ ହାତେଇ ପାରିଛନ୍ତି। ସେହିପରି ଉପ-ସଭାପତି ଭାବେ ହରପ୍ରସାଦ ରାମ ୧୮୨ଖଣ୍ଡ ପାଇ ବିଜୟୀ ହୋଇଛନ୍ତି ଏବଂ ସଂଘର ସମ୍ପାଦକ ଭାବେ ଲିଙ୍ଗରାଜ ସାହୁ ୧୯୫ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି । ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ କେଶରୀ ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ବସନ୍ତ କୁମାର ଭଞ୍ଜ ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଛନ୍ତି । ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ବିକ୍ରମ କେଶରୀ ଛୁଆଲସିଂହ, ପ୍ରଦୀପ କୁମାର ମିଶ୍ର, ରାଧାକାନ୍ତ ରାୟ ସାମନ୍ତ, ସାବିତ୍ରୀ ଦେବୀ, ଜମ୍ମିରୁଦ୍ଦିନ୍ ଖାନ୍ ଏବଂ ମୋନାଲିସା ମିଶ୍ର ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ସକାଳ ୭.୩୦ ମିନିଟ୍ ସମୟରୁ ଆରମ୍ଭ ହୋଇ ଅପରାହ୍ଣ ୩ଟାରେ ଶେଷ ହୋଇଥିବା ବେଳେ ଭୋଟ ଗଣତି ଅପରାହ୍ଣ ୪ଟାରେ ଆରମ୍ଭ ହୋଇଥିଲା । ସର୍ବମୋଟ ୩୭୧ ଭୋଟରଙ୍କ ମଧ୍ୟରୁ ୩୩୪ଜଣ ସେମାନଙ୍କ ମତଦାନ କରିଛନ୍ତି । ଆଜିର ନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବେ ବିଜୟ ଚନ୍ଦ୍ର ମହାନ୍ତି ପରିଚାଳନା କରିଥିବାବେଳେ ପୂର୍ବତନ ସମ୍ପାଦକ ପ୍ରଭଞ୍ଜନ ଜେନା, ପୁଷ୍ପାଞ୍ଜଳୀ ଉଦୟସିଂ, ପ୍ରଦିପ୍ତ ପ୍ରସାଦ ରାମ ଓ ସଞ୍ଜୟ ଶତପଥୀ ପରିଚାଳନାରେ ସହଯୋଗ କରିଥିଲେ ।

## ଆର୍ ଟି ଓ ଏବଂ ପୋଲିସ ଦ୍ୱାରା ସଚେତନତା ବାର୍ତ୍ତା

ମାଲକାନଗିରି, (ମହାଭାରତ) : ଏମ୍ ଭି ୭୯ ପୋଲିସ ଏବଂ ମାଲକାନଗିରି ଆର୍.ଟି.ଓ ର ମିଳିତ ଭାବେ ଆଜି ଏମ୍ ଭି ୭୯ ଗ୍ରାମ ୩୨୬ ନମ୍ବର ଜାତୀୟ ରାଜପଥ ଠାରେ ଲୋକଙ୍କୁ ଟ୍ରାଫିକ ନିୟମ ବିଷୟରେ ଏକ ସଚେତନତା ବାର୍ତ୍ତା କାର୍ଯ୍ୟକ୍ରମ କରାଯାଇଥିଲା। ମଦ୍ୟପାନ ନକରି ସର୍ବଦା ହେଲମେଟ ପିନ୍ଧି ଗାଡି ଚଳାଇବା, ନିୟମାନୁଯାୟୀ ଯାନ ର ବେଗ ରଖିବା ଏବଂ ସଡ଼କ ସୁରକ୍ଷା ର ସମସ୍ତ ନିୟମକୁ ଅବଲମ୍ବନ କରିବା ଫଳରେ ଦୁର୍ଘଟଣା ଏବଂ ଜୀବନ ରକ୍ଷା କରାଯାଇ ପାରିବ ବୋଲି କୁହାଯାଇଛି । ଲୋକଙ୍କୁ ସଚେତନ କରାଇ ଥିଲେ ଏହି ଅବସରରେ ଏମ୍ ଭି ୭୯ ପୋଲିସ ଉପସ୍ଥିତ ଥିଲେ। ମାଲକାନଗିରି ଆର ଟି ଓ ତରଫରୁ ମାର୍ଚ୍ଚ ୨୧ ରୁ ୩୧ ତାରିଖ ପର୍ଯ୍ୟନ୍ତ କ୍ଲଷ୍ଟର ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବା କଥା କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଏମ୍ ଭି ୭୯ ଗ୍ରାମ ବାସୀ ଏବଂ ସ୍ୱତନ୍ତ୍ର ଯୁବ ପିଢ଼ିକୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

## ତାଳତୋଳା ଗ୍ରାମ ରଘୁନାଥ ଦେବଙ୍କ ପିଠିରେ ନାବାନ୍ନ ପାରାୟଣ ଆରମ୍ଭ

କୃଷ୍ଣପ୍ରସାଦ, (ମହାଭାରତ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ବଜରକୋଟ ପଞ୍ଚାୟତ ତାଳତୋଳା ଗ୍ରାମ ରେ ଥିବା ରଘୁନାଥ ଙ୍କ ମନ୍ଦିର ରେ ରାମ ନବମୀ ମହା ସମାରୋହ ରେ ପାଳିତ ହୋଇଛି। ଏହି ଅବସରରେ ୩୭ ତମ ପାରାୟଣ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ରେ ବ୍ୟାସ ଭାବେ ସନ୍ଥଶ୍ରୀ କରୁଣାକର ଦାସଜୀ ମହାରାଜ ଏବଂ ପୂଜ୍ୟ ପ୍ରବକ୍ତା ଶ୍ରୀ ଶ୍ରୀ ୧୦୮ ଶ୍ରୀ ମହନ୍ତ ସୁନ୍ଦର ରାମଦାସଜୀ ମହାରାଜ (ମଥୁରା ମଠାଧୀଶ ) ଯୋଗଦେଇଥିଲେ । ପ୍ରତ୍ୟହ ରାମ ଚରିତ ମାନସ ପଠନ କରାଯାଉଥିଲା । ପ୍ରବଚକ ଭାବେ ଅଧ୍ୟାପକ ପ୍ରଦିପ କୁମାର ଜେନା, ପ୍ରଶାନ୍ତ କୁମାର ପଲାଇ ଏବଂ କାଶିନାଥ ଜେନା ଯୋଗଦେଇଥିଲେ।ବିଭିନ୍ନ ଗ୍ରାମରୁ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ମାନେ ଭୋର ରୁ ରାମ ଙ୍କୁ ଦର୍ଶନ କରି ଭୋଗ ପୂଜା ସାରି ଫେରିଥିଲେ। ଆଜିଠାରୁ ନଅ ଦିନ ଧରି ରାମ ଚରିତ ମାନସ ପାରାୟଣ ଆରମ୍ଭ ହୋଇଛି। ଭୋରରୁ ମହିଳା ମାନେ ୧୦୮ ପାଣି ଭର୍ତ୍ତି କଳସ ରେ ଗ୍ରାମ କଳସ ଯାତ୍ରା କରିଥିଲେ। ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମର ସଭାପତି ଭ୍ରମରବର ପ୍ରଧାନ, ସମ୍ପାଦକ ସୁକାନ୍ତ କୁମାର ଜେନା, ଉଲ୍ଲାସ ପ୍ରଧାନ, ପ୍ରମୋଦ ପ୍ରଧାନ ଦୁର୍ଯ୍ୟୋଧନ ତରେଇ, ଧନେଶ୍ୱର ଜେନା, ସିମାଞ୍ଚଳ ଜେନା, ପ୍ରସନ ବିଶ୍ୱାଳ ଙ୍କ ସମେତ ଗ୍ରାମର ସମସ୍ତ କର୍ମ କର୍ତ୍ତା ସହଯୋଗ କରିଛନ୍ତି। ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଙ୍କ ସମାଗମ ଦେଖିବାକୁ ମିଳିଥିଲା। ଏବଂ ସେମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

## ଅଶୋଧିତ ତୈଳବାହୀ ଜାହାଜ 'ଏମଟି ଆଲମି ଟାଇଟନ' ପାରାଦୀପ ବନ୍ଦରକୁ ଆଗମନ

ପାରାଦୀପ, (ମହାଭାରତ): ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ (ଆଇଓସିଏଲ) ପାଇଁ ଅଭୂତପୂର୍ବ ୩,୦୨,୮୬୧ ମେଟ୍ରିକ୍ ଟନ୍ ଅଶୋଧିତ ତୈଳ ବହନ କରି 'ଏମଟି ଆଲମି ଟାଇଟନ' ନାମକ ବୃହତ୍ତକାୟ ଜାହାଜର ଆଗମନ ସହିତ ପାରାଦୀପ ବନ୍ଦର ପ୍ରାଧିକରଣ ଏହାର ପରିଚାଳନା ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହା ବନ୍ଦରରେ ପରିଚାଳିତ ସର୍ବାଧିକ ପାର୍ସଲ ଜାହାଜ । ଏହି ସଫଳତା ଜୁନ୍ ୨୦୨୦ ରେ ସ୍ଥାପନ ହୋଇଥିବା ୨,୯୭,୭୧୪ ମେଟ୍ରିକ୍ ଟନ୍ ରେକର୍ଡକୁ ଅତିକ୍ରମ କରିଛି, ଯାହା ବନ୍ଦରର ବୃହତ ପରିମାଣର ପଣ୍ୟ ପରିବହନକୁ ଦକ୍ଷତାର ସହିତ ଏବଂ ସୁରକ୍ଷିତ ଭାବରେ ପରିଚାଳନା କରିବାର ବୃଦ୍ଧି ପାଉଥିବା କ୍ଷମତାକୁ ପ୍ରତିଫଳିତ କରିଛି । ଏହି ମାଇଲଖୁଣ୍ଟ ପାରାଦୀପ ବନ୍ଦରର ଭିତ୍ତିଭୂମି ବୃଦ୍ଧି, କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ଭାରତର ଶକ୍ତି ଏବଂ ବାଣିଜ୍ୟ ଆବଶ୍ୟକତାକୁ ସମର୍ଥନ କରିବା ଉପରେ ନିରନ୍ତର ଲକ୍ଷ୍ୟ କୁ ଉଜ୍ଜ୍ୱଳ କରିଛି । ଏତେ ବଡ଼ ଅଶୋଧିତ ତୈଳ ପାର୍ସଲ ଜାହାଜ ର ସଫଳ ପରିଚାଳନା ପୂର୍ବ ଉପକୂଳରେ ପେଟ୍ରୋଲିୟମ ଆମଦାନୀ ପାଇଁ ଏକ ପ୍ରମୁଖ ପ୍ରବେଶ ପଥ ଭାବରେ ବନ୍ଦରର ରଣନୈତିକ ଗୁରୁତ୍ୱକୁ ଆହୁରି ସୁଦୃଢ଼ କରିଛି । ପାରାଦୀପ ବନ୍ଦର ର ବରିଷ୍ଠ ଅଧିକାରୀମାନେ ଏହି ଐତିହାସିକ ସଫଳତା ହାସଲ କରିବାରେ ବନ୍ଦର ପରିଚାଳନା, ସାମୁଦ୍ରିକ ସେବା ଏବଂ ଆଇଓସିଏଲ ସମେତ ସମସ୍ତ ଅଂଶୀଦାରଙ୍କ ସମନ୍ୱିତ ପ୍ରୟାସକୁ ସ୍ୱୀକାର କରିଛନ୍ତି। ଏହି ସଫଳତା ସହିତ, ପାରାଦୀପ ବନ୍ଦର ଭାରତର ପ୍ରମୁଖ ବନ୍ଦର ମଧ୍ୟରୁ ଗୋଟିଏ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିଚାଲିଛି, ଯାହା ଦେଶର ଆର୍ଥିକ ଅଭିବୃଦ୍ଧି ଏବଂ ସାମୁଦ୍ରିକ ବାଣିଜ୍ୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ବଜାୟ ରଖିଛି ।

# ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ

ପାରାଦୀପ, (ମହାଭାରତ) : କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକର କୁସୁନପୁର ଗ୍ରାମରେ ଇଫକୋ ପାରାଦୀପ ୟୁନିଟ୍ ଦ୍ୱାରା ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଏବଂ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଆୟୋଜିତ ହୋଇଯାଇଛି । ଏହି ଶିବିର ବଡ଼େବତାରା ଗ୍ରାମ ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହା ଇଫକୋ ପାରାଦୀପ ୟୁନିଟ୍ ଏବଂ ଇଫକୋ କର୍ଡେଟ୍, ପାରାଦୀପ, କଳିଙ୍ଗ ହସ୍ପିଟାଲ ଭୁବନେଶ୍ୱର ଏବଂ ରୋଟାରୀ ଚକ୍ଷୁ ହସ୍ପିଟାଲ କଟକର ମିଳିତ




ପ୍ରୟାସ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳର ଗ୍ରାମବାସୀ ମାନେ ଏହି କାର୍ଯ୍ୟକ୍ରମରେ ପଞ୍ଜିକରଣ କରିଥିଲେ, ଯେଉଁଠାରେ ରକ୍ତଚାପ ଏବଂ ମଧୁମେହ ପରୀକ୍ଷା ସମେତ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଇଫକୋ ରୋଗୀମାନଙ୍କୁ ମାଗଣା ଚିକିତ୍ସା ଓ ଔଷଧ ଯୋଗାଇଥିଲା। ଏହି କାର୍ଯ୍ୟକ୍ରମକୁ ଇଫକୋ କୋର୍ଡେଟ୍, ପ୍ରିନ୍ସିପାଲ କୁଳମଣି ମାଝୀ ଏବଂ ଇଫକୋ ଲୋକ ସମ୍ପର୍କ ଅଧିକାରୀ ଡ଼ଃ. ପ୍ରସନ୍ନ କୁମାର ବେଉରା ସଫଳତାର ସହ ପରିଚାଳନା କରିଥିଲେ। ଭୁବନେଶ୍ୱର ରୋଟାରୀ ଚକ୍ଷୁ ହସ୍ପିଟାଲ ଓ କଳିଙ୍ଗ ହସ୍ପିଟାଲର ଡାକ୍ତରୀ ଦଳ ରୋଗୀମାନଙ୍କର ପରୀକ୍ଷା କରିଥିଲେ। ଗ୍ରାମ ପଞ୍ଚାୟତ ସରପଞ୍ଚ ସୁଞ୍ଜୁକ୍ତା ମହାପାତ୍ର, ସମାଜସେବୀ କିଶୋର ଚନ୍ଦ୍ର ମହାପାତ୍ର, ରଞ୍ଜନ କୁମାର ରଥ, ରଞ୍ଜନ କୁମାର ରାଉତ, ବିଶ୍ୱ ରଞ୍ଜନ ସାହୁ, ଭଞ୍ଜନ କୁମାର ରଥ ଏବଂ ପତିତପାବନ ବିଶ୍ୱାଳ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ। ଶିବିର ସମୟରେ, ବିଭିନ୍ନ ରୋଗୀଙ୍କ ରୋଗର ସମାଧାନ ଏବଂ ପରୀକ୍ଷା କରାଯାଇଥିଲା । ପରାମର୍ଶ ଓ ଚିକିତ୍ସା ପ୍ରଦାନ କରାଯାଇଥିଲା। ଏହି ଉଦାହରଣମୂଳକ ସାମାଜିକ ସେବା ପାଇଁ ଇଫକୋ କୁ ବ୍ୟାପକ ଭାବରେ ପ୍ରଶଂସା କରାଯାଉଛି, ଯାହା ଦର୍ଶାଏ ଯେ ମୁଖ୍ୟତଃ କୃଷକମାନଙ୍କ ପାଇଁ ଏକ କମ୍ପାନୀ ହୋଇଥିଲେ ମଧ୍ୟ, ଏହା ସମଗ୍ର ସମାଜର ସେବା ପାଇଁ ସମର୍ପିତ।

## ଦଶପଲ୍ଲା ଟାକେରା ନିକଟରେ ଟୁରିଷ୍ଟ ବସ ଦୁର୍ଘଟଣା ଦୁର୍ଘଟଣାରେ ୫ ମୃତ ୩୦ ରୁ ଉର୍ଦ୍ଧ ଗୁରୁତର ଆହତ



ଦଶପଲ୍ଲା, (ମହାଭାରତ) : ନୟାଗଡ଼ ଦଶପଲ୍ଲା ଟାକେରା ନିକଟରେ ଟୁରିଷ୍ଟ ବସ ଦୁର୍ଘଟଣା। ଦୁର୍ଘଟଣା ରେ ୫ ମୃତ ୩୦ ରୁ ଉର୍ଦ୍ଧ ଗୁରୁତର ଆହତ। ବସରେ ଥିଲେ ୫୦ ରୁ ଉର୍ଦ୍ଧ ଯାତ୍ରୀ। ଗତକାଲି ମଧ୍ୟ ରାତିରେ ଦଶପଲ୍ଲା ଟାକେରା ପିଠାଖାଇ ଘାଟି ନିକଟରେ ହୋଇଛି ଏହି ଭୟଙ୍କର ଦୁର୍ଘଟଣା। ମା ସିଂଘେଶ୍ୱରୀ ଅନିଲ୍ ନାମକ ଘରୋଇ ଦଶପଲ୍ଲା ଟାକେରା ପିଠାଖାଇ ଘାଟି ନିକଟରେ ଭାରସାମ୍ୟ ହରାଇ ବସ ଓଲଟି ପଡ଼ିବାରୁ ଏଥିରେ ୫ ଜଣ ତୀର୍ଥ ଯାତ୍ରୀଙ୍କ ମୃତ ହୋଇଥିବା ବେଳେ ୩୦ ରୁ ଉର୍ଦ୍ଧ ଯାତ୍ରୀ ଆହତ ଏବଂ ଗୁରୁତର ହୋଇଛନ୍ତି। ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଅଞ୍ଚଳରୁ ୫୦ ଜଣରୁ ଉର୍ଦ୍ଧ ତୀର୍ଥ ଯାତ୍ରୀ ଙ୍କୁ ନେଇ ମା ସିଂଘେଶ୍ୱରୀ ଅନିଲ୍ ନାମକ ବସ ବଲାଙ୍ଗୀର ଜିଲ୍ଲା ହରିଶଙ୍କର ନୃସିଂହ ନାଥଙ୍କ ଦର୍ଶନ ପାଇଁ ଯିବା ବେଳେ ଶୁକ୍ରବାର ରାତିରେ ଦଶପଲ୍ଲା ଥାନା ଜାତୀୟ ରାଜପଥ ୫୭ ନିକଟ ଦଶପଲ୍ଲା ଟାକେରା ପିଠାଖାଇ ଘାଟି ଅତିକ୍ରମ କରୁଥିବା ବେଳେ ସ୍ପିଡ଼ରେ ଥିବା ବସଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିଥିଲା। ଏଥିରେ ଥିବା ୫ ଜଣ ଯାତ୍ରୀଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୩୦ ଜଣ ରୁ ଉର୍ଦ୍ଧ ଯାତ୍ରୀ ଆହତ ଏବଂ ଗୁରୁତର ରହିଛନ୍ତି। ମୃତକ ମାନେ ହେଲେ ବ୍ରହ୍ମପୁରର ଏଲ ହରି ପାତ୍ର, ଲାକ୍ଷ୍ମୀ ପାତ୍ର ଦୁହେଁ ସ୍ୱାମୀ ସ୍ତ୍ରୀ ଅଟନ୍ତି। ସେହି ଭଳି ସୁପ୍ରଭା ସାହୁ ଏବଂ ସୁମନ୍ତି ସାହୁଙ୍କର ମଧ୍ୟ ମୃତ୍ୟୁ ହୋଇଛି। ବସ ଡ୍ରାଇଭର ପ୍ରବୀଣ କୁମାର ସାହୁଙ୍କର ମଧ୍ୟ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ତାଙ୍କର ଘର ଭଞ୍ଜନଗର କୁଲାଡ଼ ଗାଁରେ ବୋଲି ଜଣା ପଡ଼ିଛି। ରାତି ସାଢ଼େ ଗୋଟେ ରୁ ଦୁଇଟା ମଧ୍ୟରେ ଦୁର୍ଘଟଣା ହୋଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଏବଂ ଫାୟାର ଟିମ୍ ଏବଂ ୧୦୮ ଆମ୍ବୁଲାନ୍ସ ସହାୟତାରେ ମୃତକ ଏବଂ ଆହତ ଓ ଗୁରୁତର ଆହତ ମାନଙ୍କୁ ଉଦ୍ଧାର କରି ପ୍ରଥମେ ଦଶପଲ୍ଲା ମେଡ଼ିକାଲ କୁ ଅଣାଯାଇଥିଲା। ସମସ୍ତ ମୃତ ଦେହକୁ ଶବ ବ୍ୟବଚ୍ଛେଦ ପାଇଁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ଅଣା ଯାଇଛି। ଘଟଣା ସ୍ଥଳରେ ଦଶପଲ୍ଲା ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଡ୍ରାଇଭର ମଦପିଇ ଗାଡି ଚଳାଉଥିବା ନେଇ ଅଭିଯୋଗ ହୋଇଛି। ୩ ଦିନିଆ ଟୁରୁ ରେ ୧୧ ଟି ସ୍ଥାନ ପରିଭ୍ରମଣ କରିବା ପାଇଁ ଶୁକ୍ରବାର ରାତିରେ ୫୦ ରୁ ଉର୍ଦ୍ଧ ତ୍ରୀର୍ଥ ଯାତ୍ରୀ ଙ୍କୁ ଧରି ବ୍ରହ୍ମପୁର ରୁ ବାହାରିଥିଲା ଏହି ଅନିଲ୍ ବସ।

## ପାହାଡ଼ରେ ବେଆଇନ ପଥର ବ୍ଲାଷ୍ଟିଙ୍ଗ, ପ୍ରଶାସନ ନିରବଦ୍ରଷ୍ଟା



ମୋହନା, (ମହାଭାରତ) : ରାଜ୍ୟ ସରକାର ରାଜସ୍ୱ ଆଦାୟ କରିବା ପାଇଁ ରାଜସ୍ୱ ବିଭାଗକୁ ଦାୟିତ୍ୱ ଦେଇଛନ୍ତି ହେଲେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ପାଇଁ ଲକ୍ଷଲକ୍ଷ ଟଙ୍କା ରାଜସ୍ୱ କ୍ଷତି ସହୁଛି। ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ବ୍ଲକ ଗୁଲୁବା ପଞ୍ଚାୟତ ଲୁଦିଗୁଡାଗାଁ ଓ ଚୁଡ଼ଙ୍ଗପୁର ପଞ୍ଚାୟତ ଝରଣପୁରଗାଁ ଏହି ଦୁଇ ଗାଁ ମଝିରେ ଏକ ପାହାଡ଼ ସମ୍ପୂର୍ଣ୍ଣ ଧ୍ୱଂଶ କରିବାରେ ଲାଗିଛନ୍ତି କିଛି ଠିକାଦାର। ଏହି ଅଞ୍ଚଳ ରେ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରୁଥିବା ବେଳେ ଠିକାଦାର ସେମାନଙ୍କୁ ଠକିବାରେ ଉସ୍ତାଦ କୁହାଯାଉଛି। ଗାଁ ନିକଟସ୍ଥ ପାହାଡ଼ ରେ ପଥର ବ୍ଲାଷ୍ଟିଙ୍ଗ କରିବା ସହ ଏକ ବେଆଇନ ଭାବେ କ୍ରସର ମେସିନ ମାଧ୍ୟମରେରେ ମେଟେରିଆଲ ପ୍ରସ୍ତୁତ କରି ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି ଠିକାଦାର ଜଣକ। ଏମିତି କି କିଛି ଗ୍ରାମର ମୁରବି ମାନଙ୍କୁ ଆବାସ ଯୋଜନାରେ ଘର ଆସିଲେ ପଥର ଯୋଗାଇବା ପାଇଁ ମଧ୍ୟ ପ୍ରତିଶୃତି ଦେଇ ପାହାଡ଼ ରେ ପଥର ବ୍ଲାଷ୍ଟିଙ୍ଗ ଆରମ୍ଭ କରିଥିଲେ ଠିକାଦାର ଜଣକ ।ହେଲେ ଗରିବ ନିରୀହ ଲୋକଙ୍କୁ ଠକି ସମ୍ପୂର୍ଣ୍ଣ ପାହାଡ଼ ସଫା ହୋଇଗଲାଣି କିନ୍ତୁ ପଥର ଦେଲାନି ଠିକାଦାର। ଏମିତି କି ଯେଉଁ ପାହାଡ଼େର ବ୍ଲାଷ୍ଟିଙ୍ଗ କରି ପଥର ବାହାର କରାଯାଉଛି କିଛି ଦୂରରେ ରହିଛି ବିଦ୍ୟାଳୟ। ବିଦ୍ୟାଳୟରେ ପାଠ ପଢିବା ସମୟରେ ଯେଉଁଭଳି ଭାବେ ପଥର ବ୍ଲାଷ୍ଟ କରାଯାଉଛି ତାହା ଛାତ୍ର ଛାତ୍ରୀ ମାନେ ଭୟଭୀତ ହେଉଥିବା ମଧ୍ୟ ନଜିର ରହିଛି। ଏଭଳି ଗୋଟିଏ ପଟେ ପାହାଡ଼ ସଫା ହୋଇଗଲାଣି କିନ୍ତୁ ପ୍ରଶାସନ ର ଆଖି ପଡୁନି। ଯାହାକୁ ନେଇ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହେବାରେ ଲାଗିଛି। ସ୍ଥାନୀୟ ତହସିଲଦାର ଏଠି କଣ ଜନ୍ମ ମୃତ୍ୟୁ ପ୍ରମାଣ ପତ୍ର ଦେବାପାଇଁ ଆସିଛନ୍ତି ନା ରାଜସ୍ୱ କ୍ଷତି କରିବା ପାଇଁ ଆସିଛନ୍ତି ତାହା ଏବେ ଅଞ୍ଚଳ ରେ ଚର୍ଚ୍ଚା ଲାଗି ରହିଛି।

## ଘର ତଳେ ଚାପି ହୋଇ ସ୍ୱାମୀ ସ୍ତ୍ରୀ ଗୁରୁତର

କପ୍ତିପଦା, (ମହାଭାରତ ) : ଘରେ ଶୋଇଥିବା ବେଳେ ଅଚାନକ ମାଡି ଆସିଲା ଝଡ଼ ତୋଫାନ। ଆଉ ଝଡ଼ ତୋଫାନରେ ଭୁଶୁଡି ପଡିଲା ଘର କାନ୍ଥ, ଭାଙ୍ଗିଲା ଆଜବେଷ୍ଟସ। କାନ୍ଥ ତଳେ ଚାପି ହୋଇ ରହିଲେ ବ୍ୟକ୍ତି। ଶରତ ଥାନା କେଶପଡା ଗ୍ରାମରେ ଘଟିଛି ଏଭଳି ଘଟଣା। ଗତକାଲି ଗ୍ରାମର ବାରିଆଳ ମାରାଣ୍ଡି ଏବଂ ତାଙ୍କ ସ୍ତ୍ରୀ ଦୁର୍ଗୀ ମାରାଣ୍ଡି ଘର ଭିତରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଅଚାନକ ହୋଇଥିଲା ପ୍ରବଳ ଝଡ଼ ତୋଫାନ। ଝଡ଼ ତୋଫାନରେ ବାରିଆଳଙ୍କ ଘର ମାଟି କାନ୍ଥ ଗଡ଼ିବା ସହିତ ଆଜବେଷ୍ଟସ ଭାଙ୍ଗି ଶୋଇଥିବା ଅବସ୍ଥାରେ ତାଙ୍କ ଉପରେ ପଡିଥିଲା। ଯାହାକି କାନ୍ଥ ତଳେ ଚାପି ହୋଇ ରହିଥିଲେ। ପରିବାର ଲୋକେ ତାଙ୍କୁ ଏକ ଘଣ୍ଟା ପରେ ଉଦ୍ଧାର କରିବାରେ ସଫଳ ହୋଇଥିବା ବେଳେ ତାଙ୍କ ମୁଣ୍ଡ ଫାଟି ସେ ଗୁରୁତର ହୋଇଛନ୍ତି ଏବଂ ଅନ୍ୟପଟେ ପାଖରେ ଶୋଇଥିବା ସ୍ତ୍ରୀ ର କାନ ମଧ୍ୟ ମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ଉଭୟ ଉଦଲା ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି।

# ଠାକୁରମୁଣ୍ଡା ବଜାରରେ ଅଳଙ୍କାର ଦୋକାନ ଚୋରୀ ଘଟଣା: ୨ ଆନ୍ତର୍ରାଜ୍ୟ ଚୋର ଗିରଫ, ଚୋରୀ ସୁନା-ରୂପା ଅଳଙ୍କାର ଉଦ୍ଧାର

କରଞ୍ଜିଆ, (ମହାଭାରତ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବଜାରରେ ଘଟିଥିବା ଚର୍ଚ୍ଚିତ ଅଳଙ୍କାର ଦୋକାନ ଚୋରୀ ଘଟଣାର ପର୍ଦ୍ଦାଫାସ କରିବାରେ ପୋଲିସ ସଫଳ ହୋଇଛି। ଏହି ଘଟଣାରେ ଜଡିତ ଦୁଇ ଜଣ ଆନ୍ତର୍ରାଜ୍ୟ ଚୋରଙ୍କୁ ଗିରଫ କରାଯାଇଥିବା ବେଳେ ଚୋରୀ ହୋଇଥିବା ସୁନା ଓ ରୂପା ଅଳଙ୍କାର ମଧ୍ୟ ଉଦ୍ଧାର କରାଯାଇଛି। ପୋଲିସ ସୂଚନା ଅନୁସାରେ, ଗତ ଫେବୃଆରୀ ମାସ ୧୦ ତାରିଖ ବିଳମ୍ବିତ ରାତିରେ ଠାକୁରମୁଣ୍ଡା ବଜାରରେ ଅବସ୍ଥିତ ରାଜେନ୍ଦ୍ର ସାହୁଙ୍କ "ଦୁର୍ଗା ଅଳଙ୍କାର" ଦୋକାନକୁ ଲକ୍ଷ୍ୟ କରି ଦୁର୍ବୃତ୍ତମାନେ ଚୋରୀ କାଣ୍ଡ ଘଟାଇଥିଲେ। ଦୋକାନର ପଛ ପଟର କାନ୍ଥକୁ ସିନ୍ଧି କରି ସେମାନେ ଭିତରକୁ ପ୍ରବେଶ କରିଥିଲେ। ପରେ ଗ୍ୟାସ କଟର ସାହାଯ୍ୟରେ ଲୁହାର ଲକର କାଟି




ସେଥିରେ ରହିଥିବା ବହୁ ମୂଲ୍ୟବାନ ସୁନା ଓ ରୂପା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଥିଲେ। ଚୋରମାନେ ଘଟଣାକୁ ଗୋପନ ରଖିବା ପାଇଁ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଭାଙ୍ଗିଦେବା ସହିତ ତାହାର ହାର୍ଡ ଡିସ୍କକୁ ମଧ୍ୟ ସଙ୍ଗେ ନେଇଯାଇଥିବା ଜଣାପଡ଼ିଛି। ଘଟଣା ପରେ ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଥିଲା। ଘଟଣାର ଗୁରୁତ୍ୱକୁ ଦେଖି ମୟୂରଭଞ୍ଜ ଏସପିଙ୍କ ତତ୍ତ୍ୱାବଧାନରେ ଏକ ବିଶେଷ ତଦନ୍ତ ଦଳ ଗଠନ କରାଯାଇଥିଲା। ମୋରଡା ଥାନା ଆଇଆଇସି ସୁମିତ ସୋରେନ, ଠାକୁରମୁଣ୍ଡା ଓଆଇସି ସାବିତ୍ରୀ ଦଳେଇ ସହିତ ଅନ୍ୟାନ୍ୟ ପୋଲିସ କର୍ମଚାରୀମାନେ ଏହି ଟିମରେ ସାମିଲ ହୋଇ ତଦନ୍ତ ଆରମ୍ଭ କରିଥିଲେ। ଟେକ୍ନିକାଲ ସୂଚନା ଓ ଗୁପ୍ତ ସୂତ୍ର ଆଧାରରେ ପୋଲିସ ଦଳ ପ୍ରାୟ ଦୁଇ ସପ୍ତାହ ଧରି ଝାରଖଣ୍ଡ ଅଞ୍ଚଳରେ ଡେରା ପକାଇ ତଦନ୍ତ ଚଳାଇଥିଲେ। ଶେଷରେ ଝାରଖଣ୍ଡ ରାଜ୍ୟର ରାଜମହଲ ଥାନା ଅଞ୍ଚଳରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ନିକଟରୁ ଚୋରୀ ହୋଇଥିବା ଅଳଙ୍କାର ଜବତ କରାଯାଇଥିଲା। ପରେ ଆଉ ଜଣେ ଅଭିଯୁକ୍ତଙ୍କୁ ଯଶିପୁର ଅଞ୍ଚଳରୁ ଧରାଯାଇଥିଲା। ପୋଲିସ କହିଛି ଯେ, ଏହି ଚୋରୀ ଘଟଣାରେ ମୋଟ ୮ ଜଣ ଜଡିତ ଥିବା ସନ୍ଦେହ ରହିଛି, ଯାହା ମଧ୍ୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ୨ ଜଣକୁ ଗିରଫ କରାଯାଇଛି।

ତଦନ୍ତ ଚାଲୁ ରହିଥିବାରୁ ଗିରଫ ଅଭିଯୁକ୍ତମାନଙ୍କ ନାମ ପୋଲିସ ପକ୍ଷରୁ ଗୋପନ ରଖାଯାଇଛି। ସେମାନଙ୍କ ନିକଟରୁ ପ୍ରାୟ ଅଧା କେଜି ରୂପା ସହିତ କିଛି ସୁନା ଅଳଙ୍କାର ଉଦ୍ଧାର କରାଯାଇଥିବା ପୋଲିସ ସୂଚନା ଦେଇଛି। ଏହା ସହ ପୋଲିସ ଏହା ମଧ୍ୟ କହିଛି ଯେ, ଏହି ଚୋର ଚକ୍ରର ସଦସ୍ୟମାନେ ପୂର୍ବରୁ ଠାକୁରମୁଣ୍ଡା ଅଞ୍ଚଳରେ ରହି ଫେରି କରୁଥିବାରୁ ସ୍ଥାନୀୟ ଅଞ୍ଚଳ ସମ୍ପର୍କରେ ପୂର୍ଣ୍ଣ ପରିଚିତ ଥିଲେ। ଏହା ଚୋରୀ ଯୋଜନାକୁ ସଫଳ କରିବାରେ ସହାୟକ ହୋଇଥିବା ବୋଲି ଅନୁମାନ କରାଯାଉଛି। ଶନିବାର ଠାକୁରମୁଣ୍ଡା ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାୟକ ଓ ଓଆଇସି ସାବିତ୍ରୀ ଦଳେଇଙ୍କ ଉପସ୍ଥିତିରେ ଅତିରିକ୍ତ ଏସପି ଏହି ସମ୍ପର୍କରେ ସବିସ୍ତାର ସୂଚନା ପ୍ରଦାନ କରିଥିଲେ। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ଚଢ଼ାଉ ଜାରି ରଖିଥିବା ବେଳେ, ଏହି ଘଟଣାର ପୂର୍ଣ୍ଣ ତଦନ୍ତ ଚାଲିଥିବା କଥା କୁହାଯାଇଛି। ଏହି ସଫଳତା ଠାକୁରମୁଣ୍ଡା ପୋଲିସ ପାଇଁ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ଭାବେ ଦେଖାଯାଉଛି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ପ୍ରେମରୁ ବିଫଳ ହୋଇ ଆତ୍ମହତ୍ୟା ଉଦ୍ୟମ ପ୍ରେମିକ ଅଟକ, ପୋଲିସର ତଦନ୍ତ ଜାରି

ଆସିକା (ମହାଭାରତ): ଆସିକା ବ୍ଲକ ଅନ୍ତର୍ଗତ କୋଟିନଡା ଥାନା ଅଧୀନ ଭେଟନଇ ଗ୍ରାମର ପ୍ରେମ କୁ କେନ୍ଦ୍ର କରି ଜଣେ ଯୁବତୀ ନିଜ ଦେହରେ କିରୋସିନି ଢାଳି ଆତ୍ମହତ୍ୟା ଉଦ୍ୟମ। ଘଟଣା ସ୍ଥଳରୁ ପରିବାର ଲୋକ ଯୁବତୀ ଙ୍କୁ ଉଦ୍ଧାର କରି ୧୦୮ଆମ୍ବୁଲାନ୍ସ ରେ ପ୍ରଥମେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ। ପ୍ରକାଶ ଥାଉକି ଆସିକା ବ୍ଲକ କୋଟିନଡ଼ା ଥାନା ଅଧୀନ ଭେଟନଇ ଗ୍ରାମର ଉମାକାନ୍ତ ରଣାଙ୍କର ଝିଅ ଦିବ୍ୟଜ୍ୟୋତି ରଣା(୨୦) ଯୁକ୍ତ ତିନି ରେ ପଢୁଥିବା ସମୟରେ କୋଦଳା ଶାଳବଣ ଗ୍ରାମର କାହ୍ନୁ ଚରଣ ନାୟକ (୨୨)ନାମକ ଏକ ଯୁବକଙ୍କ ସହ ପ୍ରେମ ସମ୍ପର୍କ ୨୦୨୦ ମସିହାରୁ ଗଢି ଉଠିଥିଲା। କିନ୍ତୁ ଯୁବକ ଜଣକ ବାହା ଘର ପାଇଁ ରାଜି ହୋଇନଥିଲା। ଶେଷରେ ପରିବାର ଲୋକ ଯୁବତୀ ଜଣକୁ ଗଞ୍ଜାମ ଜିଲ୍ଲା ହଟିଓଟ ଗ୍ରାମରେ ବାହା ଘର କରିବା ସ୍ଥିର କରିଥିଲେ। ହଠାତ ଯୁବତୀ ଜଣକ ଗତ ମାର୍ଚ୍ଚ ୨୧ ତାରିଖରେ ଯୁବତୀ ଜଣକ ଘର ଲୋକଙ୍କୁ ନଜଣାଇ କେଉଁଆଡେ ଚାଲିଯାଇଥିଲା। ଘର ଲୋକ ବହୁ ଖୋଜା ଖୋଜି ପରେ ଜାଣିବାକୁ ପାଇଥିଲେ କି ଯୁବତୀ ଜଣଙ୍କୁ ବାଣପୁର ପୋଲିସ ଅନୁସନ୍ଧାନ କରି ପାଇଛନ୍ତି । ଏହା ଘଟଣା ପରିବାର ଲୋକ ଜାଣିବା ପରେ ପରିବାର ଲୋକ ଓ କେତେକ ଗ୍ରାମବାସୀ ଉକ୍ତ ଯୁବତୀଙ୍କୁ ସେଠାରୁ ନିଜ ଗ୍ରାମ ଭେଟନଇ କୁ ଆଣିଥିଲେ।ଏହି ଯୁବତୀ ଜଣଙ୍କ ପ୍ରେମିକଙ୍କ ବିରୁଦ୍ଧରେ କୋଟିନଡ଼ା ଥାନାରେ ଗତ ମାର୍ଚ୍ଚ ୨୭ତାରିଖରେ ଏକ ଲିଖିତ ଅଭିଯୋଗ ଦେଇଥିଲେ ପୋଲିସ ଥାନା କେସ ନମ୍ବର ୯୮/୨୬ ରେ ଏକ ମାମଲା ରୁଜୁ କରି ଉଭୟ ଙ୍କୁ ଡାକି ତଦନ୍ତ କରି ନିଜ ନିଜ ଘରକୁ ଛାଡି ଦେଇଥିଲେ। ହଠାତ ଆଜି ଦିନ ୧୧ଘ□ ସମୟରେ ପରିବାର ଲୋକ ଘରେ ଥିଲା ବେଳେ ଯୁବତୀ ଜଣକ ପୂର୍ବ ପ୍ରେମ ଜନିତ ଘଟଣା ରେ ଅତିଷ୍ଠ ହୋଇ ଘର ମଧରେ ଥିବା ଲାଟିନ ମଧରେ କିରୋସିନ ଢାଳି ହୋଇ ହୁତ ହୁତୁ ହୋଇ ଜଳିଥିଲେ।ଯୁବତୀ ଙ୍କ ଶରୀରର ଶତକଡା ୫୦ଭାଗ ଅଂଶ ଜଳିଯାଇଥିବା ବେଳେ ଘଟଣା ସ୍ଥଳରୁ ଯୁବତୀ ଙ୍କୁ ପରିବାର ଲୋକ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ରେ ପ୍ରଥମେ ଆସିକା ଉପଖଣ୍ଡ ଚିକିତ୍ସାଳୟ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।ଯୁବତୀ ଜଣକ ଅବସ୍ଥା ସଂଙ୍କଟାପର୍ଣ୍ଣ ରହିଛି। ଅନ୍ୟ ପଟେ ଯୁବକ ଜଣକୁ କୋଟିନଡ଼ା ପୋଲିସ ଅଟକ ରଖିଛି। ଏହି ଘଟଣା ଭେଟନଇ ଅଞ୍ଚଳରେ ଚାପା ଉତ୍ତେଜନା ରହିଛି।

## ସମାଜ ସେବୀ ତଥା ଆଇନଜୀବୀ ଦୁର୍ଗା ପ୍ରସାଦ ନଏକଙ୍କ ମାତୃ ବିୟୋଗ



ଜୁନାଗଡ଼,(ମହାଭାରତ)ଜୁନାଗଡ଼ ର ବରିଷ୍ଠ ସମାଜ ସେବୀ ତଥା ଆଇନଜୀବୀ ଦୁର୍ଗାପ୍ରସାଦ ନାଏକଙ୍କ ମାତା ମାଳତୀ ନଏକଙ୍କ ଭବାନୀପାଟଣା ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଶୁକ୍ରବାର ପରଲୋକ ହୋଇଯାଇଛି।ମୃତୁ ବେଳକୁ ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା।ସ୍ଥାନୀୟ ହାତୀନଦୀ ସ୍ୱର୍ଗ ଦ୍ୱାରା ଠାରେ ତାଙ୍କର ଦାହସଂସ୍କାର ସଂପନ୍ନ ହୋଇଥିଲା।ପୁଅ ଭବାନୀ ଶଙ୍କର ନାଏକ ଓ ଦୁର୍ଗା ପ୍ରସାଦ ନାଏକ ମୁଖାଗ୍ନି ଦେଇଥିଲେ । ନାତି ସନ୍ତୋଷ ,ଧିରାଜ, ଲୋକେଶ ,ମହାବୀର ଓ ଜ୍ୱୋଇଁ ଓ ଅତ୍ମୀୟଙ୍କ ଉପସ୍ଥିତିରେ ଶବ ସତ୍କାର କାର୍ଯ୍ୟ ସମ୍ପନ୍ନ ହୋଇଥିଲା ସବାଧାରରେ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୁଝାରୀ,ଭୈରବ ନାଏକ,ପର୍ଶୁରାମ ନାଏକ, ପ୍ରକାଶ ନାଏକ, ଓକିଲ ସଂଘ ସଭାପତି ହିମାଂଶୁ ବରାଡ଼,ବହୁଜନ ସଂଗ୍ରାମ ସମିତି ସଭାପତି ରଞ୍ଜନ କୁମାର ଜାଲ,ବରିଷ୍ଠ ବିଜେପି ନେତା ଭାବସିନ୍ଧୁ ମଙ୍ଗରାଜ,ପୂର୍ବତନ ନଗରପାଳ ସୁଧାଂଶୁ ଶେଖର ବରାଡ଼,ସମେତ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ।ସ୍ୱର୍ଗତ ମାଳତୀ ନାଏକ ଜଣେ ମିଷ୍ଟ ଭାସି ଓ ପରୋପକାରୀ ମହିଳା ଥିଲେୟ ଜୀବନ କାଳ ମଧରେ ସେ ଅନେକ ବଦାନ୍ୟ ଓ ଜନ ହିତ କାର୍ଯ୍ୟ କରି ଯାଇ ଛନ୍ତି।ତାଙ୍କ ବିୟୋଗରେ ଆତ୍ମୀୟ, ପରିଜନ ତଥା ବିଭିନ୍ନ ମହଲରୁ ଗଭୀର ଶୋକ ପ୍ରକାଶ କରିବା ସହ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଛନ୍ତି।

## ପି, ଏମ ଶ୍ରୀ ମଧଖଣ୍ଡ ନୋଡାଲ ହାଇସ୍କୁଲ ସର୍କଲର ବିଜ୍ଞାନ ଗଣିତ ପ୍ରଦର୍ଶନୀ ଉତ୍ସବ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ପି ଏମ ଶ୍ରୀ ମଧଖଣ୍ଡ ନୋଡାଲ ହାଇସ୍କୁଲର ଛାତ୍ରଛାତ୍ରୀ ମାଙ୍କର ଦକ୍ଷତା ଓ ଫଣ୍ଡା କ୍ଲିୟର ପାଇ ପିଲାମାଙ୍କ ଭିତରେ ବିଜ୍ଞାନ ଓ ଗଣିତ ପାଠର ନୂଆ ସିଲାବସ ଅନୁଯାଇ ପିଲାମାଙ୍କ ଦକ୍ଷତା ଅନୁଯାଇ ପୁରସ୍କୃତ କରାଯାଇଥିଲା। ଏଥିରେ ଷଷ୍ଠ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ପ୍ରଫେସର ଶିଶିର କୁମାର ଦାସଙ୍କ କର କମଳର ନୋଡାଲ ହାଇସ୍କୁଲର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏତିଅବସରରେ ଜିଲ୍ଲାପରିଷଦ ସଭ୍ୟ ବସନ୍ତ କୁମର ପ୍ରଧାନ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଧାନଶିକ୍ଷକ ସ୍କୁଲର ସଭାପତି ଉପସ୍ଥିତ ଥିବାବେଳେ ଆଡ଼କଟା ସ୍କୁଲରୁ ଆସିଥିବା ବିଚାରପତି ଭାବେ ପ୍ରବୀର କୁମାର ଦଳାଇ, ଶୁଭ୍ରାଂଶୁ ଶେଖର ସାହୁ ବିଚାର କରି ମାର୍କ ପ୍ରଦାନ କରିବା ସହିତ ସମସ୍ତ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଇଥିଲେ। ପ୍ରତି ୩୦ ଛାତ୍ରଛାତ୍ରୀଙ୍କୁ ନେଇ ଗ୍ରୁପ ବା ସର୍କଲ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଫଣ୍ଡା କ୍ଲିୟର ହେବା ସହିତ ସୃଜନ ଶିଳତା ସରକାରଙ୍କର ନୂତନ ପାଠ୍ୟ କ୍ରମର ସୁଫଳ ପିଲାମାନଙ୍କ ଉପରେବିଶେସ ଭାବରେ ନିଶ୍ଚୟ ପ୍ରଭାବ ପକାଇବ ବୋଲି ମୁଖ୍ୟ ବକ୍ତା ପିଲା ମାନଙ୍କୁ ବୁଝାଇବା ସହିତ ସବୁ ଷ୍ଟଲ ବୁଲି ବୁଲି ପଚାରି ବୁଝିବା ସହିତ ସବୁ ପିଲାମାନଙ୍କୁ ଉତ୍ସାହିତ କରିଥିଲେ ସ୍କୁଲର ସଭାପତି ଶେଷରେ ରେ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ । ପରିଶେଷରେ ଖାଦ୍ୟ ଗ୍ରହଣ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ ।

## କପ୍ତିପଦା ବ୍ଲକ ଜଡିଦା ଗ୍ରାମ ପଞ୍ଚାୟତର ଜାମବଣୀ ଗ୍ରାମରେ ବିକାଶ ଅପହଞ୍ଚ



କପ୍ତିପଦା -(ମହାଭାରତ ):କପ୍ତିପଦା -ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଜଡିଦା ପଞ୍ଚାୟତର ଜାମବଣୀ କୋହ୍ଲ ସାହି ଗ୍ରାମ ରାସ୍ତାର ଦୃଶ୍ୟ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି । ଏହି ଗ୍ରାମର ରାସ୍ତା ଏମିତି ଅତି ଶୋଚନୀୟ ଅବସ୍ଥାରେ ପଡି ରହିଛି କି ଯେ - ଗ୍ରାମରେ ପାଦଚଲା ପାଇଁ ମଧ ଜଣେ ବାଟୋଇଙ୍କୁ ସଂଘର୍ଷ କରିବା ପାଇଁ ପଡିଥାଏ। ଗ୍ରାମକୁ ମଧ ଆମ୍ବୁଲାନ୍ସ ଗାଡି ପ୍ରବେଶ କରିବା କଷ୍ଟ କର ପାଠ ହୋଇ ପଡିଛି । ସ୍କୁଲ୍ କଲେଜରେ ପଢୁଥିବା ପିଲାମାନେ ମଧ ଯିବା ଆସିବା ପାଇଁ ବହୁତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗ୍ରାମର ଲୋକେ ଏ ବିଷୟରେ ବାରମ୍ୱାର ସରପଞ୍ଚ, କପ୍ତିପଦା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଅଭିଯୋଗ ପତ୍ର ଦାଖଲ କରିଥିଲେ ସୁଦ୍ଧା ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଗ୍ରାମବାସୀ ଗଣ ମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମା□ଳର ବିକାଶରେ ଦେଶର ପ୍ରକୃତ ବିକାଶ ହୋଇ ପାରିବ ବୋଲି ଡିଣ୍ଡିମ ପିଟୁଥିବା ଡବଲ ଇଞ୍ଜିନ ବିଜେପି ସରକାର କେବେ ଉକ୍ତ ଗ୍ରାମରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ କରୁଛନ୍ତି ତାହା ଦେଖିବା ପାଇଁ ବାକି ରହିଲା। ଆଗାମୀ ଦିନରେ ଗ୍ରାମ ରାସ୍ତାର ମରାମତି ପାଇଁ କିଛି ପଦକ୍ଷେପ ନ ଗ୍ରହଣ କରାଗଲେ ଗ୍ରାମବାସୀ କପ୍ତିପଦା ବ୍ଲକ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଗ୍ରାମର ୱାର୍ଡ ମେମ୍ବର ବାପୀନ ମହାକୁଡ, ଗ୍ରାମର ଭଦ୍ରବ୍ୟକ୍ତି ବାମିଆଁ ସିଂ ଖୁଣ୍ଟିଆ, ରାଉତରାୟ ସିଂ ଖୁଣ୍ଟିଆ, ପାଣ୍ଡୁ ସଏ,ମୁନା ସିଂଖୁଣ୍ଟିଆ ,ମାର୍କଣ୍ଡ ସିଂ ଖୁଣ୍ଟିଆ, ମାଗାତା ସିଂ ଖୁଣ୍ଟିଆ,ଶିବାନନ୍ଦ ସିଂ ଖୁଣ୍ଟିଆ, ନାରାୟଣ ପୁର୍ତ୍ତୀ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ବିଷମକଟକରେ ତହସିଲଦାରଙ୍କ ଚଢ଼ାଉ

## ଗ୍ୟାସ୍ କଳାବଜାରୀ ରୋକିବାକୁ ହୋଟେଲଗୁଡ଼ିକରେ ଯାଞ୍ଚ



ବିଷମକଟକ(ମହାଭାରତ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅଞ୍ଚଳରେ ଦିନକୁ ଦିନ ବଢ଼ିଚାଲିଥିବା ଗ୍ୟାସ୍ ସିଲିଣ୍ଡର୍ କଳାବଜାରୀ ଉପରେ ଆଜି ପ୍ରଶାସନ ପକ୍ଷରୁ ଶକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଷମକଟକ ତହସିଲଦାର କେ. ଭେଙ୍କେଟଶ୍ୱର ରେଡିଙ୍କ ନେତୃତ୍ୱରେ ଏବଂ ସ୍ଥାନୀୟ ପୋଲିସର ସହାୟତାରେ ସହରର ବିଭିନ୍ନ ହୋଟେଲ ଗୁଡ଼ିକରେ ଆଜି ଅତର୍କିତ ଚଢ଼ାଉ କରାଯାଇଛି। ସମଗ୍ର ରାୟଗଡ଼ା ଜିଲ୍ଲାରେ ଗ୍ୟାସ୍ ସିଲିଣ୍ଡରର କଳାବଜାରୀ ଯୋଗୁଁ ସାଧାରଣ ଖାଉଟିମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା।

ଏହି ଅଭିଯୋଗକୁ ଭିତ୍ତି କରି ତହସିଲଦାର ଶ୍ରୀ ରେଡି ଓ ପୋଲିସ ଟିମ୍ ବିଷମକଟକର ସମସ୍ତ ପ୍ରମୁଖ ହୋଟେଲରେ ଯାଞ୍□ କରିଥିଲେ। ବିଶେଷ କରି ଘରୋଇ ବ୍ୟବହାର ପାଇଁ ଉଦ୍ଦିଷ୍ଟ (ଡମେଷ୍ଟିକ) ଗ୍ୟାସ୍ ସିଲିଣ୍ଡରକୁ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରାଯାଉଛି କି ନାହିଁ, ସେଥିପ୍ରତି ଦୃଷ୍ଟି ଦିଆଯାଇଥିଲାୟ କୌଣସି ହୋଟେଲରେ ଯେପରି ଡମେଷ୍ଟିକ ଗ୍ୟାସକୁ କମରସିଆଲ୍ କାର୍ଯ୍ୟରେ ବ୍ୟବହାର କରାଯିବ ନାହିଁ କିମ୍ବା ବେଆଇନ ଭାବେ ଷ୍ଟକ ରଖାଯିବ ନାହିଁ, ସେ ନେଇ ତହସିଲଦାର ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।ତହସିଲଦାର କେ. ଭେଙ୍କେଟଶ୍ୱର ରେଡି ସୂଚନା ଦେଇଛନ୍ତି ଯେ, ଯଦି କୌଣସି ବ୍ୟବସାୟୀ କିମ୍ବା ହୋଟେଲ ମାଲିକ ଗ୍ୟାସ୍ କଳାବଜାରୀରେ ସଂପୃକ୍ତ ଥିବା ଜଣାପଡ଼େ, ତେବେ ସେମାନଙ୍କ ବିରୋଧରେ ଆଇନ୍ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରଶାସନର ଏହି ପଦକ୍ଷେପକୁ ସ୍ଥାନୀୟ ଜନସାଧାରଣ ସ୍ୱାଗତ କରିଛନ୍ତି।

## ସରାଟ ଶାସନ ଭଗବତ ବାସୁଦେବଙ୍କ ମେଳଣ ଉଦଯାପିତ

ବାଲିପାଟଣା (ମହାଭାରତ ): ଦୋଳ ମେଳଣ ଏବଂ ପଞ୍ଚଦୋଳ ମେଳଣ ପରେ ଏବେ ଗାଁ ଗହଳିରେ ପରମ୍ପରା ଅନୁସାରେ ଭଗବତ ଗୋସାଇଁ ଙ୍କ ମେଳଣ ବଡ଼ ଧୁମ ଧାମରେ ଅନୁଷ୍ଠିତ ହେଉଛି ।ଭଗବତ ଟୁଙ୍ଗି ରେ ପୂଜା ପାଉଥିବା ଭଗବତ ଗୋସାଇଁ ସୁସଜ୍ଜିତ ବିମାନ ରେ ମେଳଣ ପଡିଆ କୁ ଆସନ୍ତି ଏହି କ୍ରମରେ ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ସରାଟ ଶାସନ ଗ୍ରାମରେ ଭଗବତ ଗୋସେଇଁଙ୍କ ମେଳଣ ଉଦଯାପିତ ହୋଇଯାଇଛି। ଦେଢ଼ ଶହ ବର୍ଷ ରୁ ଉର୍ଦ୍ଧ ହେବ ମେଳଣ ଏବଂ ଯାତ୍ରା ପାଳନ ହୋଇ ଆସୁଛି ବୁଧବାର ଅଶୋକାଷ୍ଟମୀ ତିଥିରେ ଜମାଣ ଶୋଭାଯାତ୍ରା ହୋଇଥିଲା ଭଗବତ ଗୋସେଇଁଙ୍କୁ ବିମାନରେ ବିଜେ କରି ଗ୍ରାମ ପରିକ୍ରମା କରାଯାଇଥିଲା ବାଜା, ବାଣ, ଘୋଡା ନାଚ ରେ ଜମାଣ ଉତ୍ସବ କମ୍ପିଥିଲା । ସରାଟ ଏବଂ ଗୋବିନ୍ଦପୁର ଭଗବତ ଠାକୁର ଙ୍କ ଦୋଳ ମେଳଣ କୁ ଆସିଥିଲେ । ଏହି ଅସରରେ ବୁଧବାର ଓ ଗୁରୁବାର ସାବିତ୍ରୀ ଗଣନାଟ୍ୟ ଯାତ୍ରା ପରିବେଷଣ କରିଥିଲା । ଚଟପଟି ଖାଦ୍ୟ , ମନହରୀ ସାମଗ୍ରୀ, ଘର କରଣା ଉପକରଣ ପ୍ରଭୃତି ଦୋକାନ ପସରା ଖୋଲା ରହିଥିଲା ହଜାର ହଜାର ଦର୍ଶକ ମେଳଣ ବୁଲିବା ସହ ଯାତ୍ରା ଦେଖି ମନୋରଞ୍ଜନ କରିଥିଲେ। ହେମନ୍ତ କୁମାର ଦାଶ , ପ୍ରଶାନ୍ତ ମିଶ୍ର , ଫଣି ଭୂଷଣ ମହାନ୍ତି , ରଘୁ ନନ୍ଦନ ଦାଶ , ଶକ୍ତି ପ୍ରସାଦ ଦାଶ , ଦମ୍ବରୁ ଧର ମିଶ୍ର , ମନୋଜ ମିଶ୍ର , ସୁକାନ୍ତ ଦାଶ, ରତିକାନ୍ତ ମିଶ୍ର , ବସନ୍ତ ଦାଶ , ରଞ୍ଜିତ ଦାଶ , ଚିନ୍ମୟ ବେହେରା , ଜଗବନ୍ଧୁ ଭୋଇ , ସୁକାନ୍ତ ଭୋଇ , ସୌମ୍ୟ ରଞ୍ଜନ ଭୋଇ , ବିଦ୍ୟାଧର ଭୋଇ , ରଜତ ଭୋଇ , ଆଲୋକ ଭୋଇ , ପପି ଭୋଇ , ସରୋଜ ଭୋଇ , ହନୁମାନ ଭୋଇ , ଗାଲୁ ଭୋଇ , ପପୁ ଭୋଇ ପ୍ରମୁଖ ପରିଚାଳନା ଦାୟିତ୍ୱ ତୁଲାଇ ଥିଲେ। ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ।

## ରାତିରେ ଆସିଲା ଛାରଖାର କରି ଚାଲିଗଲା କାଳବୈଶାଖୀ



କପ୍ତିପଦା -(ମହାଭାରତ ):କପ୍ତିପଦା - ରାତିରେ ଅଚାନକ ମାଡି ଆସିଲା ଆଉ ସବୁ ଛାରଖାର କରି ଚାଲିଗଲା। କପ୍ତିପଦା ଉପଖଣ୍ଡରେ ଗତକାଲି ବିଳମ୍ବିତ ରାତିରେ କାଳ ବୈଶାଖୀ ରଚିଛି ତାଣ୍ଡବ। କପ୍ତିପଦା ବ୍ଲକ ଶରତ କେଶପଡା ଅଞ୍ଚଳରେ ଘରେ ଶୋଇଥିବା ଅବସ୍ଥାରେ କ୍ୟାପଡି ଦମ୍ପତି ଗୁରୁତର ହୋଇଥିବା ବେଳେ ଉପଖଣ୍ଡର ଅନ୍ୟ ସ୍ଥାନରେ ମଧ କାଳବୈଶାଖୀ କରିଛି ଭଙ୍ଗାରୁଜା। ଖୁଣ୍ଟା ବ୍ଲକର ଭୋଳାଗଡିଆ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଘର ଉପରେ ଗଛ ପଡ଼ିଥିବା ବେଳେ କେହି ମୃତାହତ ହୋଇ ନାହାନ୍ତି। ହେଲେ ଘରର ଟାଇଲ ଭାଙ୍ଗି ଯାଇଛି। ସେହିପରି କପ୍ତିପଦା ବ୍ଲକର ପୋଡାଡିହା ମନଭଙ୍ଗା ନିକଟରେ କାଳବୈଶାଖୀ ୨ ଜଣଙ୍କ ଘରର ଆଜବେଷ୍ଟସ ଉଡାଇ ନେଇ ଫୋପାଡ଼ି ଦେଇଛି।ଏପରିକି ସୌମ୍ୟରଞ୍ଜନ ବାରିକ ଙ୍କ ଘରର ଆଜବେଷ୍ଟସ ଉଡାଇ ନେଇ ଛାରଖାର କରିଦେଇଛି।

## କୁସୁମୀ ସ୍ମାର୍ଟ ଜଳସେଚନ ପ୍ରକଳ୍ପ ଦ୍ୱାରା ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲ୍ଲାର ଚାଷୀଙ୍କ ପାଇଁ ସୁବିଧା ହେବ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲା ରେ ଖୁବଶୀଘ୍ର ଲୋକାର୍ପିତ ହେବ କୁସୁମୀ ସ୍ମାର୍ଟ ଜଳସେଚନ ବ୍ୟବସ୍ଥା। ଏହା ହେବ ରାଜ୍ୟ ର ପ୍ରଥମ ସ୍ମାର୍ଟ ଜଳସେଚନ ବ୍ୟବସ୍ଥା। ନୟାଗଡ଼ ବ୍ଲକ୍ ର ସୁନାଲଟି ଗାଁ ନିକଟ କୁସୁମୀ ନଦୀ ଉପରେ ଏହି ବ୍ୟାରେଜ ନିର୍ମାଣ ହୋଇଛି । ଏହି କୁସୁମୀ ସ୍ମାର୍ଟ ଜଳସେଚନ ପ୍ରକଳ୍ପ ଦ୍ୱାରା ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲ୍ଲାର ଚାଷୀ ଙ୍କ ପାଇଁ ସୁବିଧା ଦେବ ଏହି ଜଳ ସେଚନ ବ୍ୟବସ୍ଥାୟ କୁସୁମୀ ସ୍ମାର୍ଟ ଜଳସେଚନ ପ୍ରକଳ୍ପ ରୁ ଜମି କୁ ମାଡ଼ିବ ପାଣି। ବ୍ୟାରେଜ ରୁ ମାଟି ତଳେ ଯାଇ ଜମି ରେ ପହଞ୍ଚିବ ପାଣି। ଏଥିପାଇଁ ମାଟି ତଳେ ତଳେ ଜମି ମାନଙ୍କୁ ପାଇପ୍ ସଂଯୋଗ କରାଯାଇଛି। ମୋବାଇଲ୍ ଆପ୍ ରେ ସୁଇଚ୍ ଚିପିଲେ ଜମିକୁ ମାଡ଼ିବ ପାଣି। ଏଥିପାଇଁ ଦେଶ ବାହାର ଇସ୍ରାଏଲ ରୁ ଆସିଛି ବିଭିନ୍ନ ଯନ୍ତ୍ରପାତି। ଏହି ପ୍ରକଳ୍ପ ଦ୍ୱାରା ନୟାଗଡ଼ ଜିଲ୍ଲା ନୟାଗଡ଼, ଖଣ୍ଡପଡ଼ା, ଭାପୁର ବ୍ଲକ ଏବଂ ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ବ୍ଲକ ର ହଜାର ହଜାର ଚାଷୀ ଉପକୃତ ହେବେ। ଏହି ଚାରୋଟି ବ୍ଲକ୍ ର ୩ ହଜାର ୭ ଶହ ୪୫ ହେକ୍ଟର ଚାଷ ଜମିରେ ପାଣି ମାଡ଼ିବ। ଚାଷ ଜମିର ମାଟି ତଳେ ତଳେ ୪୧ କିଲୋମିଟର ଦୂର ପର୍ଯ୍ୟନ୍ତ ପାଇପ୍ ସଂଯୋଗ କରାଯାଇଛି। ଚାଷ ଜମି କୁ ପାଣି ମଡ଼ାଇବା ପାଇଁ ତିନୋଟି ସୋଲାର୍ ମୋବାଇଲ୍ ଟାୱାର ନିର୍ମାଣ କରାଯାଇଛି। ସେଥିରେ ୧୯୫ ଟି ୱଏମେସ୍ ଆଉଟଲେଟ୍ ସିଷ୍ଟମ ଲଗାଯାଇଛି। ନୟାଗଡ଼ ବ୍ଲକ୍ ସୁନାଲଟି ଗାଁ ନିକଟ ରେ କୁସୁମୀ ନଦୀ ଉପରେ ହୋଇଥିବା ବ୍ୟାରେଜ ରେ ପାଣି ମହଜୁଦ ରହିବ। ଏଥିପାଇଁ ସୁନାଲଟି ଗାଁ ନିକଟ ଦେଇ ବହୀ ଯାଉଥିବା ଡୁଆଁଟ ଓ କୁସୁମୀ ନଦୀ ରେ ବନ୍ଧ କରି ବ୍ୟାରେଜ ନିର୍ମାଣ କରାଯାଇଛି। ୨୦୧୯ ପୂର୍ବ ସରକାର ରେ ଏହି ବ୍ୟାରେଜ ନିର୍ମାଣ ର ଶିଳାନ୍ୟାସ ହୋଇଥିଲା। ୭୦ କୋଟି ୮୮ ଲକ୍ଷ ଟଙ୍କା ରେ ଏହି କୁସୁମୀ ସ୍ମାର୍ଟ ଜଳସେଚନ ପ୍ରକଳ୍ପ ର ବ୍ୟାରେଜ ନିର୍ମାଣ ହୋଇଥିବା ବେଳେ ଚାଷ ଜମିକୁ ଅଣ୍ଡର ଗ୍ରାଉଣ୍ଡ ପାଇପ୍ ବିଛା ପାଇଁ ୧୪୮ କୋଟି ୧୮ ଲକ୍ଷ ଟଙ୍କା ଏବଂ ବିଦ୍ୟୁତ ମେକାନିକାଲ ପାଇଁ ୧୧ କୋଟି ୩୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ବିଶେଷ କରି ଖରିଫ୍ ଚାଷ ରେ ଏକ ସ୍ମାର୍ଟ ଜଳସେଚନ ପ୍ରକଳ୍ପ ବ୍ୟବସ୍ଥା ବେଶ୍ ସହାୟକ ହେବ। କେନାଲ ନୁହେଁ ମାଟି ତଳେ ଅଣ୍ଡର ଗ୍ରାଉଣ୍ଡ ମାଧ୍ୟମରେ ବ୍ୟାରେଜ ରୁ ସିଧାସଳଖ ପାଇପ ଯୋଗେ ଚଷା ଜମିରେ ପହଞ୍ଚି ପାଣିୟ ନୟାଗଡ଼ ର କୁସୁମୀ ସ୍ମାର୍ଟ ଜଳସେଚନ ପ୍ରକଳ୍ପ ରାଜ୍ୟର ଏହା ପ୍ରଥମ ସ୍ମାର୍ଟ ଜଳସେଚନ ପ୍ରକଳ୍ପ



ହୋଇଥିବାରୁ ଏହା ଉପରେ ରହିଛି ରାଜ୍ୟ ବାସୀଙ୍କ ନଜର। ମୁଖ୍ୟମନ୍ତ୍ରୀ ଏହାକୁ ଖୁବଶୀଘ୍ର ଉଦଘାଟନ କରିବା ପରେ ଚଳିତ ବର୍ଷ ବ୍ୟାରେଜ ରୁ ପାଣି ଚାଷ ଜମିକୁ ଛାଡ ଯିବ।

## ଆସିକା ଓକିଲ ସଙ୍ଘ ନିର୍ବାଚନରେ ବାଜି ମାରିଲେ ଛବିଳ ମିଶ୍ର ଓ ଚିତ୍ତରଞ୍ଜନ ଦାସ

ଆସିକା (ମହାଭାରତ)ଓଡିଶା ବାର କାଉନସିଲ ଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ବ୍ୟାପି ଆଜି ଓକିଲ ସଙ୍ଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଭିତ୍ତି କରି ଆଜି ଆସିକା ବାର କାଉନସିଲ ପକ୍ଷରୁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି ।ସକାଳ ୮ ଟା ଠାରୁ ଦିନ ୩ ଘଣ୍ଟାପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ।ମୋଟ ୧୬୦ ଜଣ ସଭ୍ୟ ମଧ୍ୟରୁ ୧୪୫ ଜଣ ଭୋଟ ପ୍ରଦାନ କରିଥିଲେ । ବରିଷ୍ଠ ଆଇନଜୀବୀ ଛବିଳ ରାମ ମିଶ୍ର ସଭାପତି,ଉପ ସଭାପତି ରୂପେ ଜି. ସୂର୍ଯ୍ୟ ପ୍ରକାଶ ରାଓ, ସମ୍ପାଦକ ଭାବେ ଚିତ୍ତ ରଞ୍ଜନ ଦାସ,ବିଜୟୀ ହୋଇଛନ୍ତ।

## ପରିଚୟ ହଜାଇଛି ବି ଏନ ପ୍ୟାଲେସ

ରଜପତି(ମହାଭାରତ):ଗଜପତି ଜିଲ୍ଲାରେ ଅନେକ ଗୁଡିଏ ପର୍ଯ୍ୟଟନ ଓ ଐତିହ୍ୟସ୍ଥଳୀ ରହିଛିୟତାର ରକ୍ଷଣାବେକ୍ଷଣ ଅଭାବରୁ ବହୁ ପର୍ଯ୍ୟଟନ ସ୍ଥଳୀ ତାର ଶୋଭା ହରାଇ ବସିଲାଣି ।ସେଥି ମଧ୍ୟରୁ ବି ଏନ ପ୍ୟାଲାସ ବା ବସନ୍ତ ନିବାସ ଗୋଟିଏ ।ତାହା ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି ।ଏହି ବୃନ୍ଦାବନ ନିବାସ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ରହିଛି ।ମହାରାଜା ଗୌର ଚନ୍ଦ୍ର ଗଜପତି ଓ ତାଙ୍କ ପୁତ୍ର କୃଷ୍ଣ ଚନ୍ଦ୍ର ଗଜପତିଙ୍କ ବୃନ୍ଦାବନ ପ୍ୟାଲେସ ।ମହେନ୍ଦ୍ର ତନୟା ନଦୀ କୂଳରେ ୧୭ ଏକର ପରିମିତ ଜମିରେ ଏହି ରାଜ ପ୍ରସାଦ ଟି



ରହିଛି ।ଗବେଷକଙ୍କ ମତରେ ୧୮୯୦ ରୁ ଏହି ପ୍ୟାଲେସ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ଜଣାପଡ଼ିଛି ।ଏହି ପ୍ୟାଲେସ ତଟରେ ପବିତ୍ର ମହେନ୍ଦ୍ର ତନୟା ନଦୀ ଓ ତା ସାଙ୍ଗକୁ ସବୁଜିମା ଭରା ପ୍ରାକୃତିକ ସୌନ୍ଦର୍ଯ୍ୟ ସମସ୍ତ ଙ୍କୁ ଆକର୍ଷିତ କରେ ।ଏହି ପ୍ୟାଲେସରେ ମହାରାଜା ନିଜ ପରିବାର ସହ ଗ୍ରୀଷ୍ମ ଅବକାଶ କଟାଇଥିଲେ ।ତେଣୁ ଏହାକୁ ବସନ୍ତ ନିବାସ ମଧ କୁହାଯାଏ ।ଉକ୍ତ ଐତିହାସିକ ସ୍ମାରକୀ ଏବଂ ଗଠନ ଶୈଳୀ ପ୍ରାକୃତିକ ପରିବେଶ କୁ ଉପଲବ୍ଧି କରିବା ପାଇଁ ବହୁ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ । ଆବଶ୍ୟକୀୟ ରକ୍ଷଣାବେକ୍ଷଣ ଅଭାବରୁ ଏହା ଅସ୍ତିତ୍ୱ ହରାଇବାକୁ ବସିଲାଣିୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହାର ପୁନଃ ଉଦ୍ଧାର କରାଯାଇ ନ ଥିବା ବେଳେ ଆବଶ୍ୟକ ମରାମତି ଅଭାବରୁ ନଷ୍ଟ ହେବାକୁ ବସିଲାଣି ।ଜିଲ୍ଲା ପର୍ଯ୍ୟଟନ ବିଭାଗ ଏଥିପ୍ରତି ଦୃଷ୍ଟି ନିକ୍ଷେପ କରିଲେ ଅବ୍ୟବସ୍ଥା ମଧ୍ୟରେ ରହିଛି । ପ୍ୟାଲେସଟିର ବିଭିନ୍ନ ସ୍ଥାନରେ ଫାଟ ଦେଇଥିବା ବେଳେ ଅନାବନା ବୃକ୍ଷ ଲତା ଉଠି ଯାଇଛି ।ଏହି ପ୍ରାସାଦ ଟିର ବହୁ ଅଂଶ ଭଗ୍ନ ଅବସ୍ଥାରେ ରହିଥିବାର ଦେଖିବାକୁ ମିଳୁଛି ।ଏହାର ବିରାଟ କାୟ ପାଚେରୀରେ ଫାଟ ଦେଖାଦେଇଛି ।ଛାତ ଗୁଡିକର ତଳପଟ ପଲସ୍ତରା ବାହାରି ପଡ଼ିଲାଣି ।ତଥାପି ଏହି ଐତିହାସିକ ପ୍ରାସାଦକୁ ଦୈନନ୍ଦିନ ବହୁ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି ।ବିଶେଷ କରି ପୋଡ଼ଶୀ ଆନ୍ଧ୍ରପ୍ରଦେଶରୁ ଆସୁଥିବା ବେଳେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ମଧ ଲୋକେ ଏଠାକୁ ଆସିଥାନ୍ତି ।ବର୍ତ୍ତମାନ ପ୍ରଶାସନର ଦୃଷ୍ଟି ପଡ଼ିଲେ ଏହି ବୃନ୍ଦାବନ ପ୍ୟାଲେସ ର ଉନ୍ନତି ହୋଇ ପାରିବ ।ଜିଲ୍ଲାର ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀ ଜିଲ୍ଲାର ସଦର ମହକୁମାରେ ରହିଥିଲେ ମଧ ଏଥିପ୍ରତି ପ୍ରଶାସନର କିମ୍ବା ବିଭାଗର ଦୃଷ୍ଟି ପଡିଲେ ପର୍ଯ୍ୟଟକ ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ଦିଲ୍ଲୀରେ ଇଣ୍ଡିଗୋ ବିମାନର ଜରୁରୀକାଳୀନ ଅବତରଣ

ନୂଆଦିଲ୍ଲୀ : ମଝି ଆକାଶରେ ଇଞ୍ଜିନ ତ୍ରୁଟି । ଇଣ୍ଡିଗୋ ବିମାନର ଏମରଜେନ୍ସି ଲ୍ୟାଣ୍ଡିଂ ହୋଇଛି । ଦିଲ୍ଲୀର ଇନ୍ଦିରା ଗାନ୍ଧି ଇଣ୍ଟରନ୍ୟାସନାଲ ବିମାନ ବନ୍ଦରରେ ଇଣ୍ଡିଗୋ ୬ଇ ୫୭୯ର ଜରୁରୀ ଅବତରଣ କରିଛି । ୧୬୧ ଜଣ ଯାତ୍ରୀଙ୍କୁ ନେଇ ବିମାନଟି ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଦିଲ୍ଲୀ ଯାତ୍ରା କରୁଥିଲା । ବିମାନର ଇଞ୍ଜିନରେ ତ୍ରୁଟି ଥିବା ସନ୍ଦେହ କରାଯାଉଛି । ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି, ଏବଂ କୌଣସି କ୍ଷୟକ୍ଷତିର ରିପୋର୍ଟ ହୋଇନାହିଁ ବୋଲି ଅଗ୍ନିଶମ ବିଭାଗ କହିଛି । ଅଗ୍ନିଶମ ବିଭାଗ ପୂର୍ବାହ୍ନ ୧୦:୫୩ ରେ ଜରୁରୀକାଳୀନ ଅବତରଣ ବିଷୟରେ ସୂଚନା ପାଇଥିଲା ଏବଂ ତୁରନ୍ତ ଅଗ୍ନିଶମ ଗାଡି ପଠାଇଥିଲା । ଅନ୍ୟପକ୍ଷରେ, ଇଣ୍ଡିଗୋ ପ୍ରଶାସନ ଇଞ୍ଜିନ ତ୍ରୁଟିର କାରଣ ବିଷୟରେ ଏକ ବିସ୍ତୃତ ଯାଞ୍ଚ କରୁଥିବା କହିଛି । ଯାହା ଦ୍ୱାରା ଭବିଷ୍ୟତରେ ଏଭଳି ପରିସ୍ଥିତିକୁ ଏଡାଯାଇ ପାରିବ । ସେହିପରି ଜାନୁୟାରୀ ୩୦ ରେ ଇଣ୍ଡିଗୋର ଏକ ବିମାନ ଅହମ୍ମଦାବାଦ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିଥିଲା । କୁୱେତରୁ ଦିଲ୍ଲୀ ଯାଉଥିବା ଏକ ବିମାନକୁ ବୋମା ଧମକ ମିଳିଥିଲା । ଯାହା ପରେ ସେହି ବିମାନରେ ଯାତ୍ରା କରୁଥିବା ୧୮୦ ଜଣ ଯାତ୍ରୀଙ୍କର ଲଗେଜକୁ ଯାଞ୍ଚ କରାଯାଇଥିଲା । କୁୱେତରୁ ଦିଲ୍ଲୀ ଆସୁଥିବା ଇଣ୍ଡିଗୋ ବିମାନରେ ଟିସୁ ପେପରରେ ଲେଖାଯାଇଥିବା ଏକ ନୋଟ ମିଳିଥିଲା । ଯେଉଁଥିରେ ବିମାନକୁ ଅପହରଣ କରି ଉଡ଼ାଇ ଦିଆଯିବାର ଧମକ ଥିଲା । ଫଳରେ ଏପରି ସୂଚନା ପାଇବା ମାତ୍ରେ ବର୍ତ୍ତମାନ ପ୍ରତ୍ୟେକ ଯାତ୍ରୀଙ୍କୁ ଯାଞ୍ଚ କରାଯାଇଥିଲା । ଏହା ବ୍ୟତୀତ ଯାତ୍ରୀମାନଙ୍କୁ ଟର୍ମିନାଲର ଏକ ସୁରକ୍ଷିତ ଅଂଶକୁ ନିଆଯାଇଥିଲା । ସୁରକ୍ଷା ଏଜେନ୍ସିଗୁଡ଼ିକୁ ପୂର୍ବରୁ ସତର୍କ କରାଯାଇଥିଲା । ପରିସ୍ଥିତିକୁ ଶୀଘ୍ର ନିୟନ୍ତ୍ରଣ ମଧ୍ୟ କରାଯାଇଥିଲା ।

## ଆଜି 'ୱାଲ୍ଡ ଆର୍ଥ ଆୱାର ଡେ' : ରାତି ୮.୩୦ରୁ ୯.୩୦ ପର୍ଯ୍ୟନ୍ତ ବନ୍ଦ ରଖିବା ଲାଇଟ୍

ନୂଆଦିଲ୍ଲୀ : ଆଜି ରାତି ୮:୩୦ ରୁ ୯:୩୦ 'ଅର୍ଥ ଆୱାର' । ଗୋଟିଏ ଘଣ୍ଟା ପୃଥିବୀ ପାଇଁ ମୂଲ୍ୟବାନ । ଆଜି ବିଶ୍ୱବ୍ୟାପୀ 'ଅର୍ଥ ଆୱାର' ପାଳନ କରାଯାଉଛି । ପ୍ରତିବର୍ଷ ମାର୍ଚ୍ଚ ମାସର ଶେଷ ଶନିବାର ଦିନ ରାତି ୮:୩୦ ରୁ ୯:୩୦ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲେ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ଏବଂ ପ୍ରକୃତିର ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରିବା । ଅର୍ଥ ଆୱାରର ୫ଟି ଗୁରୁତ୍ୱପୂର୍ଣ୍ଣ ଦିଗ ରହିଛି । ପ୍ରଥମେ ଜଳବାୟୁ ପରିବର୍ତ୍ତନ ବିରୋଧରେ ସ୍ୱର ଉଠାଇବା । ବିଶ୍ୱ ତାପମାତ୍ରା ବୃଦ୍ଧି ଏବଂ ପ୍ରଦୂଷଣ ଯୋଗୁଁ ପୃଥିବୀ ଉପରେ ଯେଉଁ ବିପଦ ମାଡ଼ି ଆସୁଛି । ଅର୍ଥ ଆୱାର ତାହା ବିରୋଧରେ ଏହା ଏକ ପ୍ରଭାବଶାଳୀ ଜନ-ଆନ୍ଦୋଳନ । ଅର୍ଥ ଆୱାରର ଦ୍ୱିତୀୟ ଉଦ୍ଦେଶ୍ୟ ବିଦ୍ୟୁତ୍ ଶକ୍ତି ସଂରକ୍ଷଣ । କେବଳ ଏକ ଘଣ୍ଟା ପାଇଁ ଅନାବଶ୍ୟକ ଲାଇଟ୍ ବନ୍ଦ କରି ଆମେ ବିପୁଳ ପରିମାଣର ଶକ୍ତି ସଞ୍ଚୟ କରିପାରୁ, ଯାହା ପରିବେଶ ଉପରେ ଚାପ କମାଇଥାଏ । ତୃତୀୟରେ କାର୍ବନ ନିର୍ଗମନ ହ୍ରାସ । ବିଦ୍ୟୁତ୍ ଉତ୍ପାଦନ ପାଇଁ କୋଇଲା ଓ ଗ୍ୟାସ୍ ବ୍ୟବହାର କରାଯାଏ, ଯାହାଦ୍ୱାରା ଅନେକ କାର୍ବନ ନିର୍ଗମନ ହୁଏ । ଏହି ଘଣ୍ଟିକିଆ ବିରତି ଦ୍ୱାରା ଆମେ ପ୍ରଦୂଷଣ କମାଇବାରେ ସାହାଯ୍ୟ କରୁ । ଚତୁର୍ଥରେ ଅର୍ଥ ଆୱାର ବିଶ୍ୱ ଏକତାର ବାର୍ତ୍ତା ଦିଏ । ଏହି ଦିନ ପୃଥିବୀର ପ୍ରାୟ ୧୯୦ ରୁ ଅଧିକ ଦେଶର ଲୋକେ ଏକାଠି ହୋଇଥାନ୍ତି । ଏହା ପ୍ରମାଣ କରେ ଯେ, ଯଦି ଆମେ ସମସ୍ତେ ମିଶି ସାମାନ୍ୟ ପଦକ୍ଷେପ ନେବା, ତେବେ ପୃଥିବୀ ପାଇଁ ଏକ ବଡ଼ ପରିବର୍ତ୍ତନ ଆଣିପାରିବା । ପଞ୍ଚମରେ ଭବିଷ୍ୟତ ପାଇଁ ସଚେତନତା ସୃଷ୍ଟି କରେ ଅର୍ଥ ଆୱାର । ଏହା କେବଳ ଏକ ଘଣ୍ଟାର କାମ ନୁହେଁ, ବରଂ ପ୍ରତିଦିନ ସ୍ୱଚ୍ଛ ବିଦ୍ୟୁତ୍ ବ୍ୟବହାର କରିବା ଏବଂ ପରିବେଶକୁ ଭଲ ପାଇବା ପାଇଁ ଆମକୁ ଶିକ୍ଷା ଦିଏ ।

## କରୋନା ଭୂତାଣୁର ଏକ ନୂଆ ରୂପ, ୨୩ଟି ଦେଶକୁ ମାଡ଼ିଗଲାଣି 'ସିକାଡ଼ା'



ନୂଆଦିଲ୍ଲୀ: ପୁଣି ଫେରିଲା କରୋନା ଡର । ନୂଆ ଭାରିଆଣ୍ଟର ନାଁ 'ସିକାଡ଼ା' । ପ୍ରଥମେ ଦକ୍ଷିଣ ଆଫ୍ରିକାରେ ଠାବ ହୋଇଥିଲା । ବର୍ତ୍ତମାନ ୨୩ଟି ଦେଶକୁ ମାଡ଼ିଗଲାଣି । ବୈଜ୍ଞାନିକ ଏହାର ନାଁ ଇଇ.୩.୨ ବା 'ସିକାଡ଼ା ରଖିଛନ୍ତି । ଏହା ଓମିକ୍ରନ୍ ପରିବାରର ଏକ ଅଂଶ । ଏଥିରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ଏହା ଉପରେ ନଜର ରଖିଛି । 'ସିକାଡ଼ା' ଏକ ପ୍ରକାରର ପୋକ । ଯିଏ ବହୁ ବର୍ଷ ଧରି ମାଟି ତଳେ ଶୋଇ ରହିବା ପରେ ବାହାରକୁ ଆସେ । ଏହି ଭୂତାଣୁ ମଧ୍ୟ ୨୦୨୨ ପରଠାରୁ ଗୋପନରେ ଥିଲା । ଏବେ ପୁଣି ଦେଖାଦେଇଛି । ତେଣୁ ଏହାର ନାମ ସିକାଡ଼ା ରଖାଯାଇଛି । ସିକାଡା ପ୍ରଥମେ ଦକ୍ଷିଣ ଆଫ୍ରିକାରେ ଜଣେ ଶିଶୁଠାରେ ଦେଖାଯାଇଥିଲା । ବର୍ତ୍ତମାନ ସୁଦ୍ଧା ଆମେରିକା, ଜାପାନ, ବ୍ରିଟେନ୍ ଏବଂ ୟୁରୋପ ସମେତ ପ୍ରାୟ ୨୩ଟି ଦେଶରେ ଏହା ଚିହ୍ନଟ ହୋଇସାରିଛି । ଏହାର ଲକ୍ଷଣ ପୂର୍ବ ଭାରିଆଣ୍ଟ ପରି ସମାନ । କାଶ, ଗଳା ବସିଯିବା, ଜ୍ୱର, ମୁଣ୍ଡବିନ୍ଧା ଏବଂ ନାକରୁ ପାଣି ବୋହିବାର ଲକ୍ଷଣ ଦେଖାଦିଏ । ସିକାଡ଼ା ଭୂତାଣୁରେ ପୂର୍ବ ଭାରିଆଣ୍ଟଠାରୁ ୭୦ରୁ ଅଧିକ ପ୍ରକାରର ପରିବର୍ତ୍ତନ ହୋଇଛି । ତେଣୁ ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ଚକମା ଦେଇପାରେ । କିନ୍ତୁ ଏହା ଦ୍ୱାରା ରୋଗୀ ଗୁରୁତର ହେବା କିମ୍ବା ହସ୍ପିଟାଲରେ ଭର୍ତ୍ତି ହେବାର କୌଣସି ପ୍ରମାଣ ଏପର୍ଯ୍ୟନ୍ତ ମିଳିନାହିଁ । ସିକାଡା ପାଇଁ ଟିକା ଏବେ ମଧ୍ୟ ପ୍ରଭାବଶାଳୀ ଅଛି । ହାତ ଧୋଇବା, ସଫାସୁତୁରା ରହିବା ଏବଂ ଲକ୍ଷଣ ଦେଖାଦେଲେ ପରୀକ୍ଷା କରିବା ପାଇଁ ପରାମର୍ଶ ଦିଆଯାଇଛି । ଡବ୍ଲ୍ୟୁଏଚଓ ଏହି ସିକାଡା ଉପରେ ନଜର ରଖିଛି ।

# ହର୍ମୁଜ୍ ପ୍ରଣାଳୀରେ ଇରାନର ମାୟାଜାଲ ତୈଳ କରିଡର ପାଲଟିଛି ମୃତ୍ୟୁର କୂଅ

ତେହେରାନ: ପଶ୍ଚିମ ଏସିଆରେ ଉତ୍ତେଜନା ପରେ, ପରିସ୍ଥିତି ଧୀରେ ଧୀରେ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି । ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ ବନ୍ଦ ହେବା ବିଶ୍ୱ ଶକ୍ତି ସଙ୍କଟକୁ ଗୁରୁତର କରିଛି । ଏହି ସଙ୍କଟକୁ ଦୃଷ୍ଟିରେ ରଖି, ଭାରତ ଭଳି ଉଦୀୟମାନ ଅର୍ଥନୀତିଗୁଡ଼ିକ ଶକ୍ତି ଯୋଗାଣର ବିକଳ୍ପ ଉତ୍ସ ଖୋଜିବା ଆରମ୍ଭ କରିଛନ୍ତି । ଇରାନ ଯୁଦ୍ଧ ପରେ ହର୍ମୁଜ୍ ପ୍ରଣାଳୀ ଏକ ଯୁଦ୍ଧକ୍ଷେତ୍ର ପାଲଟିଛି । ତେହେରାନ ଏହି ସଂକୀର୍ଣ୍ଣ ସମୁଦ୍ର ପଥକୁ ବନ୍ଦ କରିଦେଇଛି । ଇରାନ ଏବଂ ଆମେରିକା ହର୍ମୁଜ୍ ପ୍ରଣାଳୀ ସମ୍ପର୍କରେ ପରସ୍ପର ବିରୋଧୀ ବୟାନ ଜାରି କରିଚାଲିଛନ୍ତି, କିନ୍ତୁ ବାସ୍ତବତା ହେଉଛି ଯେ ଇରାନ ଯୁଦ୍ଧ ପୂର୍ବରୁ ଏବଂ ପରେ ଏହି କରିଡର ଦେଇ ଯାଉଥିବା ଜାହାଜ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି । ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ କରୁଥିବା ତେଲ ଟ୍ୟାଙ୍କର ଏବଂ ଏଲ୍‌ପିଜି ଜାହାଜର କ୍ୟାପେ୍ଟନମାନଙ୍କ ଅନୁସାରେ ପ୍ରଣାଳୀରେ ପ୍ରବେଶ କରିବା ପରେ, ରେଡିଓ ବାର୍ତ୍ତା ଆସିବା ଆରମ୍ଭ ହୁଏ ଯେ ଏହି ଅଞ୍ଚଳ ଜାହାଜ ପାଇଁ ସମ୍ପୂର୍ଣ୍ଣ ବନ୍ଦ । ଜିପିଏସ୍ ମଧ୍ୟ ଜାମ୍ ହୋଇଯାଏ, ଫଳରେ ରୁଟ୍ ମ୍ୟାପ୍ ଦୃଶ୍ୟମାନ ହେବାରେ ବାଧା ସୃଷ୍ଟି ହୋଇଥାଏ ।



ଇରାନ ଏହି ପ୍ରଣାଳୀରେ ସମୁଦ୍ର ମାଇନ୍ ମଧ୍ୟ ବିଛାଇ ଦେଇଛି । ଏହାକୁ ଅତିକ୍ରମ କରିବା ମୃତ୍ୟୁର କୂଅ ପାର କରିବା ଅପେକ୍ଷା କମ୍ ବିପଜ୍ଜନକ ନୁହେଁ ।

ପଶ୍ଚିମ ଏସିଆର ଏକ ଅତ୍ୟନ୍ତ ସମ୍ବେଦନଶୀଳ ସମୁଦ୍ର ପଥ, ହର୍ମୁଜ୍ ପ୍ରଣାଳୀ ଦେଇ ଗତି କରୁଥିବା ଭାରତୀୟ ଜାହାଜଗୁଡ଼ିକ ସମ୍ପ୍ରତି ବିଭିନ୍ନ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି । ଜିପିଏସ୍ ସିଷ୍ଟମରେ ବାଧା, ସମୁଦ୍ର ମାଇନ୍ ବିପଦ ଏବଂ ସ୍ପଷ୍ଟ ନେଭିଗେସନ୍ ଅଭାବ ପରିସ୍ଥିତିକୁ ଅତ୍ୟନ୍ତ ଜଟିଳ ଏବଂ ବିପଦପୂର୍ଣ୍ଣ କରିଛି । ଏହି ରୁଟ୍ ମାଧ୍ୟମରେ ଯାତ୍ରା କରୁଥିବା ଜାହାଜଗୁଡ଼ିକୁ ରେଡିଓ ବାର୍ତ୍ତା ମାଧ୍ୟମରେ ନିରନ୍ତର ସତର୍କ କରାଯାଉଛି । ସାମୁଦ୍ରିକ ଚ୍ୟାନେଲଗୁଡ଼ିକରେ ପ୍ରସାରିତ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ ନୌସେନାର ଏହି ବାର୍ତ୍ତାଗୁଡ଼ିକରେ କୁହାଯାଇଛି ଯେ ହର୍ମୁଜ୍ ପ୍ରଣାଳୀ ଦେଇ ଯିବା ନିଷେଧ ଏବଂ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ କୌଣସି ଜାହାଜକୁ ଅନୁମତି ଦିଆଯିବ ନାହିଁ । ଏହି ଚେତାବନୀଗୁଡ଼ିକ ଜାହାଜ କ୍ୟାପେ୍ଟନ ଏବଂ କ୍ରୁ ମଧ୍ୟରେ ଦ୍ୱନ୍ଦ୍ୱ ତଥା ଭୟ ସୃଷ୍ଟି କରୁଛି ।

ଏକ ରିପୋର୍ଟ ଅନୁଯାୟୀ, ଜିପିଏସ୍ ଜାମ୍ ହେବା ଯୋଗୁଁ ଜାହାଜଗୁଡ଼ିକୁ ସଠିକ୍ ଭାବରେସ୍ଥାନ ଚିହ୍ନଟ କରିବା କଷ୍ଟକର ହୋଇପଡ଼ିଛି । ଜିପିଏସ୍ ବିନା ନେଭିଗେସନ୍ ଅତ୍ୟନ୍ତ କଷ୍ଟକର ହୋଇଯାଇଛି । ଯଦି ଏକ ଜାହାଜର ସ୍ଥିତି ସଠିକ୍ ଭାବରେ ଆକଳନ କରାଯାଇ ନପାରିବ ତେବେ ଧକ୍କା ହେବା ଏବଂ ଫସି ରହିବାର ଆଶଙ୍କା ବୃଦ୍ଧି ପାଏ । ହର୍ମୁଜ ଭଳି ସଂକୀର୍ଣ୍ଣ ସମୁଦ୍ର ପଥରେ ଏହି ପରିସ୍ଥିତି ଆହୁରି ବିପଜ୍ଜନକ ହୋଇଯାଉଛି । ସମୁଦ୍ରରେ ମାଇନ୍ସ ବିଛାଯିବା ଯୋଗୁଁ ପରିସ୍ଥିତି ଆହୁରି ଖରାପ ହୋଇଯାଇଛି । ଜାହାଜଗୁଡ଼ିକୁ ବର୍ତ୍ତମାନ ସୀମିତ ଏବଂ ଚିହ୍ନିତ ମାର୍ଗର ମାନଚିତ୍ର ପ୍ରଦାନ କରାଯାଉଛି, ପ୍ରବେଶ ଏବଂ ପ୍ରସ୍ଥାନ ପାଇଁ ନିର୍ଦ୍ଦିଷ୍ଟ କରିଡର ରହିଛି । ତେବେ ମାର୍ଗଗୁଡ଼ିକର ସୁରକ୍ଷା ବିଷୟରେ ଅନିଶ୍ଚିତତା ଜାରି ରହିଛି ।

ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ କରୁଥିବା ଅଧିକାଂଶ ଜାହାଜ ତେଲ ଏବଂ ରାସାୟନିକ ଟ୍ୟାଙ୍କର, ଯାହା ଜ୍ୱଳନଶୀଳ ସାମଗ୍ରୀ ବହନ କରିଥାଏ । ତେଣୁ, ଦୁର୍ଘଟଣା ଘଟିଲେ ଏକ ବଡ଼ ବିସ୍ଫୋରଣ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ । ବର୍ତ୍ତମାନ ପରିସ୍ଥିତିରେ, ଏକ ଛୋଟ ଭୁଲ୍ ମଧ୍ୟ ଏକ ବଡ଼ ସଙ୍କଟ ସୃଷ୍ଟି କରିପାରେ । ଜାହାଜ କମ୍ପାନିଗୁଡ଼ିକ ଜାହାଜଗୁଡ଼ିକୁ ଯୁଦ୍ଧର ନିତିଦିନିଆ ସୂଚନା ପଠାଇବା ଆରମ୍ଭ କରିଛନ୍ତି । ଏଥିରେ ସାମରିକ କାର୍ଯ୍ୟକଳାପ, ସାମୁଦ୍ରିକ ଘଟଣା, ବାୟୁମଣ୍ଡଳ ପ୍ରତିବନ୍ଧକ ଏବଂ ଶକ୍ତି ଯୋଗାଣ ସମ୍ପର୍କରେ ଅପଡେଟ୍ ଅନ୍ତର୍ଭୁକ୍ତ କରାଯାଇଛି ।

## ପହିଲାରୁ ସ୍କୁଲରେ ଖରାଛୁଟି

ନୂଆଦିଲ୍ଲୀ : ଏପ୍ରିଲ ଆରମ୍ଭ ନ ହେଉଣୁ ତାତି ତାର କରାଳ ରୂପ ଦେଖାଇଲାଣି । ସ୍ଥିତି ଏମିତି ହେଲାଣି ଯେ, ଘରୁ ବାହାରିବା ମଧ୍ୟ ମୁସ୍କିଲ ହୋଇପଡ଼ିଲାଣି । ଏହାରି ଭିତରେ ତାତିକୁ ଦେଖି ବଡ଼ ଖବର ସାମ୍ନାକୁ ଆସିଛି । ରାଜ୍ୟ ସରକାର ବଡ଼ ଘୋଷଣା କରିଛନ୍ତି । ପ୍ରବଳ ଖରାକୁ ଦୃଷ୍ଟିରେ ରଖି ସ୍କୁଲ ଛୁଟି ଘୋଷଣା କରାଯାଇଛି । ମଧ୍ୟପ୍ରଦେଶର ସ୍କୁଲ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଖବର ଅଛି । ସ୍କୁଲ ଶିକ୍ଷା ବିଭାଗ ଆଗାମୀ ଶିକ୍ଷାବର୍ଷ, ୨୦୨୬-୨୭ ପାଇଁ ସରକାରୀ ଛୁଟି କ୍ୟାଲେଣ୍ଡର ପ୍ରକାଶ କରିଛି । ଜାରି ନିର୍ଦ୍ଦେଶ ଅନୁଯାୟୀ, ଏହି ବର୍ଷ ଗ୍ରୀଷ୍ମ ଛୁଟି ୧ ମଇ, ୨୦୨୬ ରେ ଆରମ୍ଭ ହେବ ଏବଂ ୧୫ ଜୁନ, ୨୦୨୬ ରେ ଶେଷ ହେବ । ଏହାର ଅର୍ଥ ହେଉଛି ସ୍କୁଲଗୁଡ଼ିକ ପ୍ରାୟ ଦେଢ଼ ମାସ ପାଇଁ ବନ୍ଦ ରହିବ । ତଥାପି, ଶିକ୍ଷକମାନଙ୍କ ପାଇଁ ଛୁଟିର ଅବଧି କମ । ଶିକ୍ଷକମାନଙ୍କ ପାଇଁ, ଏହି ବିରତି ୩୧ ମଇ ପର୍ଯ୍ୟନ୍ତ ସୀମିତ ରହିବ; ସେମାନଙ୍କୁ ଜୁନ ମାସର ପ୍ରଥମ ପକ୍ଷ ମଧ୍ୟରେ ସ୍କୁଲକୁ ଫେରିବାକୁ ପଡିବ ।

ଛାତ୍ରମାନଙ୍କୁ ପର୍ବପର୍ବାଣୀ ଛୁଟି ସମ୍ପର୍କରେ ମଧ୍ୟ ଯଥେଷ୍ଟ ଆଶ୍ୱସ୍ତି ଦିଆଯାଇଛି ।

## ଦିଲ୍ଲୀ ଐତିହ୍ୟସ୍ଥଳ ସ୍ଥିତି ନେଇ ଏଏସ୍ଆଇକୁ ସୁପ୍ରିମକୋର୍ଟଙ୍କ କୋର୍ଟ ଅବମାନନା ନୋଟିସ୍ ?

ନୂଆଦିଲ୍ଲୀ: ଦିଲ୍ଲୀର ୧୭୩ଟି ଅଧିସୂଚିତ ଐତିହ୍ୟ ସ୍ଥଳର ସଂରକ୍ଷଣ ସ୍ଥିତି ଉପରେ ଜବାବ ଦାଖଲ ନକରିବା ପାଇଁ ସୁପ୍ରିମକୋର୍ଟ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ)କୁ ଅବମାନନା ନୋଟିସ ଜାରି କରିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ଏଏସଆଇ ମହାନିର୍ଦ୍ଦେଶକଙ୍କୁ ଆସନ୍ତା ମାସରେ ବ୍ୟକ୍ତିଗତ ଭାବରେ କୋର୍ଟରେ ହାଜର ହେବାକୁ ସମନ ଜାରି କରିଛନ୍ତି । ଚଳିତ ସପ୍ତାହରେ ଅପଲୋଡ୍ ହୋଇଥିବା ମାର୍ଚ୍ଚ ୧୬ ତାରିଖରେ ପାସ୍ ହୋଇଥିବା ଏକ ଆଦେଶରେ, ବିଚାରପତି ଆହସାନୁଦ୍ଦିନ ଅମାନୁଲ୍ଲା ଏବଂ ଏନ୍ କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ କହିଛନ୍ତି, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣର ମହାନିର୍ଦ୍ଦେଶକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । କାହିଁକି କୋର୍ଟ ତାଙ୍କ ବିରୋଧରେ ଅବମାନନା ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିପାରିବେ ନାହିଁ । ଏଏସ୍ ?ଆଇ ମହାନିର୍ଦ୍ଦେଶକଙ୍କୁ ପରବର୍ତ୍ତୀ ତାରିଖରେ କୋର୍ଟରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଫେବୃଆରୀ ମାସରେ କୋର୍ଟ



ରାଜଧାନୀରେ ଅଧିସୂଚିତ ଐତିହ୍ୟ ସ୍ଥଳ ପରିଚାଳନା କରୁଥିବା ବିଭିନ୍ନ କର୍ତ୍ତୃପକ୍ଷଙ୍କଠାରୁ ସ୍ଥିତି ରିପୋର୍ଟ ମଗାଯିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ୨୦୨୧ ଇନ୍‌ଟାକ୍ ରିପୋର୍ଟ ଅନୁଯାୟୀ , ଦିଲ୍ଲୀରେ ୧୧୦୦ ବିଜ୍ଞପିତ ଐତିହ୍ୟସ୍ଥଳ ରହିଛି । ତେବେ ୧୭୩ଟି ଐତିହ୍ୟସ୍ଥଳ ଏଏସ୍ ?ଆଇ ତତ୍ତ୍ୱାବଧାନରେ ରହିଛି । ଅନ୍ୟଗୁଡ଼ିକ ଦିଲ୍ଲୀ ପ୍ରତ୍ନତାତ୍ତ୍ୱିକ ବିଭାଗ, ନୂଆଦିଲ୍ଲୀ ମ୍ୟୁନିସିପାଲ କାଉନସିଲ (ଏମ୍ ?ଡିଏମ୍‌ସି) ଓ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନ ଅଧୀନରେ ଆସୁଛି । ଏହି ରିପୋର୍ଟକୁ ଧ୍ୟାନରେ ରଖି କୋର୍ଟ ଫେବ୍ରୁଆରି ୨ରେ ସମସ୍ତ ସମ୍ପୃକ୍ତ ଏଜେନ୍ସିକୁ ଜିଓ-ମ୍ୟାପିଂ ଏବଂ ଫଟୋଗ୍ରାଫ୍ ସହିତ ସ୍ମାରକୀଗୁଡ଼ିକର ସ୍ଥାନ, ସଂରକ୍ଷଣ ସ୍ଥିତି ଏବଂ ରକ୍ଷଣାବେକ୍ଷଣ ବିଷୟରେ ବିବରଣୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ମାର୍ଚ୍ଚ ୧୬ ତାରିଖରେ ଏଏସ୍ଆଇ ବ୍ୟତୀତ ଅନ୍ୟ ସମସ୍ତ ସଂସ୍ଥା ସେମାନଙ୍କ ଜବାବ ଦାଖଲ କରିଥିଲେ । ଖଣ୍ଡପୀଠ ଏ ନେଇ ଏଏସ୍ ?ଆଇକୁ କୋର୍ଟ ଅବମାନନା ନୋଟିସ ଜାରି କରିବା ସହିତ ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୩ରେ ରଖିଛନ୍ତି । କୋର୍ଟଙ୍କୁ ଆମିକସ୍ କ୍ୟୁରି ବରିଷ୍ଠ ଓକିଲ ଗୋପାଳ ଶଙ୍କରାନାରାୟଣନ ସହାୟତା କରିଥିଲେ ।

## ଲଦାଖରେ ବଡ ଧରଣର ହିମସ୍ଖଳନ, ୭ ମୃତ



ଲଦାଖ: ଲଦାଖରେ ବଡ ଧରଣର ହିମସ୍ଖଳନ । ଶ୍ରୀନଗର -ଲେହ ଜାତୀୟ ରାଜପଥରେ ଏକ ଭୟଙ୍କର ହିମସ୍ଖଳନ ହୋଇଛି । ଏହି ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ଏବେ ବି ବରଫ ଭିତରେ ବହୁ ଗାଡି ଫସି ରହିଛି । ଉଦ୍ଧାର କାର୍ଯ୍ୟ ଏବେ ବି ଜାରି ରହିଥିବାରୁ ମୃତ୍ୟୁ ସଂଖ୍ୟା ବଢିବା ଆଶଙ୍କା ରହିଛି । ଶ୍ରୀନଗର-ଲେହ ଜାତୀୟ ରାଜପଥର ଜୋଜିଲା ପାସ୍ ନିକଟରେ ଏହି ଅଘଟଣ ଘଟିଛି । ବିଶାଳ ବରଫ ଅତଡା ଧସି ପଡ଼ିବାରୁ ସେହି ରାସ୍ତାରେ ଯାଉଥିବା ଯାତ୍ରୀବାହୀ ଗାଡ଼ିଗୁଡ଼ିକ ଏହା ତଳେ ଚାପି ହୋଇଯାଇଥିଲା । ଭାରତୀୟ ସେନା, ପୋଲିସ ଏବଂ ବିଆରଓ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଆହତମାନଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ବରଫପାତ ଓ ହିମସ୍ଖଳନ ଯୋଗୁଁ ଶ୍ରୀନଗର -ଲେହ ରାଜପଥରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଶତାଧିକ ପର୍ଯ୍ୟଟକ ଓ ଯାନବାହାନ ସେଠାରେ ଫସି ରହିଥିବା ସୂଚନା ମିଳିଛି । ପ୍ରଶାସନ ପକ୍ଷରୁ ସେହି ଅଞ୍ଚଳରେ ହାଇ ଆଲର୍ଟ ଜାରି କରାଯାଇଛି ଏବଂ ସାଧାରଣ ଲୋକଙ୍କୁ ସେହି ରାସ୍ତାରେ ନଯିବାକୁ ପରାମର୍ଶ ଦିଆଯାଇଛି ।

# ଇରାନ ଯୁଦ୍ଧକୁ ଡେଇଁଲେ ହୁତି: ହର୍ମୁଜ୍ ପ୍ରଣାଳୀ ପରେ ବାବ୍ ଏଲ୍-ମାଣ୍ଡେବ ବନ୍ଦ ଆଶଙ୍କା ଘନେଇଲା

ତେହେରାନ: ଆମେରିକା-ଇସ୍ରାଏଲ-ଇରାନ ଯୁଦ୍ଧର ପରିସର ବୃଦ୍ଧି ପାଉଥିବା ପରି ମନେ ହେଉଛି । ଇସ୍ରାଏଲୀ ସେନା ଶନିବାର ସକାଳେ ରିପୋର୍ଟ କରିଛି ଯେ ସେମାନେ ୟେମେନରୁ ନିକ୍ଷେପ କରାଯାଇଥିବା ଏକ କ୍ଷେପଣାସ୍ତ୍ର ଚିହ୍ନଟ କରିଛନ୍ତି । ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହା ପ୍ରଥମ ଥର ପାଇଁ ୟେମେନରୁ ନିକ୍ଷେପ କରାଯାଇଥିବା କ୍ଷେପଣାସ୍ତ୍ର । ୟେମେନର ହୁତି ବିଦ୍ରୋହୀମାନେ ଗାଜା ଯୁଦ୍ଧ ସମୟରେ ହମାସ ଓ ପାଲେଷ୍ଟାଇନ ସମର୍ଥନରେ ଇସ୍ରାଏଲୀ ଏବଂ ଆମେରିକୀୟ ଜାହାଜଗୁଡ଼ିକୁ ଲୋହିତସାଗରରେ ପ୍ରବେଶ କରିବାରୁ ରୋକୁଥିଲେ । ଇରାନ ସମର୍ଥିତ ହୁତି ବିଦ୍ରୋହୀ ଇରାନ ବିରୋଧ କରାଯାଉଥିବା କାର୍ଯ୍ୟାନୁଷ୍ଠାନ ଜାରି ରହିଲେ



ପ୍ରତିଶୋଧ ନେବାକୁ ପ୍ରସ୍ତୁତ ବୋଲି କହିବାର ଗୋଟିଏ ଦିନ ପରେ ଏହି କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଛି । ତେବେ ହୁତିଙ୍କ ପକ୍ଷରୁ ଏନେଇ କେ ?ଣସି ନିର୍ଦ୍ଦିଷ୍ଟ ସୂଚନା ପ୍ରଦାନ କରାଯାଇନାହିଁ । ରିପୋର୍ଟ ଅନୁଯାୟୀ ହୁତି ବିଦ୍ରୋହୀମାନେ ଡିମୋନାରେ ଇସ୍ରାଏଲୀ ପରମାଣୁ ସ୍ଥଳ ଉପରେ ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛନ୍ତି । ଯୁଦ୍ଧରେ ହୁତି ବିଦ୍ରୋହୀଙ୍କ ସମ୍ପୃକ୍ତି ସମଗ୍ର ଅଞ୍ଚଳରେ ଏକ ବଡ଼ ସଂଘର୍ଷର ଆଶଙ୍କା ସୃଷ୍ଟି କରିଛି । ଏହି ଭୟ ଆହୁରି ତୀବ୍ର କାରଣ ହୁତି ବିଦ୍ରୋହୀମାନେ ୟେମେନର ସୀମା ବାହାରେ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିବା ଏବଂ ଆରବ ସାଗର ତଥା ଲୋହିତ ସାଗର ଚାରିପାଖରେ ସମୁଦ୍ର ପଥରେ ବାଧା ସୃଷ୍ଟି ଦେବାକୁ ସକ୍ଷମ । ସେମାନେ ପୂର୍ବରୁ ଇସ୍ରାଏଲୀ ଆକ୍ରମଣ ପରେ ଗାଜାରେ ହମାସକୁ ସମର୍ଥନ କରି ଏପରି କରିସାରିଛନ୍ତି ।

ଲେବାନନ୍ ଏବଂ ଇରାକରେ ଇରାନର ସିଆ ସହଯୋଗୀମାନେ ପୂର୍ବରୁ ଏହି ଆଞ୍ଚଳିକ ସଂଘର୍ଷରେ ଯୋଗ ଦେଇଛନ୍ତି । ଏବେ, ହୁତିଙ୍କ ଯୋଗଦାନ ସହିତ ଜଳପଥ ବାବ୍ ଏଲ୍-ମାଣ୍ଡେବ ବନ୍ଦ ହେବାର ଆଶଙ୍କା ଦେଖାଦେଇଛି । ବାବ୍ ଏଲ୍-ମାଣ୍ଡେବ ହେଉଛି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଜଳପଥ । ଏହା ୟେମେନ୍ ଏବଂ ଆଫ୍ରିକାର ଜିବୁତି ମଧ୍ୟରେ ଅବସ୍ଥିତ । ଏହା ଲୋହିତ ସାଗରକୁ ଆଡେନ୍ ଉପସାଗର ଏବଂ ଭାରତ ମହାସାଗର ସହିତ ସଂଯୋଗ କରେ । ଏହା ସ୍ୱେଜ୍ କେନାଲକୁ ଯିବା ପାଇଁ ଏକମାତ୍ର ସମୁଦ୍ର ପଥ, ଏବଂ ବିଶ୍ୱ ସାମୁଦ୍ରିକ ବାଣିଜ୍ୟର ପ୍ରାୟ ୧୦-୧୫ ପ୍ରତିଶତ ଏହା ଦେଇ ଗତି କରେ । ଇରାନ ପୂର୍ବରୁ ହର୍ମୁଜ୍ ପ୍ରଣାଳୀ ଉପରେ ଅବରୋଧ ଲଗାଇସାରିଛି । ଯଦି ହୁତିମାନେ ଏହାକୁ ମଧ୍ୟ ବନ୍ଦ କରିଦିଅନ୍ତି, ତେବେ ଏକ ବଡ଼ ଆର୍ଥିକ ସଙ୍କଟ ସୃଷ୍ଟି ହେବାର ଆଶଙ୍କା ରହିଛି ।।

# କୋହଲିଙ୍କ ଦକ୍ଷତା ମାନିଲା ଗିନିଜ୍ ବୁକ

**ନୂଆଦିଲ୍ଲୀ,୨୮।୩ :** ଆଇପିଏଲ ୨୦୨୬ ପୂର୍ବରୁ ଗିନିଜ ବୁକ ସୋସିଆଲ ମିଡିଆ ମାଧ୍ୟମରେ ବିରାଟ କୋହଲିଙ୍କ ପାଞ୍ଚଟି ଆଇପିଏଲ ରେକର୍ଡ ଉପରେ ଆଲୋକପାତ କରି ଏକ ପୋଷ୍ଟ ଶେୟାର କରିଛି। ଏହି ପୋଷ୍ଟ ସ୍ପଷ୍ଟ ଭାବରେ ସ୍ପଷ୍ଟ କରୁଛି ଯେ, ଗିନିଜ ୱାର୍ଲ୍ଡ ରେକର୍ଡ ମଧ୍ୟ 'କିଙ୍ଗ କୋହଲି'ଙ୍କ ରେକର୍ଡକୁ ସ୍ୱୀକାର କରିବାକୁ ବାଧ୍ୟ ହୋଇଛି। ବିରାଟ କୋହଲିଙ୍କ ମହାରେକର୍ଡ

କୋହଲି ଆଇପିଏଲ ଇତିହାସରେ ସର୍ବାଧିକ ରନ ସ୍କୋରର। ଆଜି ପର୍ଯ୍ୟନ୍ତ ସେ ୮,୬୬୧ ରନ ସଂଗ୍ରହ କରିଛନ୍ତି। ଗୋଟିଏ ଆଇପିଏଲ ସିଜିନରେ ସର୍ବାଧିକ ରନ ସ୍କୋର କରିବାର ରେକର୍ଡ ମଧ୍ୟ କୋହଲିଙ୍କ ନାମରେ ରହିଛି। ୨୦୨୬ ଆଇପିଏଲ ସିଜିନରେ, କୋହଲି ୯୭୩ ରନ କରିଥିଲେ। ଆଇପିଏଲ ଇତିହାସରେ ସର୍ବାଧିକ ଶତକ ହାସଲ କରିବାର ରେକର୍ଡ ମଧ୍ୟ କୋହଲିଙ୍କ ନାମରେ ଅଛି। ଏପର୍ଯ୍ୟନ୍ତ, କୋହଲି ୮ଟି ଶତକ ହାସଲ କରିଛନ୍ତି। କୋହଲି ଆଇପିଏଲ ଇତିହାସରେ ସର୍ବାଧିକ ଅର୍ଦ୍ଧଶତକ ହାସଲ କରିଥିବା ବ୍ୟାଟସମ୍ୟାନ ମଧ୍ୟ। ଆଜି ପର୍ଯ୍ୟନ୍ତ, ସେ ୬୩ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।



କୋହଲି ପଡ଼ିଆରେ ସର୍ବାଧିକ କ୍ୟାଚ୍ ନେଇଛନ୍ତି, ମୋଟ ୧୧୭ଟି କ୍ୟାଚ୍। ବିରାଟ କୋହଲି ଚଳିତ ସିଜିନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଦେଖାଯାଉଛନ୍ତି। ସିଜିନ ଆରମ୍ଭ ହେବା ପୂର୍ବରୁ କୋହଲି ଏକ ଆନ୍ତଃ-ସ୍କ୍ୱାଡ ମ୍ୟାଚ୍ ସମୟରେ ଚମତ୍କାର ଫର୍ମ ପ୍ରଦର୍ଶନ କରିଥିଲେ। ପ୍ରଥମ ଅଭ୍ୟାସ ମ୍ୟାଚ୍‌ରେ କୋହଲି ମାତ୍ର ୧୨ ବଲ୍‌ରେ ୨୯ ରନ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ସେ ମାତ୍ର ୧୯ ବଲ୍‌ରେ ୪୫ ରନ୍ର ଏକ ଧମାକାଦାର ଇନିଂସ ଖେଳିଥିଲେ। ଏହି ଇନିଂସଗୁଡ଼ିକ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ. କୋହଲି ସମ୍ପୂର୍ଣ୍ଣ ପ୍ରସ୍ତୁତ। କୋହଲିଙ୍କ ଆଇପିଏଲ କ୍ୟାରିଅର୍‌ରେ ଏପର୍ଯ୍ୟନ୍ତ ୨୬୭ ମ୍ୟାଚ୍ ଖେଳିଛନ୍ତି। ଏହି ମ୍ୟାଚଗୁଡ଼ିକରେ ୨୫୯ ଇନିଂସ୍‌ରେ ବ୍ୟାଟିଂ କରି କୋହଲି ୩୯.୫୪ ହାରରେ ଏବଂ ୧୩୨.୮୫ ଷ୍ଟ୍ରାଇକ ରେଟ୍ରେ ୮,୬୬୧ ରନ କରିଛନ୍ତି। ଏହି ସମୟ ମଧ୍ୟରେ ସେ ୮ଟି ଶତକ ଏବଂ ୬୩ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ତାଙ୍କ ସର୍ବାଧିକ ସ୍କ?ର ଅପରାଜିତ ୧୧୩। ବିରାଟ କୋହଲି ଆଇପିଏଲ୍ର ନୂଆ ଋତୁ ପାଇଁ ପ୍ରସ୍ତୁତ ହେଉଥିବାବେଳେ ତାଙ୍କ ବାହୁରେ ଥିବା ଏକ ଟାଟୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ଚର୍ଚ୍ଚାର କାରଣ ହେଉଛି ସେଥିରେ ଥିବା ପଦ୍ମଫୁଲ । ଏହାକୁ ନେଇ ସୋସିଆଲ ମିଡିଆରେ ଲୋକମାନେ ବିଭିନ୍ନ ପ୍ରକାରର ମନ୍ତବ୍ୟ ଦେଉଛନ୍ତି । କେତେକ ଏହାର ରାଜନୈତିକ ଅର୍ଥ ବି ବାହାର କରୁଛନ୍ତି ।ତେବେ ଏହି ଟାଟୁ ଆଙ୍କିଥିବା ଏଲିଏନ୍ସ ଟାଟୁ ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ ଏହି ଟାଟୁ ସଂପୂର୍ଣ୍ଣ ବାହୁରେ ଅଙ୍କାଯାଉଥିବା ଏକ ବଡ଼ ମଣ୍ଡଳ ଚିତ୍ରର ଅଂଶ । ଏଥିରେ ବିଭିନ୍ନ ଆକୃତିର ଟାଟୁ ରହିଛି । ଏହା ବିରାଟଙ୍କ ଜୀବନର ଯାତ୍ରା ଓ ସଂଘର୍ଷକୁ ଦର୍ଶାଉଛି । ତେବେ ଏହା ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ହୋଇନାହିଁ ଓ ଆଉ କିଛି କାମ ବାକିଅଛି । ବିରାଟ ନିଜର ବ୍ୟସ୍ତବହୁଳ ଜୀବନ ମଧ୍ୟରୁ କିଛି ସମୟ ବାହାର କରି ଏହି ଟାଟୁକୁ ସଂପୂର୍ଣ୍ଣ କରୁଛନ୍ତି । ପଦ୍ମ ଫୁଲ ସମ୍ପର୍କରେ ଏହି ଷ୍ଟୁଡିଓ ପକ୍ଷରୁ କୁହାଯାଇଛି ଯେ ଏହି ଫୁଲ ପଙ୍କରୁ ଫୁଟିଥାଏ । କିନ୍ତୁ ପଙ୍କିଳ ପରିବେଶରୁ ବାହାରି ମଧ୍ୟ ଏହା ନିର୍ମଳ ଓ ଶୁଦ୍ଧତାର ସହ ପରିପ୍ରକାଶ କରିଥାଏ । ଏହା ଶାନ୍ତି, ସହନଶୀଳତା ଓ ସଦ୍ଭାବର ବାର୍ତ୍ତା ବହନ କରିଥାଏ । ଠିକ୍ ସେହିପରିଏହା କୋହଲିଙ୍କ କ୍ୟାରିୟରର ବିଭିନ୍ନ ପର୍ଯ୍ୟାୟ ଓ ତାଙ୍କର ଶୃଙ୍ଖଳା ଓ ସଫଳତାକୁ ଦର୍ଶାଉଛି ।

# ଆଇପିଏଲକୁ ନେଇ ବାଂଲାଦେଶର ୟୁ-ଟର୍ଣ୍ଣ

**ନୂଆଦିଲ୍ଲୀ,୨୮।୩ :** ଆଇପିଏଲ ୨୦୨୬ର ସଂସ୍କରଣ ଠାରୁ ଆରମ୍ଭ ହେଉଛି। ଏହାପୂର୍ବରୁ ଆଇପିଏଲ ପ୍ରସଙ୍ଗରେ ୟୁ-ଟର୍ଣ୍ଣ ନେଇଛି ବାଂଲାଦେଶ। ଭାରତ ସହ ତିକ୍ତତା କାରଣରୁ ବାଂଲାଦେଶ ନିଜ ଦେଶରେ ବିଶ୍ୱର ଅନ୍ୟତମ ଲୋକପ୍ରିୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରସାରଣ ଉପରେ ବ୍ୟାନ ଲଗାଇଥିଲା।୨୦୨୬ ଆଇପିଏଲର କୌଣସି ମ୍ୟାଚ୍ ବାଂଲାଦେଶରେ ପ୍ରସାରଣ ହେବ ନାହିଁ ବୋଲି ଘୋଷଣା କରିଥିଲା। କିନ୍ତୁ ଆଇପିଏଲ ପ୍ରସାରଣ ଉପରେ ଲାଗିଥିବା ବ୍ୟାନକୁ ବାଂଲାଦେଶ ହଟାଇ ଦେଇଛି। ଅର୍ଥାତ ବାଂଲାଦେଶରେ ୨୦୨୬ ଆଇପିଏଲ ପ୍ରସାରଣ ହୋଇପାରିବ। ଏହି ଖବରକୁ ଦେଶର ନୂଆ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଜାହିର ଉଦ୍ଦିନ ସ୍ୱପ୍ନ ନିଶ୍ଚିତ କରିଛନ୍ତି।




ବାଂଲାଦେଶ ଜାତୀୟ ଟିମର ଦ୍ରୁତ ବୋଲର ମୁସ୍ତାଫିଜୁର ରହମାନଙ୍କୁ ଆଇପିଏଲରୁ ବାଦ ଦିଆଯିବା ପରେ ଢାକା ବିସିସିଆଇ ଉପରେ କ୍ଷୁବ୍ଧ ହୋଇଥିଲା। ଏଥିପାଇଁ ଆଇପିଏଲର ପ୍ରସାରଣ ଉପରେ ରୋକ ଲଗାଇ ଦେଇଥିଲା। ୨୦୨୬ ଆଇପିଏଲ ପୂର୍ବରୁ ହୋଇଥିବା ଅକ୍ସନରେ କେକେଆର ମୁସ୍ତାଫିଜୁରଙ୍କୁ ୯.୨୦ କୋଟି ଟଙ୍କାରେ କିଣିଥିଲା। ହେଲେ ଭାରତ-ବାଂଲାଦେଶ ମଧ୍ୟରେ ତିକ୍ତତା ଯୋଗୁ ବିସିସିଆଇ ପକ୍ଷରୁ ମୁସ୍ତାଫିଜୁରଙ୍କୁ ଦଳରୁ ବାଦ ଦେବାକୁ କେକେଆରକୁ କୁହାଯାଇଥିଲା। କେକେଆର ମଧ୍ୟ ମୁସ୍ତାଫିଜୁରଙ୍କୁ ଦଳରୁ କା?ଦେଇଥିଲା। ଏହି ଘଟଣା ଦୁଇ ଦେଶର ସମ୍ପର୍କକୁ ଆହୁରି ତିକ୍ତ କରିଥିଲା। ବିବାଦ ଯୋଗୁ ଭାରତ ଓ ଶ୍ରୀଲଙ୍କାରେ ଆୟୋଜିତ ଟି-୨୦ ବିଶ୍ୱକପରୁ ବାଂଲାଦେଶ ଓହରି ମଧ୍ୟ ଯାଇଥିଲା। ତେବେ ବାଂଲାଦେଶରେ ତାରିକ ରହମାନ ସରକାର ଆସିବା ପରେ ଦୁଇ ଦେଶ ମଧ୍ୟରେ ଥିବା ତିକ୍ତତା ଧୀରେଧୀରେ ସୁଧୁରିବାରେ ଲାଗିଛି। ଟି-୨୦ ବିଶ୍ୱକପରୁ ଓହରିବା ଭୁଲ ଥିଲା ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ ସ୍ୱୀକାର କରିବା ସହ ଏବେ ଏହାକୁ ସୁଧାରିବାକୁ ଚେଷ୍ଟା କରୁଛି। ଏସବୁ ଭିତିରେ ଜହିର ଉଦ୍ଦିନ ସ୍ୱପ୍ନ କହିଛନ୍ତି, "କେହି ବି ଆଇପିଏଲ ପ୍ରସାରଣ ପାଇଁ ଆମ ପାଖରେ ଆବେଦନ କରି ନାହାନ୍ତି। ଆମେ ଖେଳକୁ ରାଜନୀତି ସହ ମିକ୍ସ କରିବାକୁ ଚାହୁଁନୁ।

# ଅନ୍ତର୍ଜାତୀୟ ଡେବ୍ୟୁ କରିପାରିବେ ବୈଭବ

**ନୂଆଦିଲ୍ଲୀ,୨୮।୩ :** ହରାରେ ସ୍ପୋର୍ଟ୍ସ କ୍ଲବରେ ଅନୁଷ୍ଠିତ ୧୯ ବର୍ଷରୁ କମ ବିଶ୍ୱକପ ୨୦୨୬ର ଫାଇନାଲରେ ବୈଭବ ସୂର୍ଯ୍ୟବଂଶୀ ତାଙ୍କର ରୌଦ୍ର ରୂପ ଦେଖାଇଥିଲେ। ଇଂଲଣ୍ଡ ବିପକ୍ଷରେ ଫାଇନାଲ ମ୍ୟାଚ୍‌ରେ ବୈଭବ ୮୦ ବଲରେ ୧୭୫ ରନ କରିଥିଲେ। ଏହି ଇନିଂସରେ ଯୁବ ଭାରତୀୟ ବ୍ୟାଟ୍ସମ୍ୟାନ ୧୫ ଚୌକା ଏବଂ ସମାନ ଛକା ମାରିଥିଲେ। ବୈଭବଙ୍କ ବିଧ୍ୱଂସକାରୀ ଇନିଂସ ପାଇଁ ଟିମ ଇଣ୍ଡିଆ ୧୦୦ ରନରେ ନିର୍ଣ୍ଣାୟକ ମ୍ୟାଚ୍ ଜିତିଥିଲା। ଏହା ପରେ, ପ୍ରତ୍ୟେକ କ୍ରିକେଟ ପ୍ରଶଂସକଙ୍କ ଓଠରେ ପ୍ରଶ୍ନ ଥିଲା ବୈଭବ କାହିଁକି ଅନ୍ତର୍ଜାତୀୟ ଡେବ୍ୟୁ କରୁନଥିଲେ ?

ପ୍ରକୃତରେ, ବୈଭବଙ୍କ ଅନ୍ତର୍ଜାତୀୟ ଡେବ୍ୟୁରେ ଏକ ଆଇସିସି ନିୟମ ବାଧା ସୃଷ୍ଟି କରୁଥିଲା। ତଥାପି, ଆଜି ଏହି ପ୍ରତିବନ୍ଧକ ଉଠାଇ ଦିଆଯାଇଛି। ବିହାରର ବୈଭବଙ୍କ ବୟସ ୧୫ ବର୍ଷ। ସେ ୨୭ ମାର୍ଚ୍ଚ ୨୦୧୧ରେ ଜନ୍ମଗ୍ରହଣ କରିଥିଲେ। ଫଳସ୍ୱରୂପ, ସେ ଏବେ ଅନ୍ତର୍ଜାତୀୟ ଡେବ୍ୟୁ ପାଇଁ ଯୋଗ୍ୟ। ବୈଭବ



ସୂର୍ଯ୍ୟବଂଶୀଙ୍କ ଅନ୍ତର୍ଜାତୀୟ ଡେବ୍ୟୁରେ ସବୁଠାରୁ ବଡ଼ ବାଧା ଥିଲା ଆଇସିସିର ବୟସ ନୀତି। ୨୦୨୦ ମସିହାରେ, ଯୁବ ଖେଳାଳିଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ପାଇଁ ଆଇସିସି ଏକ ନିୟମ ପ୍ରଣୟନ କରିଥିଲା। ଏହି ନିୟମ ଅନୁଯାୟୀ ଆନ୍ତର୍ଜାତୀୟ କ୍ରିକେଟ ଖେଳିବା ପାଇଁ ଜଣେ ଖେଳାଳିଙ୍କ ବୟସ ଅତି କମରେ ୧୫ ବର୍ଷ ହେବା ଆବଶ୍ୟକ। ବର୍ତ୍ତମାନ, ବୈଭବ ୧୫ ବର୍ଷ ବୟସର। ସେହି ଦିନ ଦୂରରେ ନାହିଁ ଯେତେବେଳେ ତାଙ୍କୁ ତାଙ୍କର ଆନ୍ତର୍ଜାତୀୟ କ୍ୟାପ ପ୍ରଦାନ କରାଯିବ। ପ୍ରଶଂସକମାନେ ବୈଭବଙ୍କୁ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିବା ଦେଖିବାକୁ ଉତ୍ସାହିତ। ଘରୋଇ କ୍ରିକେଟ ବ୍ୟତୀତ, ବୈଭବ ସୂର୍ଯ୍ୟବଂଶୀ ଇଣ୍ଡିଆନ ପ୍ରିମିୟର ଲିଗରେ ମଧ୍ୟ ତାଙ୍କର ବ୍ୟାଟିଂ ଦକ୍ଷତା ପ୍ରମାଣିତ କରିଛନ୍ତି। ଗତଖ ୨୦୨୫ରେ, ସେ ସାତଟି ମ୍ୟାଚ୍ ଖେଳି ୨୫୨ ରନ କରିଥିଲେ, ଯେଉଁଥିରେ ଗୋଟିଏ ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ ଥିଲା। ଗୁଜରାଟ ବିପକ୍ଷରେ, ବୈଭବ ମାତ୍ର ୩୫ ବଲରେ ଶତକ ହାସଲ କରିଥିଲେ, ଯାହା ତାଙ୍କୁ ଲିଗରେ ଶତକ ହାସଲ କରିବାରେ ଦ୍ରୁତତମ ଭାରତୀୟ ବ୍ୟାଟ୍ସମ୍ୟାନ କରିଥିଲା। ଏହି ମ୍ୟାଚ୍‌ରେ, ବୈଭବ ୩୮ ବଲର ସମ୍ମୁଖୀନ ହୋଇ ୧୦୧ ରନ କରିଥିଲେ। ୧୮ ଟି-୨୦ ମ୍ୟାଚ୍‌ରେ, ବୈଭବ ୨୦୪.୩୭ ଷ୍ଟ୍ରାଇକ ରେଟରେ ୭୦୧ ରନ କରିଛନ୍ତି।

# ପଡିଆ ମଝିକୁ ପଶିଗଲା ବୁଲା କୁକୁର

**ନୂଆଦିଲ୍ଲୀ,୨୮।୩ :** ଆଇପିଏଲ୍ ମହାସମର ଆରମ୍ଭ ହୋଇଥିବାବେଳେ ଏବେ ଚର୍ଚ୍ଚାରେ ଦିଲ୍ଲୀ କ୍ୟାପିଟାଲ୍ସର ଷ୍ଟାର୍ ୱିକେଟକିପର ବ୍ୟାଟର ଅଭିଷେକ ପୋରେଲ । ତେବେ ଏହି ଚର୍ଚ୍ଚା ତାଙ୍କ ବ୍ୟାଟିଂ ପାଇଁ ନୁହେଁ ବରଂ ପଡ଼ିଆ ମଝିରେ ସେ ଦେଖାଇଥିବା ମାନବିକତା ପାଇଁ, ପିଲାଳିଆମି ପାଇଁ। ଅଭ୍ୟାସ ମ୍ୟାଚ୍ ଚାଲିଥିବା ବେଳେ କ୍ରିକେଟ୍ ନେଟରେ ଏହି ରୋଚକ ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି, ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଦିଲ୍ଲୀ କ୍ୟାପିଟାଲ୍ସର ଖେଳାଳିମାନେ ଅଭ୍ୟାସରେ ବ୍ୟସ୍ତ ଥିଲେ। ବୋଲରଙ୍କ ଶାଣିତ ବୋଲିଂ ଓ ବ୍ୟାଟରଙ୍କ ଛକା-ଚୌକା ବର୍ଷା ଭିତରେ ହଠାତ୍ ପଡ଼ିଆ ଭିତରକୁ ଏକ ବୁଲା କୁକୁର ପଶି



ଆସିଥିଲା। ପ୍ରାୟତଃ ଏଭଳି ସ୍ଥିତିରେ ସୁରକ୍ଷାକର୍ମୀମାନେ କୁକୁରକୁ ଗୋଡ଼ାଇ ବାହାର କରିବାକୁ ଚେଷ୍ଟା କରନ୍ତି, ଯାହା ଫଳରେ କୁକୁରଟି ଭୟଭୀତ ହୋଇ ଏପଟ ସେପଟ ଦୌଡ଼ିଥାଏ। କିନ୍ତୁ ଏଠାରେ ଦୃଶ୍ୟ ଥିଲା ସମ୍ପୂର୍ଣ୍ଣ ଅଲଗା।

କୁକୁରଟିକୁ ଦେଖି ଅଭିଷେକ ପୋରେଲ ନିଜ ଖେଳ ଅଟକାଇ ଦେଇଥିଲେ। ସେ ତାକୁ ଡରାଇବା ପରିବର୍ତ୍ତେ ଅତି ଶ୍ରଦ୍ଧାର ସହ ପାଖକୁ ଡାକିଥିଲେ। କୁକୁରଟି ମଧ୍ୟ ବିନା କୌଣସି ଭୟରେ ପୋରେଲଙ୍କ ପାଖକୁ ଆସି ଲାଙ୍ଗୁଡ଼ ହଲାଇବାକୁ ଲାଗିଥିଲା। ପୋରେଲ ତାକୁ କୋଳକୁ ଉଠାଇ ନେଇଥିଲେ ଏବଂ ଅତି ଯତ୍ନର ସହ ପଡ଼ିଆ ବାହାରେ ଛାଡ଼ି ଦେଇଥିଲେ। ପୋରେଲ୍ ଏବଂ ପାଟି ଫିଟୁନଥିବାର ସେ ଜୀବ ମଧ୍ୟରେ ଦେଖିବାକୁ ମିଳିଥିବା ସେ ସ୍ନେହଭରା ମୁହୂର୍ତ୍ତ ସେଠାରେ ଉପସ୍ଥିତ ସମସ୍ତଙ୍କ ହୃଦୟ ଜିତି ନେଇଥିଲା।

ବଡକଥା ହେଉଛି ଦିଲ୍ଲୀ କ୍ୟାପିଟାଲ୍ସ ଏହି ଭିଡିଓକୁ ଇନଷ୍ଟାଗ୍ରାମରେ ସେୟାର କରି ଲେଖିଛି "It was playtime । ଭିଡିଓଟି ଭାଇରାଲ୍ ହେବା ପରେ କ୍ରିକେଟ୍ ପ୍ରଶଂସକମାନେ ପୋରେଲଙ୍କୁ ଜଣେ 'ରିଅଲ୍ ହିରୋ' ବୋଲି କହିଛନ୍ତି । କେହି କେହି କହିଛନ୍ତି ଯେ, ପୋରେଲଙ୍କ ବ୍ୟାଟିଂ ଯେତିକି ସୁନ୍ଦର, ତାଙ୍କ ବ୍ୟକ୍ତିତ୍ୱ ମଧ୍ୟ ସେତିକି ଉଚ୍ଚକୋଟୀର। 'ଜୀବଜନ୍ତୁଙ୍କ ପ୍ରତି ଏଭଳି ସମ୍ବେଦନଶୀଳତା ହିଁ ଜଣେ ଖେଳାଳିକୁ ପ୍ରକୃତ ମଣିଷ ବନାଏ ଏହିଭଳି ଅନେକ ମନ୍ତବ୍ୟରେ ସୋସିଆଲ ମିଡିଆ ଭରି ଯାଇଛି।

ଏପଟେ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ ନିଜର ପ୍ରଥମ ମ୍ୟାଚ୍ ଆସନ୍ତା ଏପ୍ରିଲ୍ ୧ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ବିପକ୍ଷରେ ଖେଳିବ।

# ଜାମିନରେ ଖଲାସ ହେଲେ ଟାଇଗର

**ଆଇଲାଣ୍ଡ,୨୮।୩ :**ବିଶିଷ୍ଟ ଗଲ୍ଫ ଖେଳାଳି ଟାଇଗର ଉଡ୍ସ ନିଶାଗ୍ରସ୍ତ ଅବସ୍ଥାରେ ଡ୍ରାଇଭିଂ



କରିଥିବା ଅଭିଯୋଗରେ ପୋଲିସ ଦ୍ୱାରା ଗିରଫ ହେବାପରେ ଶୁକ୍ରବାର ବିଳମ୍ବିତ ରାତିରେ ଜାମିନରେ ଖଲାସ ହୋଇଛନ୍ତି। ଉଡ୍ସଙ୍କ ଲାଣ୍ଡରୋଭର ଏକ ଟ୍ରକ୍ ଧକ୍କା ଦେଇଥିଲା। ଏନେଇ ଉଡ୍ସଙ୍କ ବ୍ରିଥାଲାଇଜର ଟେଷ୍ଟ କରାଯାଇଥିଲା। ସେ ମଦ୍ୟପାନ କରି ନ ଥିବା ଜଣାପଡ଼ିଥିଲା। ମାତ୍ର ସେ ମୂତ୍ର ପରୀକ୍ଷାକୁ ମନା କରି ଦେଇଥିଲେ। ଅନ୍ୟପକ୍ଷେ ସେ କୌଣସି ନିଶାଦ୍ରବ୍ୟ ସେବନ କରିଥିବା ଅନୁମାନ କରାଯାଉଛି। ଫ୍ଲୋରିଡା ଆଇନ ଅନୁସାରେ ଜାମିନ ପାଇବା ପୂର୍ବରୁ ଜଣକୁ ଅତିକମ୍‌ରେ ୮ବର୍ଷ ଜେଲ୍‌ରେ ରହିବାକୁ ପଡ଼ିବ। ଉଡ୍ସଙ୍କ ମ୍ୟାନେଜର ଘଟଣା ସମ୍ପର୍କରେ କୌଣସି ମନ୍ତବ୍ୟ ଦେଇ ନାହାନ୍ତି।

# ଓମ୍‌ଙ୍କ ଦ୍ୱିଶତକ, ଫାଇନାଲରେ ରେଡ୍ ଷ୍ଟାର୍-ଏଲଏଲସିସି ଟକ୍କର

**ନୂଆଦିଲ୍ଲୀ,୨୮।୩ :** ସ୍ଥାନୀୟ ଆଇଆରସିରେ ଚାଲିଥିବା ୧୪ ବର୍ଷରୁ କମ ୫ମ ଏଲଏଲସିସି ଡ୍ୟୁଜ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଇତିହାସ ରଚିଛନ୍ତି ରେଡ ଷ୍ଟାରର ଓମ ଶ୍ରୀ ସାହୁ। ସେ ଟୁର୍ଣ୍ଣାମେଣ୍ଟ ଇତିହାସରେ ପ୍ରଥମ ଖେଳାଳି ଭାବେ ମାରିଛନ୍ତି ଦ୍ୱିଶତକ। ସେମି ଫାଇନାଲ ମ୍ୟାଚ୍‌ରେ ରେଡ ଷ୍ଟାର ଆଗରେ ୨୫୪ ରନର ଟାର୍ଗେଟ ଥିବା ବେଳେ ଓମ ଏକାକୀ କରିଛନ୍ତି ଅପରାଜିତ ୨୧୭ ରନ। ୪୯ଟି ଚୌକା ବଳରେ ମାତ୍ର ୧୨୪ ବଲରେ ସେ ଖେଳିଛନ୍ତି ଏତେ ବଡ ଇନିଂସ।ତାଙ୍କ ଦ୍ୱିଶତକ ଯୋଗୁ ରେଡ ଷ୍ଟାର ଏକତରଫା ଭାବେ ପାରାମାଉଣ୍ଟ ସ୍ୱ ?ର୍ଟିଂକୁ ୧୦ ୱିକେଟରେ ହରାଇ ଫାଇନାଲରେ ପ୍ରବେଶ କରିଛି। ରବିବାର ଫାଇନାଲରେ ଦଳର ମୁକାବିଲା ଆୟୋଜକ ଏଲଏଲସିସି ସହ ହେବ। ପ୍ରଥମ ସେମିରେ ଏଲଏଲସିସି ୯୪




ରନରେ ସହିଦ ସ୍ୱ ?ର୍ଟିଂକୁ ହରାଇଥିଲା। ଦ୍ୱିତୀୟ ସେମି ଫାଇନାଲରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ପାରାମାଉଣ୍ଟ ନିର୍ଦ୍ଧାରିତ ୩୫ ଓଭରରେ ୫ ୱିକେଟ ହରାଇ ୨୫୩ ରନ କରିଥିଲା। ଦଳ ପକ୍ଷରୁ ଆୟୁଷ କୁମାର ତ୍ରିପାଠୀ ଅପରାଜିତ ୯୪ ରନ କରିଥିବା ବେଳେ ସୁସଙ୍କତ ରାଉତରାୟ ୬୬ ରନ ଓ ଅଧିନାୟକ ଆୟୁଷ୍ମାନ ପାତ୍ର ୪୦ ରନର ଇନିଂସ ଖେଳିଥିଲେ। ଫାଇନାଲ ଟିକେଟ ପାଇଁ ୨୫୪ ରନ ଆବଶ୍ୟକ କରୁଥିବା ରେଡ ଷ୍ଟାର ପାଇଁ ଓମ ଶ୍ରୀ ସାହୁ କମାଲ କରିଥିଲେ। ସେ ଏକାକୀ ଦଳକୁ ବିଜୟ ଆଡକୁ ନେଇ ଯାଇଥିଲେ। ଅନ୍ୟତମ ଓପନର ଅମିତ କୁମାର ସାହୁ ଧିମା ଖେଳୁଥିବା ବେଳେ ଓମ କିନ୍ତୁ ନିଜର ଆଟାକିଂ ଖେଳ ଜାରି ରଖିଥିଲେ। ଅମିତ ୭୨ ବଲରେ ୩୨ ରନ କରି ରିଟାର୍ଡ଼ ଆଉଟ ହୋଇଥିଲେ ହେଁ ଓମ ଶ୍ରୀ ଶେଷ ଯାଏ ଅପରାଜିତ ରହି ଦଳକୁ ୩୨.୩ ଓଭରରେ ବିଜୟ ଭେଟି ଦେଇଥିଲେ। ୧୨୪ ବଲରେ ଅପରାଜିତ ୨୧୭ ରନ ଓ ବୋଲିଂରେ ଦୁଇଟି ୱିକେଟ ନେଇଥିବା ଓମ ଶ୍ରୀ ସାହୁଙ୍କୁ ଆଶିଷ ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଦେଇଛନ୍ତି।

# ଖେଳାଳିଙ୍କ ଉପରେ କଟକଣା ଲଗାଇଲା ଇରାନ

**ତେହେରାନ,୨୮।୩ :** ଇରାନ ଶତ୍ରୁରାଷ୍ଟ୍ର ଭାବେ ବିବେଚନା ଦେଶଗୁଡ଼ିକୁ ଖେଳାଳିଙ୍କ ଗସ୍ତ ଉପରେ କଟକଣା ଜାରି କରିଛି। ସାଉଦି ଆରବରେ ଟ୍ରାକ୍ଟର ଏଫ୍ସି ବିପକ୍ଷ ଗେମ୍ ପୂର୍ବରୁ ଇରାନ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏହା ଘୋଷଣା କରାଯାଇଛି। ତେବେ ଜୁନ୍ ୧୧ରୁ ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଓ ମେକ୍ସିକୋରେ ଆରମ୍ଭ ହେବାକୁଥିବା ବିଶ୍ୱକପ୍ରେ ଇରାନର ଅଂଶଗ୍ରହଣ ଉପରେ କୌଣସି ସୂଚନା ଦିଆଯାଇ ନାହିଁ।

ଦୁବାଇର ଶାବାବ ଅଲ୍ ଅହଲି ବିପକ୍ଷ ଟ୍ରାକ୍ଟର ଗେମ୍ ସାଉଦି ଆରବରେ ଖେଳାଯିବା କାର୍ଯ୍ୟକ୍ରମ ଥିଲା। ଏହା ଏସିଆନ ଚାମ୍ପିୟନ୍ସ ଲିଗ୍ ଏଲିଟ୍ର ଏକ ପ୍ଲେ-ଅଫ୍ ମ୍ୟାଚ୍। ପରବର୍ତ୍ତୀ ନିର୍ଦ୍ଦେଶନାମା ଜାରି କରା ନ ଯିବା ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ। ବର୍ତ୍ତମାନ ପରିସ୍ଥିତିରେ ଶତ୍ରୁ ରାଷ୍ଟ୍ରଗୁଡ଼ିକ ସେମାନଙ୍କ ଖେଳାଳିଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦେଇ ପାରିବେ ନାହିଁ ବୋଲି ଇରାନ କର୍ତ୍ତୃପକ୍ଷ ମନେ କରୁଛନ୍ତି।

ଇରାନ ଯୁଦ୍ଧ ଯୋଗୁ ଏହି ଦେଶର ଆଖପାଖରେ ଥିବା ମଧ୍ୟ ପ୍ରାଚ୍ୟର ପ୍ରାୟ ପ୍ରତ୍ୟେକ ଦେଶ ପ୍ରଭାବିତ ହୋଇଛନ୍ତି। କ୍ଷେପଣାସ୍ତ୍ର ହେଉ କିମ୍ବା ଡ୍ରୋନ ଅବା ବୋମାମାଡ଼ ଯୋଗୁ କ୍ଷତିଗ୍ରସ୍ତ ହୋଇଛନ୍ତି। ବୁଧବାର ଏସିଆନ ଫୁଟ୍ବଲ କନଫେଡେରେଶନ ଡ୍ର'ର ଫଳସ୍ୱରୂପ ସାଉଦିଆରବରେ ଟ୍ରାକ୍ଟର ବିପକ୍ଷ ପ୍ଲେଅଫ୍ ଗେମ୍ ଆୟୋଜନ କରାଯାଇଛି। ଏଥିରୁ କ୍ୱାର୍ଟରଫାଇନାଲ ଯୋଡ଼ି ନିର୍ଦ୍ଧାରିତ ହେବ।

# ବ୍ରିକ୍ସ ସିସିଆଇ ଡବ୍ଲ୍ୟୁଇ ଶିଖର ସମ୍ମିଳନୀ

**ଭୁବନେଶ୍ୱର,୨୮।୩ :** ବ୍ରିକ୍ସ ସିସିଆଇ ଡବ୍ଲ୍ୟୁଇ (ମହିଳା ସଶକ୍ତିକରଣ) ବାର୍ଷିକ ମହିଳା ସମ୍ମିଳନୀ ଏବଂ ସମ୍ବର୍ଦ୍ଧନା




୨୦୨୬ ର ଷଷ୍ଠ ସଂସ୍କରଣକୁ ସମ୍ବୋଧିତ କରି ଯୁବ ବ୍ୟାପାର ଏବଂ କ୍ରୀଡ଼ା ରାଷ୍ଟ୍ର ମନ୍ତ୍ରୀ ଶ୍ରୀମତୀ ରକ୍ଷା ଖଡସେ କହିଛନ୍ତି, '୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବା ପାଇଁ ଭାରତର ଲକ୍ଷ୍ୟ ଅନ୍ତର୍ଭୂକ୍ତ ଅଭିବୃଦ୍ଧିରେ ଦୃଢ଼ ଭାବରେ ନିହିତ ହୋଇଛି, ଯେଉଁଥିରେ ମହିଳା ସଶକ୍ତିକରଣ ଏକ କେନ୍ଦ୍ରୀୟ ସ୍ତମ୍ଭ ଅଟେ । ନବସୃଜନ ଏବଂ ଉଦ୍ୟମିତା ସୁଯୋଗ ସହିତ ଭାରତର ଯୁବକ ଏବଂ ମହିଳାଙ୍କୁ ସଶକ୍ତ କରିବା ରାଷ୍ଟ୍ର ନିର୍ମାଣର ଚାବିକାଠି ।' ବ୍ରିକ୍ସ ଏବଂ ସହଯୋଗୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଉଦ୍ୟୋଗ, ବାଣିଜ୍ୟ ଏବଂ ବ୍ୟବସାୟକୁ ପ୍ରୋତ୍ସାହନ ଦେବା ଲାଗି ଉତ୍ସର୍ଗୀକୃତ ଏକ ଅଣ-ଲାଭକାରୀ ସଂସ୍ଥା ବ୍ରିକ୍ସ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ବ୍ରିକ୍ସ ସିସିଆଇ ଡବ୍ଲ୍ୟୁଇ)ର ମହିଳା ସଶକ୍ତିକରଣ ଭର୍ଟିକାଲ ବ୍ରିକ୍ସ ଡବ୍ଲୁବିଏ (ମହିଳା ବ୍ୟବସାୟ ମେଂଟ) ସହଯୋଗରେ ନବସୃଜନ, ବିଜ୍ଞାନ ନେତୃତ୍ୱ, ନବସୃଜନ ଏବଂ ଉଦ୍ୟମିତା (ଡବ୍ଲ୍ୟୁଇଏସଇ) ପ୍ରେରଣାଦାୟୀ ପରିବର୍ତ୍ତନ, ଆକୃତି ଭବିଷ୍ୟତର ବିଷୟବସ୍ତୁ ଉପରେ ତିନି ଦିନିଆ ଶିଖର ସମ୍ମିଳନୀ (ମାର୍ଚ୍ଚ ୨୧-୨୩) ଆୟୋଜନ କରିଥିଲା । ସ୍ୱାଗତ ଭାଷଣ ଦେଇ ବ୍ରିକ୍ସ ସିସିଆଇ ଡବ୍ଲ୍ୟୁଇ (ମହିଳା ସଶକ୍ତିକରଣ)ର ସଭାପତି ସୁଶ୍ରୀ ରୁବି ସିହ୍ନା କହିଛନ୍ତି, "ଏହି ସମ୍ମିଳନୀ ହେଉଛି କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ । ଶକ୍ତିଶାଳୀ ଇକୋସିଷ୍ଟମ୍ ନିର୍ମାଣ, ଅଧିକ ଉପଲବ୍ଧତାକୁ ସକ୍ଷମ କରିବା ଏବଂ ମହିଳାଙ୍କ ନେତୃତ୍ୱାଧୀନ ଉଦ୍ଭାବନରେ ବିନିଯୋଗ କରିବା ଆମର ସାମୂହିକ ଦାୟିତ୍ୱ ।

# 'ଲେଟସ୍ ସଟଲ୍ ୪.୦' ମାଷ୍ଟର୍ସ ଉଦଘାଟିତ

**ଭୁବନେଶ୍ୱର,୨୮।୩ :** ଓଡ଼ିଶାର ବୃହତ୍ତମ ବ୍ୟାଡ୍ମିଣ୍ଟନ ପ୍ରତିଯୋଗିତା 'ଲେଟସ୍ ସଟଲ୍ ୪.୦'ର ଗ୍ରାଣ୍ଡ୍ ଫାଇନାଲ୍



ଶୁକ୍ରବାରଠାରୁ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଇନଡୋର୍ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଛି। ଚଳିତ ସଂସ୍କରଣ ଲାଗି ସାରା ରାଜ୍ୟରୁ ମୋଟ ୧୫୦୦ ପ୍ରତିଯୋଗୀ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫୦ ଜଣ ମାଷ୍ଟର୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଏହାର ପ୍ରାରମ୍ଭିକ ପର୍ଯ୍ୟାୟ ରାଜ୍ୟର ୧୫ ସହର ସମ୍ବଲପୁର, ରାଉରକେଲା, ପୁରୀ, ନିମାପଡ଼ା, ଝାରସୁଗୁଡ଼ା, ଜୟପୁର, ଯାଜପୁର, କଟକ, ବଲାଙ୍ଗୀର, ଭୁବନେଶ୍ୱର, ବ୍ରହ୍ମପୁର, ବାରିପଦା ଓ ଅନୁଗୁଳରେ ଅନୁଷ୍ଠିତ ହୋଇଥିଲା। ଏହି ପର୍ଯ୍ୟାୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳଗୁଡ଼ିକ 'ମାଷ୍ଟର୍ସ' ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ପାଞ୍ଚଟି ବର୍ଗରେ ଆୟୋଜିତ ହେଉଛି। ନାଲକୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହି ପ୍ରତିଯୋଗିତାକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ରୁଚି ଫୁଡ୍‌ଲାଇନ୍ର ନିର୍ଦ୍ଦେଶିକା ସଂଗୀତା ସାହୁ, ଇଣ୍ଡିଆନ୍ ଅଏଲ୍ କର୍ପୋରେଟ୍ ଯୋଗାଯୋଗ ବିଭାଗ ମହାପ୍ରବନ୍ଧକ ସୁସ୍ମିତା ତ୍ରିପାଠୀ, ଇଷ୍ଟର୍ଣ୍ଣ ମିଡିଆ ଲିଃର ନିର୍ଦ୍ଦେଶିକା ମୋନିକା ନୈୟାର ପଟ୍ଟନାୟକ, 'ସମ୍ବାଦ' ଓ 'କନକ ନ୍ୟୁଜ୍' ସଂପାଦକ ତନୟା ପଟ୍ଟନାୟକ ଉପସ୍ଥିତ ଥିଲେ।

# ନେକ୍ସସ ପକ୍ଷରୁ 'ଦି ବ୍ଲୁମ ଫେଷ୍ଟ'

**ଭୁବନେଶ୍ୱର,୨୮।୩ :** ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ, ଭୁବନେଶ୍ୱରସ୍ଥିତ ନେକ୍ସସ ଏସପ୍ଲାନେଡ଼ ପକ୍ଷରୁ ଦି ବ୍ଲୁମ ଫେଷ୍ଟ ୨୦୨୬ ଆୟୋଜିତ ହୋଇଯାଇଛି। ମାର୍ଚ୍ଚ ୦୬ରୁ ୦୮ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ତିନିଦିନିଆ ପୁଷ୍ପ ମହୋତ୍ସବ ସମ୍ପୂର୍ଣ୍ଣ ମଲକୁ ଏକ ଜୀବନ୍ତ ଫୁଲ ବଗିଚାରେ ପରିଣତ କରିବା ସହିତ ସ୍ଥାନୀୟ ସମୁଦାୟକୁ ଏକାଠି କରିବା ପାଇଁ ଏକ ଆକର୍ଷଣୀୟ ମାଧ୍ୟମ ସାଜିଥିଲା। ଗୋଟିଏ ଛାତ ତଳେ ରହି, ଏହି ଉତ୍ସବ ସୃଜନଶୀଳତା, ପ୍ରାକୃତିକ ପୃଥିବୀ ଏବଂ ସାମ୍ପ୍ରଦାୟିକ ଭାବ ଧାରାକୁ ଏକାଠି କରିପାରିଥିଲା। ସ୍ଥାନୀୟ ନର୍ସରୀକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏକ ଗୋଷ୍ଠୀଭିତ୍ତିକ ପ୍ରକଳ୍ପ ଅଧିନରେ ଚାରୋଟି ନର୍ସରୀକୁ ସେମାନଙ୍କର ବିଦେଶୀ ଗଛ ଏବଂ ଫୁଲ ପ୍ରଦର୍ଶନ କରିବା ପାଇଁ ମାଗଣା ସ୍ଥାନ ଯୋଗାଇ ଦିଆଯାଇଥିଲା। ଏହା ଗ୍ରାହକମାନଙ୍କୁ ବିଭିନ୍ନ ପ୍ରକାରର ଗଛ ସହିତ ପରିଚିତ କରାଇବା ସହ ସ୍ଥାନୀୟ ବ୍ୟବସାୟୀଙ୍କୁ ସହାୟତା କରିବାର ଏକ ସୁଯୋଗ ଦେଇଥିଲା। କାର୍ଯ୍ୟକ୍ରମରେ ଅନେକ ଅଂଶଗ୍ରହଣକାରୀଙ୍କ ସୃଜନଶୀଳତା ବୃଦ୍ଧି ପାଇଁ ବିଭିନ୍ନ ପ୍ରକାରର ପାରସ୍ପରିକ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ବାସ୍ତବରେ ଏକ ଉଲ୍ଲସିତକାରୀ ସୃଜନଶୀଳ କର୍ମଶାଳା ଭାବରେ ନିଜସ୍ୱ ଆଗ୍ରହ ଯାହାକି ସପର୍ସମାନଙ୍କୁ ଅଂଶଗ୍ରହଣ କରିବା ପାଇଁ ଉତ୍ସାହ ପ୍ରଦାନ କରିଥିଲା ସେଥିରେ ବିଶେଷ ଭାବରେ ରହିଥିଲା ନେଲ ଆର୍ଟ, ବୁଣାକାରୀ କଳା, ରେସିନ୍ ଆର୍ଟ, ମେହେନ୍ଦୀ ଏବଂ ମାଟିକାମ ଭଳି ଶିକ୍ଷଣୀୟ ତଥା ମନୋରଞ୍ଜନଧର୍ମୀ କର୍ମଶାଳା।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ